

ଟିପ୍‌ପଣୀ

# ୧

# ଯୋଗାଯୋଗ : ଏକ ପରିଚୟ

ଆପଣଙ୍କ ଜନ୍ମ ଆପଣଙ୍କ ମାତା-ପିତାଙ୍କ ପାଇଁ ଅତି ଆନନ୍ଦ ଉଲ୍ଲାସର ବିଷୟ ଅଟେ । ଜନ୍ମ ହେବାର ଠିକ୍ ପରେ ପରେ ପ୍ରଥମ ଥର ଆପଣ କାନ୍ଦି କରି ସମସ୍ତଙ୍କୁ ଜଣାଇଦେଲେ ଯେ ଏ ଦୁନିଆକୁ ଆପଣ ଆସିଗଲେ । ଭୋକ ଲାଗିଲେ ଆପଣ କାନ୍ଦିଲେ ଏବଂ ମା ବୁଝିଗଲେ ଆପଣଙ୍କୁ ଭୋକ ଲାଗୁଛି । ସେ ଖିର ପିଆଇଲେ । ଆପଣ ଯେତେବେଳେ ଶିଶୁ ଥିଲେ ଆପଣଙ୍କ ଦେହକୁ ଦେଖି ଆପଣଙ୍କ ମା ବୁଝିପାରିଥିଲେ କି ଆପଣଙ୍କ ସ୍ୱାସ୍ଥ୍ୟ ଠିକ୍ ନାହିଁ, କିମ୍ବା ଆପଣ ବିଚଳିତ ଅଛନ୍ତି । ମାସକ ପରେ ଆପଣ ଯେତେବେଳେ ପ୍ରଥମ ଶବ୍ଦ ଉଚ୍ଚାରଣ କଲେ ଆପଣଙ୍କ ମାତା ପିତା ଖୁସିରେ ଗଦ୍‌ଗଦ୍ ହୋଇଗଲେ । ଏହା ସାଙ୍ଗରେ ହଁ, ନା ତଥା ବାୟ କହିବା ଇତ୍ୟାଦି ପାଇଁ ଆପଣ ମୁଣ୍ଡ, ହାତ ବୁଲାଇବା ଆରମ୍ଭ କରିଦେଲେ । ଧିରେ ଧିରେ ଆପଣ କହିବା ଆରମ୍ଭ କଲେ । ଆପଣ ପ୍ରଶ୍ନ ପଚାରିବା ଆରମ୍ଭ କଲେ କାରଣ ଆପଣ ଆପଣଙ୍କ ଚାରିପାଖରେ ଥିବା ବିଷୟ ସଂପର୍କରେ ଜାଣିବାପାଇଁ ପ୍ରବଳ ଇଚ୍ଛା ପ୍ରକାଶ କଲେ । କିଛି ଦିନ ପରେ ଆପଣ ବିଦ୍ୟାଳୟକୁ ଗଲେ ଏବଂ ବର୍ଣ୍ଣଶିକ୍ଷା ଆରମ୍ଭ କଲେ । ଆଜି ଆପଣ ଆପଣଙ୍କୁ ଉପସ୍ଥାପନା କରିବାପାଇଁ କଥା କହି ପାରୁଛନ୍ତି, ଲେଖିପାରୁଛନ୍ତି, ଭାବ ଭଙ୍ଗି ବ୍ୟକ୍ତ କରୁଛନ୍ତି ତଥା ଏହି ଅଧ୍ୟାୟର ଉଦ୍ଦେଶ୍ୟରେ କୁହାଯାଇପାରିବ ଯେ ଆପଣ ଅନ୍ୟ ମାନଙ୍କ ସାଙ୍ଗରେ ଯୋଗାଯୋଗ କରିପାରିଛନ୍ତି ।

କିନ୍ତୁ ଯୋଗାଯୋଗ କ'ଣ ? ଏହି ପାଠ୍ୟରେ ଆପଣ ଶିକ୍ଷା କରିବେ କି ଏହା କ'ଣ, ଆମେ କାହିଁକି ଏବଂ କିପରି କରିଥାଉ ତଥା ଯୋଗାଯୋଗର ବିଭିନ୍ନ ପ୍ରକାର କ'ଣ ଅଟେ ?

## ଉଦ୍ଦେଶ୍ୟ

ଏହି ପାଠର ଅଧ୍ୟୟନ ପରେ ଆପଣ ନିମ୍ନଲିଖିତ ଜିନିଷ କରିପାରିବେ:-

- ଯୋଗାଯୋଗର ବ୍ୟାଖ୍ୟା ତଥା ମନୁଷ୍ୟ ଯୋଗାଯୋଗ କାହିଁକି କରେ
- ଏହା ଜଣାଇବା କି ଆମେ କିପରି ଶବ୍ଦଗତ ବା ଅଶବ୍ଦଗତ ଯୋଗାଯୋଗ କରିଥାଉ ।
- ଯୋଗାଯୋଗର ବିଭିନ୍ନ ପ୍ରକାର ଭେଦ
- ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯୋଗାଯୋଗର ଅର୍ଥ ସଂପର୍କରେ ଆଲୋଚନା
- ବ୍ୟକ୍ତି ବ୍ୟକ୍ତି ଦୂରତା ଯୋଗଯୋଗର ବ୍ୟାଖ୍ୟା ତଥା ମହତ୍ତ୍ୱ ।
- ସାମୂହିକ ଯୋଗାଯୋଗ ତଥା ଜନ ଯୋଗାଯୋଗ ମଧ୍ୟରେ ବିଭେଦ

## 1.1 ମାନବୀୟ ଯୋଗାଯୋଗର ଭାବାର୍ଥ

ଆମେ ଯେତେବେଳେ ଆମ ଚିନ୍ତାଧାରାକୁ କାହାସାଙ୍ଗରେ ବାଣ୍ଟିବାପାଇଁ କିମ୍ବା କାହାକୁ ସୂଚନା ଦେବାପାଇଁ ଚିନ୍ତା କରୁ ସେତେବେଳେ ଏ କାମ ଦୁଇ ପ୍ରକାରରେ କରିଥାଉଁ । ହୋଇପାରେ ଆମେ କାହାକୁ ଡାକିକରି କହୁ କିମ୍ବା ବିନା ଶବ୍ଦର ବ୍ୟବହାରରେ ଏହା କରିଥାଉ । ମାନବ ଇତିହାସକୁ ପର୍ଯ୍ୟାଲୋଚନା କଲେ ଏହା ଜାଣିବାକୁ ମିଳେ ଯେ ମଣିଷ କଥା କହିପାରୁ ନଥିଲା ଯେପରି ଆମେ ଆଜି କହିପାରୁଅଛୁ ।



(ଚିତ୍ର : 1.1ଦୁଇ ବ୍ୟକ୍ତିଙ୍କ ଦ୍ୱାରା ନିଜ ନିଜ ଭିତରେ ଅଭିନନ୍ଦନ



1.2 ପ୍ରାଗ୍‌ଐତିହାସିକ ମଣିଷ)

ଟିପ୍ପଣୀ

ଯେଉଁପ୍ରକାର ଶବ୍ଦ ଏବଂ ଭାଷାର ପ୍ରୟୋଗ ଆଜି ଆମେ କରୁଛୁ ଏହା ମାନବ ଇତିହାସରେ ବହୁ ବିଳମ୍ବରେ ବିକଶିତ ହୋଇଥିଲା, ଯେପରି ଆଦିମ ମଣିଷ କୌଣସି ଶବ୍ଦର ପ୍ରୟୋଗ ନକରି ନିଜର ଭାବ ତଥା ଅନୁଭବ ପ୍ରକାଶିତ କରିବାରେ ସକ୍ଷମ ହେଉଥିଲା । ସେ ନିଜର ମୁହଁ, ମୁଣ୍ଡ ତଥା ହାତ ଯେପରି ଶରୀରର ଅଙ୍ଗ ପ୍ରତ୍ୟେଙ୍ଗର ପ୍ରୟୋଗଦ୍ୱାରା ନିଜର ଅନେକ ଗୁଡିଏ ଅଭିବ୍ୟକ୍ତିକୁ କହି ଦେଉଥିଲା । କାଳକ୍ରମେ ଭାଷାର ବିକାଶ ହେଲା ତଥା ମଣିଷ ଜଣେ ଅନ୍ୟ ଜଣଙ୍କ ସହିତ ନିଜର ଭାବ ପ୍ରକାଶ ପାଇଁ ଶବ୍ଦର ପ୍ରୟୋଗ କରିବାକୁ ଲାଗିଲା । ଅକ୍ଷର ସଂଗେ ସଂଗେ ଲେଖନର ଆରମ୍ଭ ହେଲା ଏବଂ ମଣିଷ ନିଜର ବିଚାର, ଚିନ୍ତା ଏବଂ ଭାବର ଆଦାନ ପ୍ରଦାନ ପାଇଁ ଏକ ପ୍ରଭାବଶାଳୀ ମାଧ୍ୟମ ମିଳିଗଲା ।


## 1.2 ଯୋଗାଯୋଗ ଆମେ କାହିଁକି କରୁ

ଆମେ ସମାଜରେ ବାସ କରୁ । ଆମ ବ୍ୟତୀତ ଏ ସମାଜରେ ଅନ୍ୟ ଲୋକମାନେ ମଧ୍ୟ ଥାଆନ୍ତି ଯେଉଁମାନେ ଧନୀ ତଥା ଗରିବ, ବିରାଟ ଅଟ୍ଟାଳିକାରେ ରହିଥିବା ବ୍ୟକ୍ତି କିମ୍ବା ଦରିଦ୍ର କୁଟିରରେ ନିଜର ଗୁଜୁରାଣ ମେଣ୍ଟାଉଥିବା ବ୍ୟକ୍ତି, ଶିକ୍ଷିତ ବା ଅଶିକ୍ଷିତ ହୋଇପାରନ୍ତି । ସେମାନେ ବିଭିନ୍ନ ଧର୍ମ ତଥା ସଂପ୍ରଦାୟର ହୋଇପାରନ୍ତି କିମ୍ବା ଅଲଗା ଅଲଗା ଭାଷା କହିଥାଇପାରନ୍ତି । ତଥାପି ସେମାନେ ସମସ୍ତେ ନିଜ ନିଜ ଭିତରେ ବିଚାର ବିମର୍ଷ ତଥା ଭାବର ଆଦାନ ପ୍ରଦାନ କରିପାରନ୍ତି । ଏପରି ଖବର ସମାଜର ଅସ୍ତିତ୍ୱପାଇଁ ନିହାତି ଆବଶ୍ୟକ ଅଟେ । ଆମେ ପ୍ରଶ୍ନ ପଚାରିବା ସଂଗେ ସଂଗେ ଉତ୍ତର ପ୍ରାପ୍ତ କରିଥାଉ ସେହିଭଳି ସୂଚନା ଖୋଜିଥାଉ ଏବଂ ପ୍ରାପ୍ତ ମଧ୍ୟ କରିଥାଉ । ଆମେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଚାର ବିମର୍ଷ କରି ଥାଉ ଏବଂ ତାର ଶେଷ ପରିଣାମ ପର୍ଯ୍ୟନ୍ତ ପହଞ୍ଚିଥାଉ । ଆମେ ଆମର ବିଚାରଧାରାର ବିନିମୟ କରିଥାଉ ତଥା ଅନ୍ୟର ସାଙ୍ଗରେ ସଂପର୍କ ସ୍ଥାପନ କରିଥାଉ । ଏ ସମସ୍ତ କାର୍ଯ୍ୟକୁ ସମାପ୍ତ କରିବାପାଇଁ ଆମେ ଯୋଗାଯୋଗ କରିଥାଉ । ଏପରି ଏକ ସ୍ଥିତିକୁ ଚିନ୍ତା କରନ୍ତୁ ଯେତେବେଳେ ଆମେ କିଛି କରିପାରୁ ନଥିଲେ ପରସ୍ପର ସଂପର୍କ କହିପାରୁ ନଥିଲେ କିମ୍ବା ଏପରି ଏକ ପରିବାର ଚିନ୍ତା କରନ୍ତୁ ଯେଉଁ ପରିବାରର ସମସ୍ତ ସଦସ୍ୟ ଗୋଟିଏ ଯାଗାରେ ରହି ପରସ୍ପର ସହିତ କଥାବାର୍ତ୍ତା କରନ୍ତିନାହିଁ । ଆମେ ଯେତେବେଳେ ରାଗିଯାଉ ନାରାଜ ହୋଇଥାଉ ସେତେବେଳେ କ'ଣ ଆମେ ଆମର ସାଙ୍ଗ ତଥା ପରିଜନଙ୍କ ସହିତ କଥାବାର୍ତ୍ତା ବନ୍ଦ କରିପାରିବୁ ନାହିଁ ? କିନ୍ତୁ ଆମେ ଅତିଶୀଘ୍ର ଏହାକୁ କଥାବାର୍ତ୍ତାରେ ମିଳାମିଶାରେ ପରିଣତ କରୁ କିଛି ଗୋଟେ ବିଚାର ବିମର୍ଷ ତଥା ସଂପୃକ୍ତ ବିଷୟରେ ଆଲୋଚନା ତଥା ବିଚାର ବିମର୍ଷ କରି । ଆମେ ପରସ୍ପର କଥାବାର୍ତ୍ତା ନକଲେ ପରସ୍ପରକୁ ଜାଣି ମଧ୍ୟ ପାରିବାନାହିଁ । ସୁତରାଂ ଯୋଗାଯୋଗ ଆମକୁ ପରସ୍ପରକୁ ଚିହ୍ନିବାପାଇଁ ତଥା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ସାହାଯ୍ୟ କରେ । କିନ୍ତୁ ଏହି ଯୋଗାଯୋଗ ଜିନିଷ କ'ଣ ?

## ଯୋଗାଯୋଗ କ'ଣ ?

ଏ ପର୍ଯ୍ୟନ୍ତ ଆମେ ଦେଖିଲେ ଆମେ ଯୋଗାଯୋଗର ପ୍ରୟୋଗ କିପରି କରୁଅଛୁ । ଆସନ୍ତୁ ଏବେ ଆମେ ଏହାକୁ ପରିଭାଷିତ କରିବାର ଚେଷ୍ଟା କରିବା । ବାସ୍ତବିକ ଯୋଗାଯୋଗକୁ ଭାଷାସିକ୍ତ କରିବା ସହଜ ନୁହେଁ । ଅଲଗା ଅଲଗା ଲୋକଙ୍କ ପାଇଁ ଏହାର ଅର୍ଥ ଭିନ୍ନ ଭିନ୍ନ ଅଟେ । କିଛି ନିର୍ଦ୍ଦିଷ୍ଟ ସଂଜ୍ଞା କୌଣସି ତଥ୍ୟର କିମ୍ବା କୌଣସି ବୈଜ୍ଞାନିକ ଧାରାର ବ୍ୟତୀତ ଯୋଗାଯୋଗର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞାନାହିଁ ଯାହାକି ବିଶେଷଜ୍ଞଙ୍କ ଦ୍ୱାରା ଗ୍ରହଣୀୟ ଅଟେ ।

ଯେପରି ଆମେ ଜାଣୁ କି ଶବ୍ଦର ମାଧ୍ୟମରେ ଆମେ ଯାହା କହୁ ତାକୁ ଆମେ ବାର୍ତ୍ତା କହିଥାଉ । ଆପଣ ଯଦି ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବେ S.M.S ସହିତ ପରିଚିତ ଥିବେ । ଏହା 'ସଂକ୍ଷିପ୍ତ ବାର୍ତ୍ତା ସେବା'ର ଏକ ସଂକ୍ଷିପ୍ତ ରୂପ ଅଟେ । ଏଥିରେ ବାର୍ତ୍ତା ଏକ ସଂକ୍ଷିପ୍ତ ବାକ୍ୟ ତଥା ଶବ୍ଦରେ କିମ୍ବା ବାକ୍ୟାଂଶ ବା ବାକ୍ୟରେ ହୋଇଥାଏ ଯେପରି 'ମୁଁ ସଭାରେ ଅଛି', 'ଦୟାକରି ଚାରିଟାବେଳେ ଫୋନ୍ କରନ୍ତୁ' କିମ୍ବା 'ଧନ୍ୟବାଦ' ତଥା 'ଘରେ ଭେଟ ହେବ'ଇତ୍ୟାଦି । ଏହା ବାର୍ତ୍ତା ଅଟେ । ଏହା ସଂକ୍ଷିପ୍ତ ଅଟେ ତଥା ଜଣଙ୍କୁ ପ୍ରାପ୍ତ ହେଲେ ବୁଝିବାରେ ବହୁ ସହଜ ହୁଏ । ଉଦାହରଣ ସ୍ୱରୂପ 'ମୁଁ ସଭାରେ ଅଛି'କିମ୍ବା 'ଚାରିଟାବେଳେ ଦେଖାହେବ'ଏହା କୌଣସି ଜିନିଷକୁ ପୁରାଭାବରେ ବ୍ୟାଖ୍ୟା କରିନଥାଏ । ଯେତେବେଳେ ଆପଣ ଏହି ବାର୍ତ୍ତାକୁ ପଢନ୍ତି ବୁଝିମଧ୍ୟ ପାରନ୍ତି । ଚିନ୍ତା କରନ୍ତୁ କେହି ଜଣେ ପରୀକ୍ଷାରେ କୃତକାର୍ଯ୍ୟ କରିଛି । ତାକୁ 'ଧନ୍ୟବାଦ'ର ଗୋଟିଏ ବାର୍ତ୍ତା ମିଳିଲା ତୁରନ୍ତ ସେ ବୁଝିଯିବ ଏହାର ଅର୍ଥ କ'ଣ । ସୁତରାଂ 'ବାର୍ତ୍ତା' ଏବଂ 'ବୁଝିପାରିବା'ଏଇ ଦୁଇ ଶବ୍ଦର ପ୍ରୟୋଗ ଆମେ ଏହି ଯୋଗାଯୋଗ ବା ସଂଚାର କ୍ଷେତ୍ରରେ କରିପାରିବା । ଆସନ୍ତୁ ଏହାକୁ ଅଭ୍ୟାସ କରିବା:-




(ଚିତ୍ର : 1.3 ପ୍ରାପ୍ତ ବାର୍ତ୍ତା ଦେଖାଉଥିବା ମୋବାଇଲ୍ ଫୋନ୍)

ଯୋଗାଯୋଗ ଏକ ବୁଝାପଡୁଥିବା ବାର୍ତ୍ତା ଅଟେ । ଯେଉଁ ପର୍ଯ୍ୟନ୍ତ ବାର୍ତ୍ତା ବୁଝାପଡିବ ନାହିଁ ଆମେ କହିପାରିବା ନାହିଁ ଯୋଗାଯୋଗ ସମ୍ପୂର୍ଣ୍ଣ ହେଲାବୋଲି  ଆସନ୍ତୁ ଏବେ ଆମେ ଅନ୍ୟ କାହାର ଫୋନରୁ ଏକ ବାର୍ତ୍ତା ପ୍ରେରଣ କରିବା 'କୋଉଠୁ ପ୍ରଥମେ ଆସିଲା' । ଏହି ବାର୍ତ୍ତା ଯାହାକୁ ମିଳିବ ସେ ପ୍ରଥମେ ଏହାର ଅର୍ଥକୁ ଚିନ୍ତାକରିବ । ଏହି ବାକ୍ୟର କୌଣସି ଅର୍ଥ ନାହିଁ । ସୁତରାଂ ବାର୍ତ୍ତାର ପ୍ରାପ୍ତ କର୍ତ୍ତା ଏହାକୁ ବୁଝିପାରୁ ନାହିଁ । ସେଥିପାଇଁ ଯୋଗାଯୋଗ ସଂପୂର୍ଣ୍ଣ ହେବାପାଇଁ ଦୁଇଟି ସର୍ତ୍ତ ଥାଏ । ପ୍ରଥମ ବାର୍ତ୍ତା ସ୍ପଷ୍ଟ ହେବା ଦରକାର । ଦ୍ୱିତୀୟ ତାକୁ ଏ ବାର୍ତ୍ତା ବୁଝିବା ଦରକାର ଯାହାପାଇଁ ଏହି ବାର୍ତ୍ତା ଉଦ୍ଧିଷ୍ଟ ଅଟେ । ଗୋଟିଏ ସମାଜରେ ଆମେ ସମସ୍ତେ ବାର୍ତ୍ତା ସହିତ ପରସ୍ପର ସଂପର୍କ ସୃଷ୍ଟି କରୁଥାଉ । ବିନା ପରସ୍ପରର ସଂପର୍କରେ ଏକ ସମାଜର ତିଷ୍ଠି ରହିବା ଅସମ୍ଭବ ଅଟେ । ସାମାଜିକ ସମ୍ବନ୍ଧ ସର୍ବଦା ବାର୍ତ୍ତାର ମାଧମରେ ସୃଷ୍ଟି ହୋଇଥାଏ । ସୁତରାଂ ଆମେ ଯୋଗାଯୋଗକୁ ଏହି ଶବ୍ଦ ମାଧ୍ୟମରେ ମଧ୍ୟ ପରିଭାଷିତ କରିପାରିବା । ଯୋଗାଯୋଗ ବାର୍ତ୍ତାର ମାଧ୍ୟମରେ ସମାଜରେ ସଂପର୍କ ସୃଷ୍ଟି ହୋଇଥାଏ । ଧରିନିଅନ୍ତୁ କିଏ କହିବ ଆଜି ବହୁତ ଗରମ ହେଉଛି ବା ଇତିହାସ ଶ୍ରେଣୀରେ ମୁଁ କ୍ଳାନ୍ତ ହୋଇଗଲି । ଏଇ ଦୁଇ ଉକ୍ତିରୁ ଆମେ ଏହା ହୃଦବୋଧ କଲେ ଯାହା ଆମେ ଅନୁଭବ କରୁଛେ । ଆମେ ଶାରୀରିକ ଭାବରେ ଅନୁଭବ କଲେ ତଥା ଜାଣିପାରୁ ଯେ ମୌସୁମ ଗରମ ଅଛି । କୌଣସି ବିଷୟରେ କ୍ଳାନ୍ତ ଅନୁଭବ କରିବା ଗୋଟିଏ ଭିନ୍ନ ଅନୁଭବ ଅଟେ ଯାହାପାଇଁ କିଛି ଶ୍ରେଣୀଗୃହ ବା ଜ୍ଞାନର ଆବଶ୍ୟକ ଥାଏ । ଦୁଇଟି ଘଟଣାରେ ଆମେ ଆମର ଭାବ ବା ଅନୁଭବ ଆଉ କାହା ସହିତ ବାଣ୍ଟିଥାଉ । ତେଣୁ ଆମେ କହିପାରିବା ଯୋଗାଯୋଗ ଅନୁଭୂତି ତଥା ଭାବକୁ ଅନ୍ୟ ସହିତ ବାଣ୍ଟିବାକୁ ହିଁ କୁହାଯାଏ ।



(ଚିତ୍ର : 1.4 ଦୁଇ ବ୍ୟକ୍ତି ଜଣେ ଜଣଙ୍କୁ ଭେଟୁଛନ୍ତି)



ଟିପ୍ପଣୀ



କଣ ଆପଣ ଏ ପରିସ୍ଥିତିର କେବେ କଳ୍ପନା କରିଛନ୍ତି ଯେଉଁଠାରେ ଆପଣ ଅନ୍ୟସାଙ୍ଗରେ ଯୋଗାଯୋଗ କରିପାରନ୍ତି ନାହିଁ ? ସମାଜରେ ଆମକୁ ଅନ୍ୟାନ୍ୟ ଅନେକ କାରଣ ପାଇଁ ଜଣେ ଅନ୍ୟଜଣଙ୍କୁ ଦରକାର କରିଥାଏ । ଯଦି ଆପଣ ଡାକ୍ତରଙ୍କ ସହିତ ଯୋଗାଯୋଗ କରିନାହାନ୍ତି ତେବେ ସେ କିପରି ଜାଣିପାରିବେ ଆପଣଙ୍କ ସ୍ୱାସ୍ଥ୍ୟ କିପରି ଅଛି । ଯଦି ଆପଣ କିଛି କିଣିବାକୁ ଚାହାନ୍ତି ଆପଣଙ୍କୁ ଜିନିଷ ବିକ୍ରି କରୁଥିବା ଲୋକଙ୍କୁ କହିବାକୁ ପଡିବ ଯେ, ଆପଣ କ'ଣ ଖୋଜୁଛନ୍ତି ଏବଂ ଆପଣ ଉକ୍ତ ଜିନିଷର ମୂଲ୍ୟମଧ ପଚାରିପାରନ୍ତି । ଆପଣ ଏପରି ଏକ ଘରର କଳ୍ପନା କରିପାରନ୍ତି ଯେଉଁଠାରେ ମାତାପିତା ଏବଂ ପିଲାମାନେ ନିଜ ନିଜ ଭିତରେ ଯୋଗାଯୋଗ କରିପାରନ୍ତି ନାହିଁ । ଗୋଟିଏ ଏପରି ଶ୍ରେଣୀଗୃହ ଚିନ୍ତାକରନ୍ତୁ ଯେଉଁଠାରେ ଅଧ୍ୟାପକ ନାହିଁ ଯୋଗାଯୋଗ କରିପାରିବେ କିମ୍ବା କରିପାରନ୍ତି ନାହିଁ । ଅତଏବ ଯୋଗାଯୋଗ ଆମ ଜୀବନ ପାଇଁ ଆବଶ୍ୟକ ଅଟେ ।

### ପାଠଗତ ପ୍ରଶ୍ନ-1-1

1. ଆମେ ଯୋଗାଯୋଗ କାହିଁକି କରୁ ? ଏହାର ପାଞ୍ଚଟି କାରଣ କୁହନ୍ତୁ ।
2. ଯୋଗାଯୋଗ ଶବ୍ଦର ଅର୍ଥ ବ୍ୟାଖ୍ୟା କରନ୍ତୁ
3. ନିମ୍ନଲିଖିତ ବକ୍ତବ୍ୟରୁ ଭୁଲ୍ ଠିକ୍ ବାଛନ୍ତୁ ।


- ଯୋଗାଯୋଗ ଏକ ଭୁଲ୍ ଜଣାପଡୁଥିବା ବାର୍ତ୍ତା ଅଟେ ।
- ବାର୍ତ୍ତାର ମାଧ୍ୟମରେ ସାମାଜିକ ମିଳନର ସମ୍ପର୍କିତ ଯୋଗାଯୋଗ ଅଟେ ।
- ଅନୁଭବ ବାଣ୍ଟିବାକୁ ଯୋଗାଯୋଗ କୁହାଯାଇ ପାରେ ।

## 4- ଆମେ ଯୋଗାଯୋଗ କିପରି କରୁ ?

ଆପଣ ଛଅଜଣ ଅନ୍ଧଙ୍କ କାହାଣୀ ଶୁଣିଥିବେ । ଯେଉଁଠି ଏହାକୁ ଏକ ହାତୀରେ ଦେଖାଯାଇଛି । ସେମାନେ ହାତୀର ଶରୀରର ଭିନ୍ନ ଭିନ୍ନ ଅଙ୍ଗକୁ ସ୍ପର୍ଶ କରି ପ୍ରସ୍ତୁତ ହେଲେ କି ଏହା କେଉଁପ୍ରକାର ଅଟେ । ଯିଏ ହାତୀର ଶରୀରକୁ ସ୍ପର୍ଶକଲା ସେ କହିଲା ଏହା କାନ୍ଥଭଳି । ଯିଏ ହାତୀର ମୁନିଆଁ ଦାନ୍ତକୁ ସ୍ପର୍ଶକଲା ସେ ଏହାକୁ ତ୍ରିଶୂଳ ଭଳି ଭାବିଲା । ଯିଏ ଶୁଣ୍ଢକୁ ସ୍ପର୍ଶ କଲା ତା'ପାଇଁ ଏହା ସାପ ଭଳି ଥିଲା । ଏହିପରି ଭାବରେ ଅନ୍ୟ ସମସ୍ତେ ହାତୀର ଭିନ୍ନ ଭିନ୍ନ ଅଙ୍ଗକୁ ଛୁଇଁଲେ ଏବଂ ପ୍ରସ୍ତୁତ ହେଲେ ହାତୀ କିପରି ଅଟେ । କାନ ପଙ୍ଖା ଭଳି ଆଉ ଲାଞ୍ଜ ଦଉଡି ଭଳି ଏବଂ ଗୋଡ ଗଛ ଭଳି । ନେତ୍ରହୀନ ବ୍ୟକ୍ତି ବସ୍ତୁକୁ ଜାଣିବାପାଇଁ ସ୍ପର୍ଶ ଶକ୍ତି ଉପରେ ନିର୍ଭରଶୀଳ ଥାଏ । ସ୍ପର୍ଶ ଏହି ପାଞ୍ଚ ଇନ୍ଦ୍ରିୟଙ୍କ ମଧ୍ୟରେ ଗୋଟିଏ ଅଟେ । ଯାହା ମାଧ୍ୟମରେ ଆମେ ଯୋଗାଯୋଗ କରିଥାଉ ।



ଟିପ୍ପଣୀ



## ଯୋଗାଯୋଗର ପାଞ୍ଚଟି ଇନ୍ଦ୍ରିୟ



ହାତୀ ଦେଖିବାକୁ ଯାଇଥିବା ଛଅଜଣ ବ୍ୟକ୍ତି ହାତୀକୁ ସ୍ପର୍ଶକଲେ ଏବଂ ଅଲଗା ଅଲଗା ସିଦ୍ଧାନ୍ତରେ ପହଞ୍ଚିଲେ ଏହାର କାରଣ ସେମାନେ ଦେଖିପାରୁନଥିଲେ । କିନ୍ତୁ ଆମ ଭିତରୁ ଅଧିକାଂଶ ଯାହା ପାଖରେ ଆଖି ଅଛି ସେମାନେ ଦେଖିପାରନ୍ତି ଏବଂ ବୁଝିପାରନ୍ତି କି ହାତୀ ବାସ୍ତବରେ କିପରି ଦେଖାଯାଉଛି । ସ୍ପର୍ଶ ଏବଂ ଦୃଷ୍ଟି ଯୋଗାଯୋଗ ମାଧ୍ୟମ ଅଟେ ଯେପରିକି ସ୍ୱାଦ, ଶ୍ରବଣ ତଥା ଘ୍ରାଣଶକ୍ତି । ଆମେ ଏହି ଇନ୍ଦ୍ରିୟ ତଥା ମାଧ୍ୟମର ପ୍ରୟୋଗ ଯୋଗାଯୋଗ ପାଇଁ କରିଥାଉ । ମନେପକାନ୍ତୁ କିପରି ଆପଣଙ୍କ ମାଆ ଚାମୁଚରେ କିଛି ତରକାରୀ ମୁହଁରେ ଦେଇ ଚାଖିଥାନ୍ତି, ଏବଂ ଜାଣିପାରନ୍ତି କି ଏଥିରେ ଠିକ୍ ପରିମାଣରେ ଲୁଣ ତଥା ଆବଶ୍ୟକ ମସଲା ଅଛି କି ନାହିଁ । ଯଦି ସିଏ ଏଥିରୁ ସନ୍ତୁଷ୍ଟ ହୁଅନ୍ତି ତେବେ ତାଙ୍କ ମୁଖମଣ୍ଡଳରୁ ଏହା ସ୍ପଷ୍ଟ ବାରିହୁଏ ଯେ ଏହି ତରକାରୀ ଠିକ୍ ଅଛି କି ନାହିଁ । ବଂଶୀରେ ବାଜୁଥିବା କୌଣସି ଏକ ସୁମଧୁର ଗୀତକୁ ଶୁଣନ୍ତୁ । ଆପ ତାଙ୍କୁ ଭଲ ଲାଗିବ ଏବଂ ଖୁସି ହୋଇଯିବେ । ଆପଣଙ୍କ ଶରୀରରେ ଖୁସି ଏବଂ ଶାନ୍ତି ଝଟକୁଥାଏ ଯେତେବେଳେ ଆପଣ ଗୀତ ଶୁଣୁଥାନ୍ତି । ଅପର ପକ୍ଷରେ ଯେତେବେଳେ ଆପଣ ଅଧିକ କର୍କଶ ଶବ୍ଦ ଶୁଣୁଥାନ୍ତି ଆପଣଙ୍କ ହାତରେ କାନ ବନ୍ଦ କରି ଦିଅନ୍ତି ଏବଂ ଆପଣଙ୍କ ଶରୀରରେ ଏକ ବିଚଳିତ ଭାବ

ଦେଖିବାକୁ ମିଳିଥାଏ । ସାଧାରଣ ଲୋକଙ୍କ ପାଇଁ ତିଆରି ହୋଇଥିବା ମୁତ୍ରାଳୟ ଆଡେ ଟିକେ ନଜର ଦିଅନ୍ତୁ । ଆପଣ ନାକକୁ ଆଙ୍ଗୁଠିରେ ବନ୍ଦ କରିଦିଅନ୍ତି ଏବଂ ଆପଣଙ୍କ ଶରୀରରେ ସେହି ଭାବ ଆସିଥାଏ ଆପଣ ଯେପରି ଅନୁଭବ କରନ୍ତି । ଏହିପରି ଭାବରେ ଆମେ ଆମର ପଞ୍ଚଇନ୍ଦ୍ରିୟକୁ ଯୋଗାଯୋଗ ପାଇଁ ବ୍ୟବହାର କରିଥାଉ । ଏହା ସ୍ୱାଦ, ସ୍ପର୍ଶ,ଶ୍ରବଣ ଦୃଷ୍ଟି ଏବଂ ଆଘ୍ରାଣ ଅଟେ ।



(ଚିତ୍ର : 1.7 ସଂଗୀତ ଶୁଣିବା)


## ଆଶାବ୍ଦିକ ଯୋଗାଯୋଗ

ଏ ପର୍ଯ୍ୟନ୍ତ ଉପଯୁକ୍ତ ସବୁ ଉଦାହରଣରେ ଆମେ ସମ୍ଭବତଃ କୌଣସି ଶବ୍ଦ ବା କଥନର ପ୍ରୟୋଗ କରିନାହୁଁ । ପାଞ୍ଚ ଇନ୍ଦ୍ରିୟ ଆମପାଇଁ ପ୍ରାକୃତିକ ଅଟେ । ଯାହାକି ଆମେ କହିବା ଶିଖିଥାଉ । ଏପରି ଭାବରେ ଆମେ ନିଜର ଭାବ ସ୍ୱିକୃତି ଅସ୍ୱିକୃତିକୁ ବ୍ୟକ୍ତ କରିବାପାଇଁ ଆଖି ଏବଂ ହାତର ମଧ୍ୟ ପ୍ରୟୋଗ କରିଥାଉ । ନିମ୍ନରେ ଦିଆଯାଇଥିବା ଚିତ୍ରକୁ ଦେଖନ୍ତୁ ।



ଚିତ୍ର-1-8

ଏହା ମୁଖ ଅଭିବ୍ୟକ୍ତିର ପ୍ରତୀକ ଅଟେ ଯାହାକୁ ଆମେ ସ୍ମାଇଲ କହୁ ଯାହା ଖୁସି ବା ଆନନ୍ଦକୁ ପରିପ୍ରକାଶ କରିଥାଏ ।



ଚିତ୍ର-1-9 ବିଭିନ୍ନ ମାନବୀୟ ଭାବ

ଉପରେ ଦିଆଯାଇଥିବା ଚିତ୍ରରେ ଆପଣ କ'ଣ ବୁଝୁଛନ୍ତି ? ଏହା ଭିନ୍ନ ଭିନ୍ନ ମୁଖ ପରିପ୍ରକାଶ ଯଥା ପ୍ରସନ୍ନତା, ରାଗ, ଦୁଃଖ ଏବଂ ଭୟ ଆଦିକୁ ବୁଝାଇଥାଏ ।

ଟ୍ରାଫିକ୍ ଜାଗାରେ ଠିଆ ହୋଇଥିବା ପୋଲିସ୍‌ବାଲାଙ୍କୁ ଦେଖନ୍ତୁ । ସେ ଗୋଟିଏ ଶବ୍ଦ ନକହି ହାତର ସଂକେତ ଦ୍ୱାରା ସୂଚୀତ କରେ କି ଯା'ନ୍ତୁ ବା ରୁହନ୍ତୁ ।




ଚିତ୍ର-1-10

କେହି ଯଦି ଆପଣଙ୍କୁ ପଚାରେ ଆପଣ କ'ଣ ବଜାରକୁ ଯାଉଛନ୍ତି କି ? ଆପଣ ଆପଣଙ୍କ ମୁଣ୍ଡ ହଲାଇ ହଁ କିମ୍ବା ନା କହିବେ । ଯେଉଁ ଭାବରେ ଆପଣ ମୁଣ୍ଡ ହଲାନ୍ତି ପଚାରିଥିବା ବ୍ୟକ୍ତି ଆପଣଙ୍କ ଜବାବ୍‌ରେ



ବୁଝିଯାଏ କି ଆପଣଙ୍କ ଉତ୍ତର କ'ଣ ଅଟେ । ଏହି ସବୁ ବିଷୟରେ ଆମେ ବିନା ଶବ୍ଦର ପ୍ରୟୋଗରେ ଭାବ ବା ଅନୁଭବକୁ ବ୍ୟକ୍ତ କରିଥାଉ । ସେଠାରେ ଆମେ ନିମ୍ନଲିଖିତ ମାଧ୍ୟମ ଦ୍ୱାରା ବାର୍ତ୍ତା ପ୍ରେରଣ କରିଥାଉ ।

କ) ଶରୀରର ଭାବ ଦ୍ୱାରା :- ଏଠାରେ ବସିବା, ମୁଣ୍ଡ ହଲାଇବା ବା ଶୁଣିବାର ବା ଆଗ୍ରହ ଦେଖାଇବା ପାଇଁ ଅନ୍ୟର ଆଖିରେ ଦେଖିବା ବା ଭ୍ରୂକୁଞ୍ଚନ ସାମିଲ ଅଟେ ।



**(ଚିତ୍ର : 1.11 କ) ଆଗ୍ରହ ଦେଖାଇବା**



**(ଚିତ୍ର : 1.11 ଖ) ଭ୍ରୂକୁଞ୍ଚନ କରିବା**



ଟିପ୍‌ପଣୀ

ଖ) ଶରୀର ସଂଚାଳନ ଦ୍ୱାରା:-ଭାବନ୍ତୁ ଆମେ ଯେତେବେଳେ ବିଦାୟ ଦେଉଥାଏ ସେତେବେଳେ 'ବାଏ'ର ସଂକେତ କିପରି ଦେଉଥାଉ ବା ଆଙ୍ଗୁଠିରେ କିପରି ଇଙ୍ଗିତ କରିଥାଉ ବା କ୍ରିକେଟ ଅମ୍ପାୟାର କ'ଣ କରୁଥାଏ ଯେତେବେଳେ ସେ ଏହା ବତାଇବାକୁ ଯାଇଁ ଆଙ୍ଗୁଠି ଉଠାଏ ବ୍ୟାଟିଂ କରୁଥିବା ବ୍ୟକ୍ତି ଜଣକ ଆଉଟ୍ ହୋଇଯାଏ । କ୍ରିକେଟ୍‌ର ଖେଳରେ ଏହି ପ୍ରକାରର ଅନେକ ଅଶାବ୍ଦିକ ସଂକେତ ଥାଏ ତଥା ଗାନ୍ଧିଜୀଙ୍କର ତିନି ମାଙ୍କଡକୁ ମନେ ପକାନ୍ତୁ ଖରାପ କୁହନାହିଁ, ଖରାପ ଦେଖନାହିଁ, ଖରାପ ଶୁଣନାହିଁ । ହାତ ହଲାଇବା ସାରା ବିଶ୍ୱରେ ପ୍ରଚଳିତ ଅଟେ । କିନ୍ତୁ ହାତ ମିଳାଇବାରେ କେତେକ ଅନ୍ୟ ଅର୍ଥ ଉପସ୍ଥାପିତ ହୋଇଥାଏ ।



**(ଚିତ୍ର : 1.12 କ) ଖରାପ କୁହ ନାହିଁ ଖ) ଖରାପ ଦେଖ ନାହିଁ ଗ) ଖରାପ ଶୁଣନାହିଁ**



**ଚିତ୍ର : 1.13 ବ୍ୟାଟସ୍ ମ୍ୟାନ୍ ଆଉଟ୍**

ଉଦାହରଣ ପାଇଁ ଆପଣ ଆପଣଙ୍କ ହାତ କାହା ସହିତ ମିଳାଇବା ପାଇଁ ବଢାଉଛନ୍ତି ଏବଂ ସେହି ବ୍ୟକ୍ତି ଆପଣଙ୍କୁ ଉତ୍ତର ଦେଉନାହିଁ ମାତ୍ର ଆପଣଙ୍କ ପାପୁଲିକୁ ଛୁଇଁ ଦଉଛି କିମ୍ବା ଏକଦମ୍ ଜୋର କରି ଆପଣଙ୍କ ମୁଣ୍ଡକୁ ଧରି ପକାଉଛି । ଏହାର ଅର୍ଥ ସେଇବ୍ୟକ୍ତି ଆପଣଙ୍କଠାରୁ ଦୂରରେ ରହିବାକୁ ଚାହୁଁଛି ।


କେବଳ ଆପଣଙ୍କ ହାତ ଛୁଇଁବା ଏହା ସଂକେତ କରୁଛି ସେହି ବ୍ୟକ୍ତି ଆପଣଙ୍କୁ ଠିକ୍ କରି ବୁଝିପାରିନାହିଁ । ଖୁବ୍ ଜୋରରେ ଡାହାଣ ହାତ ସହିତ ହାତ ମିଳାଇବାର ଅର୍ଥ ହେଉଛି ପାଖକୁ ଏବଂ ବନ୍ଧୁତ୍ୱର ଅଭିବ୍ୟକ୍ତି ।



**ଚିତ୍ର : 1.14:**

ସ୍ୱାଗତ ବା ଆଦରର ପ୍ରତୀକ । ଭାରତ ତଥା ଶ୍ରୀଲଙ୍କା ଏବଂ ନେପାଳ ଭଳି ଦେଶରେ 'ନମସ୍କାର'ବା ଦୁଇହାତ ଯୋଡି ସ୍ୱାଗତ ପ୍ରତୀକ ଅଟେ । ସମଗ୍ର ବିଶ୍ୱରେ ମୋଟାମୋଟି ପ୍ରାର୍ଥନା ସମୟରେ ହାତ ଯୋଡା ଯାଇଥାଏ । ଉପରୋକ୍ତ ସମସ୍ତ ଉଦାହରଣ ଏହା ସୂଚିତ କରୁଛି ଆମେ ବିନା ଶବ୍ଦର ପ୍ରୟୋଗରେ ଭାବ ଭଙ୍ଗିର ପ୍ରୟୋଗ ଦ୍ୱାରା ବା ଏହା କୁହାଯାଇପାରିବ ଯେ ଶାରୀରିକ ହାବଭାବର ମାଧ୍ୟମରେ କେଉଁପ୍ରକାର ଯୋଗାଯୋଗ କରାଯାଉଛି । ଏପରି ଯୋଗାଯୋଗକୁ 'ଅଶାବ୍ଦିକ ଯୋଗାଯୋଗ'କୁହାଯାଏ କାରଣ ଏଥିରେ ଯୋଗାଯୋଗ ପାଇଁ ଶବ୍ଦର ପ୍ରୟୋଗ କରାଯାଏନାହିଁ ।

ବିଶେଷଜ୍ଞଙ୍କ ମତରେ ମଣିଷ ମଧ୍ୟରେ ହେଉଥିବା ସମସ୍ତ ଯୋଗାଯୋଗର ମୋଟାମୋଟି ୫୦ ପ୍ରତିଶତ ଅଶାବ୍ଦିକ ଅଟେ । ଅଶାବ୍ଦିକ ଯୋଗାଯୋଗର ପ୍ରୟୋଗ ସେଇ ଲୋକମାନଙ୍କୁ କରାଯାଇଥାଏ ଯେଉଁମାନେ ଦୃଷ୍ଟିହୀନ ବା ଅନ୍ଧ ଅଟନ୍ତି ଅଥବା କଥା କହିପାରନ୍ତି ନାହିଁ । ଆମେମାନେ ସେହି ଛଅଜଣ ବ୍ୟକ୍ତିଙ୍କର ଉଦାହରଣ ପୂର୍ବରୁ ଜାଣି ସାରିଛେ ଯେଉଁମାନେ ଦେଖିକରି ମଧ୍ୟ ଗୋଟିଏ ହାତିକୁ ଦେଖିପାରନ୍ତି ନାହିଁ । କ'ଣ ଆପଣ ଏପରି ଲୋକଙ୍କୁ ଦେଖିନାହାନ୍ତି ଯିଏ କହିପାରନ୍ତିନାହିଁ ଏବଂ ସାଂକେତିକ ଭାଷା ବା ଭାବ ଭଙ୍ଗିମା ମାଧ୍ୟମରେ ଯୋଗାଯୋଗ କରନ୍ତି ? ବିନା ଶବ୍ଦରେ ଏମାନଙ୍କର ଯୋଗାଯୋଗର



ଟିପ୍ପଣୀ

କ୍ଷମତା ଉଲ୍ଲେଖନୀୟ ଅଟେ । ଅପର ପକ୍ଷରେ ଯେଉଁ ଲୋକ କଥା କହିପାରନ୍ତି ସେମାନେ ମଧ୍ୟ କଥାବାର୍ତ୍ତା ସମୟରେ ହାତରେ ଅଶାବ୍ଦିକ ଯୋଗାଯୋଗର ପ୍ରୟୋଗ କରି ଥାଆନ୍ତି । ଏପରି ବ୍ୟକ୍ତିଙ୍କ ବିଷୟରେ ଚିନ୍ତା କରନ୍ତୁ ଯେ ବହୁ ସଂଖ୍ୟାରେ ଜନସମାବେଶକୁ ସଂବୋଧିତ ଯେପରିକି ଗୋଟିଏ ରାଜନୈତିକ ନେତା(ସୋନିଆ ଗାନ୍ଧୀ ବା ଲାଲକୃଷ୍ଣ ଆଡଭାନୀଙ୍କ ଭଳି) ଆଧାତ୍ମିକ ବା ଧାର୍ମିକ ନେତା(ଯେପରି ଶ୍ରୀ ଶ୍ରୀ ରବିଶଙ୍କର ଜୀ ବା ସ୍ୱାମୀ ରାମଦେବ)ବା ସାମାଜିକ କାର୍ଯ୍ୟକର୍ତ୍ତା(ଯେପରି ମେଧା ପାଟେକର ବା ଅରୁଣା ରାୟ)ଏମାନେ ସମସ୍ତେ ଅଶାବ୍ଦିକ ଯୋଗାଯୋଗକୁ ବଢେଇ ଚଢେଇ ବ୍ୟବହାର କରିଥାନ୍ତି । ଆଙ୍ଗୁଠିରେ ସଂକେତ କରୁଥିବା ବା ହାତ ଉଠାଇଥିବା ବା ଆଙ୍ଗୁଠିରେ ଗଣୁଥିବା ବା ହାତ ହଲାଉଥିବା ବକ୍ତାଙ୍କୁ ଦେଖନ୍ତୁ । ଅଶାବ୍ଦିକ ଯୋଗାଯୋଗ ସାର୍ବଭୌମିକ ଅଟେନାହିଁ ଅର୍ଥାତ୍ ସାରାବିଶ୍ୱରେ ସବୁ ମଣିଷ ଏହାର ବ୍ୟବହାର ଗୋଟିଏ ପ୍ରକାରର କରନ୍ତିନାହିଁ । ଦୁନିଆର ଅଲଗା ଅଲଗା ଭାଗରେ ଉପର ତଳ ମୁଣ୍ଡ ହଲାଇବାର ଅର୍ଥ କିଛି ଅଲଗା ହୋଇଥାଇପାରେ । ୟୁରୋପରେ ଲୋକମାନେ କେବଳ ପ୍ରାର୍ଥନା କରିବାପାଇଁ ହାତ ଯୋଡି ଥା'ନ୍ତି ଏବଂ ନମସ୍କାର କହିବା ଯେପରି ଆମେ ହାତ ଯୋଡିକରି କରୁଥାଏ ସେମାନେ ତାହା ଜାଣନ୍ତିନାହିଁ । ସେମାନେ ଏପରି ସ୍ୱାଗତ କରନ୍ତି ନାହିଁ ଯେପରି ଆମେ ଭାରତରେ କରୁଥାଏ ।

**ପାଠ୍ୟଗତ ପ୍ରଶ୍ନ : 1.2**

1. ମାନବ ଦ୍ୱାରା ବ୍ୟବହୃତ ୫ଟି ଇନ୍ଦ୍ରିୟର ନାମ କୁହନ୍ତୁ ଯାହା ଯୋଗାଯୋଗରେ ଲାଗିଥାଏ ।
2. ଅଶାବ୍ଦିକ ଯୋଗାଯୋଗ କହିଲେ ଆପଣ କ'ଣ ବୁଝନ୍ତି ।

### 1.5 ମୌଖିକ ଯୋଗାଯୋଗ

ମନୁଷ୍ୟଦ୍ୱାରା କହିବାର ପ୍ରୟୋଗ ବିକଶିତ ହେବା ପରେ ଆମେ ମୌଖିକ ଯୋଗାଯୋଗ କହିବାକୁ ଲାଗିଲେ । ଏହା ଏପରି ଅଟେ ଯେପରି ଗୋଟିଏ ଶିଶୁ ପ୍ରଥମେ ଶବ୍ଦ କହେ ପୁଣି କଥାବାର୍ତ୍ତା କରିବାକୁ ଲାଗେ । ମୌଖିକ ଯୋଗାଯୋଗ ସେହି କୌଶଳ ଅଟେ ଯାହାକୁ ତିଆରି କରାଯାଏ ଏବଂ ବିକଶିତ କରାଯାଏ । ଏଥିରେ ଭାଷାର ପ୍ରୟୋଗ ହୋଇଥାଏ । ଏହାର ଅର୍ଥ ଶବ୍ଦ ତଥା ବାକ୍ୟ । ଯୋଗାଯୋଗ ଶବ୍ଦର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ଯଦି ଆପଣ କୁହନ୍ତି 'ଆକାଶ ବା ନୀଳ' ବା 'ଉଚ୍ଚା' ଏହାର କୌଣସି ଅର୍ଥ ହେବନାହିଁ । ଏହି ଶବ୍ଦ ପ୍ରତୀକ ମାତ୍ର ଅଟେ । ଯେଉଁ ମୁହୂର୍ତ୍ତରେ ଆପଣ ଆକାଶ ଶବ୍ଦ କୁହନ୍ତି ଶୁଣିବା ଲୋକ କଳ୍ପନା କରିଦିଏ । ନୀଳର ଅର୍ଥ ଏକ ରଂଗ ଏବଂ ଉଚ୍ଚାର ଅର୍ଥ ଆମର ମସ୍ତିଷ୍କରୁ ଆହୁରି ଉର୍ଦ୍ଧ୍ୱରେ । ମୌଖିକ ଯୋଗାଯୋଗରେ ଆମେ ବାକ୍ୟରେ ଶବ୍ଦ ସମୂହକୁ ତିଆରି କରିଥାଉ । ଏହି ବାକ୍ୟ ଅର୍ଥର ଯୋଗାଯୋଗ କରିଥାଏ । ନିମ୍ନଲିଖିତ ଦେଖନ୍ତୁ :-

"ଆକାଶ ଉଚ୍ଚା ଅଟେ"

"ଆକାଶ ନୀଳ ଅଟେ"

"ଆକାଶ ଉଚ୍ଚା ଏବଂ ନୀଳ ଏ ଦୁଇଟି ଅଟେ"



ଟିପ୍‌ପଣୀ



ଶବ୍ଦ ତଥା ବାକ୍ୟର ଏହି ଉପଯୁକ୍ତ ଭାଗରେ ଆମେ ଶବ୍ଦକୁ ଏପରି ବ୍ୟବସ୍ଥିତ କରିଥାଉ ଯେପରି ଏହାର ଏକ ଅର୍ଥ ବାହାରୁଥାଏ । ଯେତେବେଳେ ଆମେ ଏପରି ଏକ ପୂର୍ଣ୍ଣ ବାକ୍ୟ କହିଥାଉଁ ଯେଉଁଠାରେ ଠିକ୍ ଶବ୍ଦ ଠିକ୍ ସ୍ଥାନରେ ପ୍ରୟୋଗ ହୋଇଥାଏ, ଯେଉଁଠି ବ୍ୟାକରଣ ଅଥବା ସେହି ନିୟମର ପ୍ରୟୋଗ ହୁଏ ଯାହା ଭାଷାକୁ ନିୟନ୍ତ୍ରିତ କରିଥାଏ ତାହା ବୁଝାଯାଇପାରିବ । ଅନ୍ୟଥା ଏହା କେବଳ ମାତ୍ର ବିନା କିଛି ଅର୍ଥର କିଛି ଶବ୍ଦର ପ୍ରୟୋଗ କେବଳ ବୁଝାପଡିବ । ଯେତେବେଳେ ଆମେ ଭାରତର ପ୍ରାଚୀନ ମନିଷୀ ଅଥବା ବେଦ, ପୁରାଣ ତଥା ଶାସ୍ତ୍ରର କଥା କହୁଥାଏଁ ସେତେବେଳେ ଜଣାପଡେ ପ୍ରାରମ୍ଭରୁ ଏହା କୁହାଯାଇଛି ତଥା ମୌଖିକ ରୂପରେ ଏହାର ହସ୍ତାନ୍ତରଣ ଗୋଟିଏ ଗୋଟିଏ ପିଢିରୁ ଅନ୍ୟ ଏକ ପିଢୀକୁ ହୋଇଛି । ଏଥିପାଇଁ ଏହାକୁ 'ଶ୍ରୁତ ଜ୍ଞାନ'ମଧ୍ୟ କୁହାଯାଏ । ଭାରତରେ ଆମର ଜ୍ଞାନର ଗୋଟିଏ ଶକ୍ତିବାନ ମୌଖିକ ପରମ୍ପରା ରହିଅଛି ।

**ମୌଖିକ ଯୋଗାଯୋଗର ଲାଭ**

1) ଏହା ନିରନ୍ତର ତଥା ସ୍ୱାଭାବିକ ଅଟେ ।

2) ଏହା ଅନ୍ୟମାନଙ୍କ ବୁଝିବାପାଇଁ ଅତି ସହଜ ଅଟେ ।

3) ଶବ୍ଦର ଚୟନ ସାଧାରଣତଃ ଶ୍ରୋତାମାନଙ୍କ ଅନୁସାରେ ହୋଇଥାଏ ।

4) ଏଥିରେ ଅଶାବ୍ଦିକ ଯୋଗାଯୋଗର ସହଯୋଗ ମଧ୍ୟ ହୋଇଥାଏ ।

5) ଯୋଗାଯୋଗ ବା ଯୋଗାଯୋଗ କରୁଥିବା ବ୍ୟକ୍ତି, ଶାରୀରିକ ରୂପରେ ଏକାଠି ହୋଇଥାନ୍ତି ।

6) ଏହା ବକ୍ତା ତଥା ଶ୍ରୋତାଙ୍କ ମଧ୍ୟରେ ବହୁତ ଆତ୍ମୀୟତା ବିକଶିତ କରିପାରେ ।

**ମୌଖିକ ଯୋଗାଯୋଗର କ୍ଷତି**

1) କୁହାଯାଉଥିବା ଶବ୍ଦ ସମାପ୍ତ ହୋଇଯାଏ ଶବ୍ଦ କ୍ଷଣସ୍ଥାୟୀ ଅଟେ ।

2) କୁହାଯାଉଥିବା ଶବ୍ଦ ଲିଖିତ ଯୋଗାଯୋଗ ଭଳି ସ୍ଥାୟୀ ନୁହନ୍ତି ।

3) ଯେଉଁକିଛି ଶୁଣାଇ ଦିଆଯାଏ, ପ୍ରାୟ ଭୁଲି ହୋଇଯାଏ ।

4) ଏପରି ହୋଇପାରେ ମୌଖିକ ସଂଚାର ସାଥିରେ ସହଯୋଗ କରୁଥିବା ଅଶାବ୍ଦିକ ଯୋଗାଯୋଗକୁ ଅନ୍ୟ ସଂସ୍କୃତିର ଲୋକ ବୁଝିପାରିବେ ନାହିଁ । ଯୋଗାଯୋଗର କିଛି ଆଧୁନିକ ଉପକରଣ ଯେପରି 1878 ମସିହାରେ ଗ୍ରାହାମ୍ ବେଲ୍‌ଙ୍କ ଦ୍ୱାରା ଉଦ୍ଭାବନ ହୋଇଥିବା ଟେଲିଫୋନ୍ ତଥା 1901 ମସିହାରେ ମାର୍କୋନିଙ୍କ ଦ୍ୱାରା ଆବିଷ୍କୃତ ରେଡିଓ ମୌଖିକ ଯୋଗାଯୋଗର ପ୍ରୟୋଗ କରିଥାଏ । ଏହି ଦୁଇ ଆବିଷ୍କାରର ସାହାଯ୍ୟରେ କିଛି ସମୟ ମଧ୍ୟରେ ଲମ୍ବା ଦୂରତ୍ୱର ଯୋଗାଯୋଗ ସମ୍ଭବ ହୋଇଗଲା । ପରପାଠରେ ବେତାର ସଂପର୍କରେ ଆପଣ ଅଧିକ ଜ୍ଞାନ ଲାଭ କରିବେ ।

**1.6 ଲିଖିତ ଯୋଗାଯୋଗ**

ଭାଷା ଏବଂ ଲିଖନର ବିକାଶ ମନୁଷ୍ୟର ପ୍ରାରମ୍ଭିକ ଇତିହାସର ବହୁ ପରେ ହୋଇଥିଲା । ଲିଖନୀର ସର୍ବପ୍ରଥମ ପ୍ରୟୋଗ ଚୀନ୍‌ରେ ହୋଇଥିଲା ଏହା ଜଣାପଡେ । ପ୍ରଥମେ ଚୀନା ଅଧିବାସୀ ଏବଂ



ଟିପ୍‌ପଣୀ

ପରେ ମିଶରର ଅଧିବାସୀ ଦ୍ୱାରା କାଗଜର ସନ୍ଧାନ ପାଇବା ପୂର୍ବରୁ ଚମଡା, ତାଳପତ୍ର ଏବଂ ଭୋଜପତ୍ରର ବ୍ୟତିରେକ ଆଉ କୌଣସି ଲିଖିତ ଯୋଗାଯୋଗ ନଥିଲା ।

ଆଜି ଯେତେବେଳେ ଆମେ ଲିଖିତ ଯୋଗାଯୋଗର କଥା କହୁଁଥାଏ ଜଣାପଡୁଛି ଯେ ଏହା ସେହି ଲୋକମାନଙ୍କ ପର୍ଯ୍ୟନ୍ତ ସିମୀତ ଅଛି ଯେଉଁମାନେ ଲେଖାପଢା କରି ପାରୁଛନ୍ତି । ଏଥିପାଇଁ ଅକ୍ଷର, ଲିପି ତଥା ବ୍ୟାକରଣଜ୍ଞାନର ଜରୁରୀ ଅଟେ । ଧରି ନିଅନ୍ତୁ କାହାକୁ ଇଂରାଜୀ ଭାଷା ଲେଖିବାପାଇଁ ଶବ୍ଦର ସମ୍ବନ୍ଧରେ ଭଲ ଜ୍ଞାନର ସହିତ ବାକ୍ୟର ଭାଗ ଜାଣିବା ଜରୁରୀ ଅଟେ । କାଗଜର ଆବିଷ୍କାର ତଥା କାଳକ୍ରମେ 15 ଶତାବ୍ଦୀର ଜୋହାନ୍ ଗୁଟେନ୍ ବର୍ଗଙ୍କ ମୁଦ୍ରଣ ଯନ୍ତ୍ରର ଆବିଷ୍କାର ଦ୍ୱାରା ଲିଖନ ସମ୍ବନ୍ଧୀୟ ଅଧିକ ଜ୍ଞାନ ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରିଲା । ପ୍ରଥମେ ପ୍ରଥମେ ପୁସ୍ତକର ବହୁଳ ଉପଲବ୍ଧ ହେଲା । ଧିରେ ଧିରେ ଖବରକାଗଜ, ପତ୍ରପତ୍ରିକା ଏବଂ ସାପ୍ତାହିକ ମଧ୍ୟ ଲୋକପ୍ରିୟ ହେବାକୁ ଲାଗିଲା । ଏଭଳି ଲିଖିତ ସାମଗ୍ରୀରୁ ଲୋକମାନଙ୍କୁ ବଡ ସଂଖ୍ୟାରେ ଅନ୍ୟ ଲୋକମାନଙ୍କ ପର୍ଯ୍ୟନ୍ତ ବିଚାରଧାରାର ଯୋଗାଯୋଗରେ ସାହାଯ୍ୟ ମିଳିଲା । ସମ୍ବାଦପତ୍ର ଲୋକମାନଙ୍କୁ ଦେଶଦୁନିଆର ଘଟଣାକ୍ରମକୁ ଜାଣିବାର ସାହାଯ୍ୟ କରିବାକୁ ଲାଗିଲା । ସମ୍ବାଦପତ୍ର ସରକାରଙ୍କର ଗତିବିଧି ସଂପର୍କରେ ମଧ୍ୟ ସୂଚନା ଦେଇଥାଏ । କହିବାଠାରୁ ଅଲଗା ଲେଖନୀର ବିଚାର, ସୁଧାର, ସଂପାଦନ ତଥା ପୁନର୍ବାର ଲେଖନୀ ସାମିଲ ଅଟେ ତଥା ଏହା ଏକୁଟିଆ ମଧ୍ୟ ସମ୍ଭବ ହୋଇଥାଏ । ଏହାର ଅର୍ଥ ଗୋଟିଏ ଲେଖନ ପାଇଁ ଏହା ଏକ ଏପରି ବ୍ୟକ୍ତିଗତ କାର୍ଯ୍ୟ ଅଟେ ଯେଉଁଥିରେ ଅନେକ ଗୁଡିଏ ପ୍ରସ୍ତୁତି, କଠିନ ପରିଶ୍ରମ ଏକାଠି ହୋଇଥାଏ ଯେପରି କହିବାରେ ହୋଇପାରେନାହିଁ ଯାହା ବଣ୍ଟାଯିବାଭଳି ଗତିବିଧିଅଟେ ।

**ଲିଖିତ ଯୋଗାଯୋଗର ଲାଭ**

1) ଲିଖିତ ଯୋଗାଯୋଗ ଶବ୍ଦ ତଥା ବିଚାରଧାରାକୁ ସ୍ଥାୟିତ୍ୱ ପ୍ରଦାନ କରିଥାଏ ।


2) ଏଥିରେ ଜ୍ଞାନ ତଥା ସୂଚନା ସେଇଲୋକଙ୍କୁ ଉପଲବ୍ଧ ହୋଇଥାଏ ଯେଉଁମାନେ ଏହାକୁ ପଢିପାରନ୍ତି ।

3) ଏଥିରେ ବିଚାର ଧାରାର ପ୍ରସାର ହୋଇଥାଏ ।

କିନ୍ତୁ ଲିଖିତ ଯୋଗାଯୋଗର ସବୁଠାରୁ ବଡ ଅବଗୁଣ ଯେ ଏହାକୁ ପ୍ରୟୋଗ କରିବା ପାଇଁ ସ୍ୱାକ୍ଷର ହେବା ନିତ୍ୟାନ୍ତ ଆବଶ୍ୟକ ।

**ଲିଖିତ ଯୋଗାଯୋଗର ରୂପ**

ଲିଖିତ ଯୋଗାଯୋଗର ବିଭିନ୍ନ ରୂପ ଅଛି । ଏହା ଅନ୍ତରଙ୍ଗ ନିଜସ୍ୱ ପତ୍ର, ବହି ତଥା ସମ୍ବାଦପତ୍ରରେ ଭିନ୍ନ ଭିନ୍ନ ରୂପରେ ପ୍ରସ୍ତୁତ ହୋଇଥାଏ । ସମସ୍ତ ରୂପର ନିଜର ଏକ ସ୍ୱତନ୍ତ୍ର ଲକ୍ଷଣ ଥାଏ । ଯୋଗାଯୋଗର କିଛି ଲିଖିତ ରୂପ ସଂପର୍କରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।



ଟିପ୍ପଣୀ



ଚିଠି

ବିଜ୍ଞପ୍ତି

ଆଦେଶ

ବିବରଣୀ

ପ୍ରାରୂପପତ୍ର ଏବଂ ପ୍ରଶ୍ନାବଳୀ

ହସ୍ତକୃତ କ୍ଷୁଦ୍ରପୁସ୍ତକ

ସମାଚାର ଲେଖା

ପତ୍ରିକା

ହାତଚିଠା

ପୋଷ୍ଟର

ପୁସ୍ତକ

ସୂଚନାବୋର୍ଡ

ଚିତ୍ର : 1.15

ଜଣେ ଆଧୁନିକ ମଣିଷ ପାଇଁ ଲେଖନ ଏକ ଆବଶ୍ୟକ କୌଶଳ ଅଟେ । ମୋଟାମୋଟି ସବୁକିଛି ଲେଖାଯାଇ ସାଇତି ରଖାଯାଏ । ଲେଖନୀ ମଣିଷକୁ ଇତିହାସ ପ୍ରଦାନ କରିଅଛି । କାରଣ ସମସ୍ତ ମାନବୀୟ ଗତିବିଧି ତଥା ବିକାଶରଧାରା ଇତିହାସ ଲେଖିଥିବା ଐତିହାସିକ ମାନଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଅଛି । ୱାର୍ଲଡ୍ ୱାଇଡ୍ ୱେବ୍ ଏବଂ ଇଣ୍ଟରନେଟ୍ ଲେଖନୀକୁ ଗୋଟିଏ ନୂଆ ଅର୍ଥ ତଥା ଶୈଳୀ ପ୍ରଦାନ କରିଛି ।

ତଥାପି କହିବାଠାରୁ ଅଲଗା ଲିଖିତ ଯୋଗାଯୋଗ ଔପଚାରିକ ତଥା ବୁଝିବାପାଇଁ ଅପେକ୍ଷାକୃତ କଠିନ ଅଟେ । ଲିଖିତ ଯୋଗାଯୋଗରେ ଆଗ୍ରହ ରଖୁଥିବା ବ୍ୟକ୍ତିମାନଙ୍କୁ ବାର୍ତ୍ତା ପାଇବାପାଇଁ ସାକ୍ଷର ହେବା ଏକାନ୍ତ ଆବଶ୍ୟକ ଅଟେ । ପ୍ରାୟତଃ ଲେଖନ ପାଠକମାନଙ୍କ ପାଖରେ ସହଜ ହୋଇ ପାରିବ ନାହିଁ ଯଦି ଲେଖକ ଗୋଟିଏ କୁଶଳୀ ପ୍ରେରକ ନୁହୁଅନ୍ତି । ଆପଣ ଗୋଟିଏ କାହାଣୀ, ଉପନ୍ୟାସ ତଥା ଗୋଟିଏ ନାଟକର ଆନନ୍ଦ ନେଇପାରିବେ । କିନ୍ତୁ ନିବନ୍ଧ ବା ବିଧିଗତ ବିଷୟ ଉପରେ ଲେଖାଥିବା ପୁସ୍ତକ ପଢିବା ସମୟରେ ଆପଣ କ୍ଳାନ୍ତ ହୋଇଯାଇପାରନ୍ତି ।

**ପାଠ୍ୟଗତ ପ୍ରଶ୍ନ : 1.3**

1. ନିମ୍ନଲିଖିତ ବକ୍ତବ୍ୟ ସତ୍ୟ ବା ଅସତ୍ୟ କୁହନ୍ତୁ

କ) ଲେଖନ ମଣିଷକୁ ଇତିହାସ ପ୍ରଦାନ କରିଛି

ଖ) ଲିଖିତ ଯୋଗାଯୋଗ ବିକଶିତ ହେବା ପୂର୍ବରୁ କାଗଜ ତଥା ମୁଦ୍ରଣର ଅସ୍ତିତ୍ୱ ଥିଲା ।



ଟିପ୍ପଣୀ

ଗ) ଲେଖନ ନିଜ ଭିତରେ ବଣ୍ଟାଯାଇ ପାରୁଥିବା ଗତିବିଧି ଅଟେ ।

ଘ) ୱାର୍ଲଡ୍ ୱାଇଡ୍ ୱେବ୍ ଏବଂ କମ୍ପ୍ୟୁଟର ଲିଖିତ ଯୋଗାଯୋଗକୁ ଗୋଟିଏ ନୂଆ ଅର୍ଥ ଏବଂ ଶୈଳୀ ପ୍ରଦାନ କରିଛି ।

ଙ) ବେତାର ଲିଖିତ ଯୋଗାଯୋଗର ଏକ ମାଧ୍ୟମ ଅଟେ ।

### 1.7 ଯୋଗାଯୋଗର ପ୍ରକାର ଭେଦ

ଯୋଗାଯୋଗର ବର୍ଣ୍ଣନା ସେଇ ପରିସ୍ଥିତି ଉପରେ ନିର୍ଭର କରିଥାଏ ଯେଉଁଥିରେ ଏହା କରାଯାଇଥାଏ । ଆମେ ନିଜେ ନିଜସ୍ୱ ଯୋଗାଯୋଗ କରୁଥାଏଁ, ଅନ୍ୟର ସାଙ୍ଗରେ ମୁହାଁମୁହିଁ କରୁଥାଏ ତଥା ବହୁସଂଖ୍ୟାରେ ଲୋକଙ୍କ ସାଙ୍ଗରେ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍‌ର ମାଧ୍ୟମରେ କରିଥାଏଁ ତଥା ଯୋଗାଯୋଗ ପାଇଁ ବେତାର ବା ଦୂରଦର୍ଶନର ଉପଯୋଗ କରିଥାଉଁ । ଏହି ଭାଗରେ ଯୋଗାଯୋଗର ବିଭିନ୍ନ ପ୍ରକାର ଭେଦ ଉପରେ ଆପଣ ଜ୍ଞାନ ଲାଭ କରିବେ ।

### ବ୍ୟକ୍ତିକେନ୍ଦ୍ରିକ ଯୋଗାଯୋଗ

କଳ୍ପନା କରନ୍ତୁ ଜଣେ ବ୍ୟକ୍ତି ଏକୁଟିଆ ରାସ୍ତାଉପରେ ସ୍କୁଟର ଚାଳନା କରୁଛନ୍ତି । ନିଜକୁ ସୁରକ୍ଷିତ ରଖିବାପାଇଁ ସେ ନିଜର ମୁଣ୍ଡରେ ହେଲ୍‌ମେଟ୍ ପିନ୍ଧିଛନ୍ତି ଏହା ଠିକ୍ ଭାବରେ ବନ୍ଧାଯାଇନାହିଁ । ସେ ବହୁ ତୀବ୍ରଗତିରେ ଚାଳନା କରୁଛନ୍ତି ତଥା ଗୋଟିଏ ପତଳା ଜଙ୍କସନ୍ ପାଖରେ ପହଞ୍ଚିଛନ୍ତି । ଠିକ୍ ସେହି ସମୟରେ ନାଚି କୁଦି ଗୋଟିଏ ଷଣ୍ଢ ପହଞ୍ଚିଯାଇଛି ଏବଂ ସ୍କୁଟର ଚାଳକ ନିଜକୁ ବଞ୍ଚାଇବାପାଇଁ ବ୍ରେକ୍ ଦେଇଛନ୍ତି କିନ୍ତୁ ସମ୍ଭାଳି ନପାରି ପଡିଯାଇଛନ୍ତି । ହେଲ୍‌ମେଟ୍ ମୁଣ୍ଡରୁ ଖସି ଖଣ୍ଡେ ଦୂରରେ ପଡିଯାଇଛି କାରଣ ଏହା ଠିକ୍ ଭାବରେ ବନ୍ଧାଯାଇନାହିଁ । ତାଙ୍କର ଚଷମା ମଧ୍ୟ ପଡିଯାଇଛି । ଷଣ୍ଢ



ଚିତ୍ର : 1.16 ନିଜ ବୈକ୍ତିକ ଯୋଗାଯୋଗ

ଟିପ୍‌ପଣୀ

ନିଜର ପ୍ରାଣ ବଞ୍ଚାଇବାପାଇଁ ଅନ୍ୟ ଆଡକୁ ପଳାଉଛି । ଏବେ ସ୍କୁଟର ଚାଳକ କ'ଣ କରୁଛନ୍ତି ? କ'ଣ ସେ କିଛି କହୁଛନ୍ତି କିମ୍ବା ଯୋଗାଯୋଗ କରୁଛନ୍ତି ? କିଛି ସମୟ ପର୍ଯ୍ୟନ୍ତ ଚିନ୍ତାକରନ୍ତୁ ପରେ ଆଗକୁ ପଢନ୍ତୁ । ପ୍ରଥମେ ସେ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି କି କିଭଳି ତାକୁ ଏପରି ବଡ ଚୋଟରୁ ବଞ୍ଚାଇ ଦେଇଛନ୍ତି । ଏକ ଦୀର୍ଘଶ୍ୱାସ ଛାଡି ଭଗବାନଙ୍କୁ ଧନ୍ୟବାଦ । କିଏ ଏଇ କ୍ଷଣକୁ ବୁଲିବାପାଇଁ ଛାଡି ଦେଇଛି ସମ୍ଭବତଃ ନିଜକୁ ପଚାରି କହୁଛି, ମତେ ଠିକ୍ ଭାବରେ ହେଲ୍‌ମେଟ୍ ପିନ୍ଧିବା ଦରକାର ଥିଲା । ସେ ବହୁତ ବଡ ପାଟିରେ କହିବ ଅଥବା ନିଜକୁ ନିଜେ କହିହେବ । ପ୍ରକୃତରେ ସେ ନିଜକୁ ପ୍ରଶ୍ନ ପଚାରୁଅଛି ଅଥବା ନିଜ ସାଥିରେ ଯୋଗାଯୋଗ କରୁଛି ।

ଆସନ୍ତୁ ଆମେ ଆଉ ଗୋଟିଏ ଉଦାହରଣ ଦେଖିବା । ଆପଣ କ'ଣ ଦୂରଦର୍ଶନରେ ନିଜର ପସନ୍ଦର କୌଣସି ବ୍ୟାଟ୍‌ସମ୍ୟାନ୍ ପଡିଆରେ ଖେଳୁଥିବା ଦେଖିଛନ୍ତି ? ଉଦାହରଣ ପାଇଁ ସୁନୀଲ ଗାଭାସ୍କର କିମ୍ବା ସଚୀନ୍ ତେନ୍ଦୁଲକର ଦୂରଦର୍ଶନରେ ବ୍ୟାଟିଂ କରୁଥିବା । ଯଦି ସେମାନଙ୍କ ଭିତରୁ କିଏବି ଅସାବଧାନତା ବସତଃ ବୋଲରଙ୍କ ବଲ୍‌କୁ ସାମନା କରୁଛନ୍ତି ଆପଣ ଦେଖିବେ ସେମାନେ କିଛିକଥା ହେଲାଭଳି ଲାଗିବେ ବା ନିଜକୁ ନିଜେ କଥାବାର୍ତ୍ତା କରୁଥିବେ । ସଫା ଭାବରେ କହିବାକୁ ଗଲେ ଏଠାରେ କୌଣସି ଯୋଗାଯୋଗ ହୁଏନାହିଁ କାରଣ ଏହି ପ୍ରକ୍ରିୟାରେ ସେଇ ବ୍ୟକ୍ତିଙ୍କ ବ୍ୟତୀତ ଆଉ କେହି ସାମିଲ ହୋଇନାହାନ୍ତି । ଏ ପ୍ରକାର ଯୋଗାଯୋଗକୁ ନିଜ ବୈକ୍ତିକ ଯୋଗାଯୋଗ କହିଥାନ୍ତି । ନିଜ ବୈକ୍ତିକ ଯୋଗାଯୋଗ ନିଜ ସାଥିରେ ସମ୍ବାଦକୁ କହନ୍ତି । ଆମେମାନେ ଏସବୁ କରିଥାଉଁ । ଏ ଅବସ୍ଥା ଚିନ୍ତାକରନ୍ତୁ ଯେତେବେଳେ ଆପଣ ନିଜ ସାଙ୍ଗରେ କଥା ହୁଅନ୍ତି । ଆପଣ ଯାଇକରି କାହାସହିତ ମିଳାମିଶା କରନ୍ତି ଏବଂ କିଛି ମୂର୍ଖତାପୂର୍ଣ୍ଣ କଥାକହି ଦିଅନ୍ତି । ସେତେବେଳେ କ'ଣ ଆପଣ ନିଜକୁ କହନ୍ତିନି ମତେ ଏଭଳି କହିବାର ନଥିଲା । କିମ୍ବା ମତେ ଏଭଳି ବ୍ୟବହାର କରିବାର ନଥିଲା । କିମ୍ବା ମୁଁ ନିଜକୁ ନିଜେ କିଭଳି ମୁର୍ଖ ହୋଇଗଲି ଏସବୁ ଚିନ୍ତାଧାରା ବହୁ ସାମାନ୍ୟ ଅଟେ । ଯେଉଁ ପର୍ଯ୍ୟନ୍ତ ଆମେ ଜିବିତ ଅଛୁ ଏଭଳି କାମ ସେ ପର୍ଯ୍ୟନ୍ତ କରୁଥିବୁ । ବାସ୍ତବରେ ଏହା ନିଜର ଅନ୍ତର୍ନିହିତ ରେ ଦେଖିବାର ଅଛି ବା ନିଜକୁ ନିଜେ ଦେଖିବା । ଏଥିରେ ଆମେ ନିଜର ଭୁଲ୍ କିମ୍ବା ଖରାପ ଜିନିଷକୁ ସ୍ୱୀକାର ମଧ୍ୟ କରିନେବା ତଥା ଏଥିରେ ସୁଧାର ମଧ୍ୟ କରିପାରୁଥିବା । ନିଜ ବୈକ୍ତିକ ଯୋଗାଯୋଗ ବା ନିଜର ସାଥିରେ ଥିବା ସମ୍ବାଦ ଆମକୁ ସମାଜରେ ଏକ ପ୍ରତିଷ୍ଠିତ ସଦସ୍ୟ ଚାପରେ ବିକସିତ କରିବାପାଇଁ ଆବଶ୍ୟକ ଅଟେ । ନିଜ ବୈକ୍ତିକ ଯୋଗାଯୋଗ ପ୍ରଥମ ପ୍ରକାରର ଯୋଗାଯୋଗ ଅଟେ ।

## ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯୋଗାଯୋଗ

ଯେତେବେଳେ ଆପଣ କାହାର ମୁହାଁମୁହିଁ ହୁଅନ୍ତି ଏବଂ ସେଇ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରନ୍ତି ତାକୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯୋଗାଯୋଗ କହନ୍ତି । ଏହା ଆମର ନିତ୍ୟ ପ୍ରତ୍ୟ ଜୀବନରେ ହୋଇଥାଏ । ସକାଳୁ ଉଠିକରି ଆପଣ ମାତା, ପିତା, ଭାଇ ଭଉଣୀଙ୍କ ସାଙ୍ଗରେ ମିଶିଥାନ୍ତି ସେମାନଙ୍କୁ ଅଭିନନ୍ଦନ ଜଣାନ୍ତି ତଥା ସେମାନଙ୍କ ସହିତ କଥାବାର୍ତ୍ତା କରିଥାନ୍ତି । ଯଦି ଆପଣ ଗୋଟିଏ ରେଳ ଟିକେଟ କ୍ରୟ

ଟିପ୍‌ପଣୀ

କରିବାକୁ ଚାହାନ୍ତି ତେବେ ଆପଣ ଟିକେଟ୍ ଝରକା ପାଖକୁ ଯାଆନ୍ତି ଏବଂ ଭିତରେ ଥିବା ବ୍ୟକ୍ତିଙ୍କୁ ଟିକେଟ ମାଗିଥାନ୍ତି । ଏସବୁ ବ୍ୟକ୍ତି ବ୍ୟକ୍ତି ଯୋଗାଯୋଗର ଉଦାହରଣ ଅଟେ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯୋଗାଯୋଗ ବ୍ୟକ୍ତିଙ୍କ ମଧ୍ୟରେ ବା ଜଣଙ୍କ ସାଥିରେ ଜଣଙ୍କର ଯୋଗାଯୋଗ ଅଟେ । ଆମ ମଧ୍ୟରୁ ଅନେକ ଲୋକ ଅନ୍ତର ବୈକ୍ତିକ ଯୋଗାଯୋଗ କରିଥାନ୍ତି । ଏହି ଯୋଗାଯୋଗ ସାମାନ୍ୟତଃ ମୁହାଁମୁହିଁ ହୋଇଥାଏ ତଥା ଅନୌପଚାରିକ, ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ହୋଇଥାଏ । ତଥାପି ଏପରି ପରିସ୍ଥିତି ହୋଇଥାଏ ଯେ ଏହା ଔପଚାରିକ ହୋଇଥାଏ । ଉଦାହରଣ ପାଇଁ ଜଣେ ସନ୍ଦିଗ୍ଧ ଅପରାଧି ସହିତ କଥାବାର୍ତ୍ତା ହେଉଥିବା ପୋଲିସ୍ ଅଧିକାରୀ ତଥା ଅଦାଲତର ଏକ ଆଖିଦୃଶ୍ୟା ବ୍ୟକ୍ତିଙ୍କୁ ପରୀକ୍ଷା କରୁଥିବା ଓକିଲ ଅଟନ୍ତି ।



**ଚିତ୍ର : 1.17 ଅନ୍ତର ବୈକ୍ତିକ**

ଆସନ୍ତୁ ଆମେ କିଛି ଏଭଳି ଔପଚାରିକ ତଥା ଅନୌପଚାରିକ ପରିସ୍ଥିତିର ସୂଚୀ ତିଆରି କରିବା ଯେଉଁଥିରେ ଅନ୍ତର ବୈକ୍ତିକ ଯୋଗାଯୋଗ ହୋଇଥାଏ ।

## ଅନ୍ତର ବୈକ୍ତିକ ଯୋଗାଯୋଗ

**ଔପଚାରିକ**

- ବୈଠକ ବା ସମ୍ମିଳନୀରେ ଭାଗନେବା
- ବିକ୍ରୟ କେନ୍ଦ୍ର
- ରୋଜଗାର ସାକ୍ଷାତକାର

**ଅନୌପଚାରିକ**

- ମିତ୍ରପରିଜନଙ୍କ ସାଙ୍ଗରେ ନିଜ ମଧ୍ୟରେ ଚର୍ଚ୍ଚା
- ଗଳିକନ୍ଦିର ଚର୍ଚ୍ଚା
- କ୍ୟାଣ୍ଟିନ୍ ବା ରେଷ୍ଟୋରାଁର ଆଲୋଚନା

ମୁହାଁମୁହିଁ ଯୋଗାଯୋଗର ଅର୍ଥ ଅନେକ ଗୁଡ଼ିଏ ଅଶାବ୍ଦିକ ଯୋଗାଯୋଗ ଏବଂ ପ୍ରଶ୍ନର ତୁରନ୍ତ ଉତ୍ତର । ଅନ୍ତର ବୈକ୍ତିକ ଯୋଗାଯୋଗ ବ୍ୟବସାୟ, ସଂଗଠନ ତଥା ସେବାକ୍ଷେତ୍ରରେ ଆବଶ୍ୟକ ଅଟେ ।

## ସାମୂହିକ ଯୋଗାଯୋଗ ବା ଲୋକ ଯୋଗାଯୋଗ

ଆସନ୍ତୁ ଆମେ କଳ୍ପନା କରିବା ଲୋକମାନଙ୍କର ଗୋଟିଏ ଗୋଷ୍ଠୀ ଏକ ବିଶେଷ ପ୍ରୟୋଜନ ପାଇଁ ନିଜ ନିଜ ଭିତରେ ଏକାଠି ହେଉଛନ୍ତି । ସେମାନେ ଗୋଟିଏ ଗଳି ବା ମୁଲକର ବ୍ୟକ୍ତି, ଅଧ୍ୟାପକ ବା ଛାତ୍ରନେତାଙ୍କୁ ପିଟିବାକୁ ଥିବା ଛାତ୍ରମାନଙ୍କର ଏକ ଗୋଷ୍ଠୀ ହୋଇପାରେ । ପ୍ରଥମ ମାମଲାରେ ଗୋଷ୍ଠୀକୁ ଏକ ନେତା ବା ଅଧକ୍ଷ ସମ୍ବୋଧିତ କରିବେ ଏବଂ ପୁଣି ଅନ୍ୟଲୋକ ଯେଉଁମାନେ କି ଜଣେ ଅନ୍ୟ ଜଣକୁ ଜାଣିଥା'ନ୍ତି ଏହି ଚର୍ଚ୍ଚାରେ ଅଂଶଗ୍ରହଣ କରିପାରିବେ । ଏଭଳି ସ୍ଥିତି ସାଧାରଣ ଅଟେ । ଯେଉଁଥିରେ ଗୋଟିଏ ଗୋଷ୍ଠୀର ଲୋକ ଯେଉଁମାନେ କି ସାଧାରଣ ଭାବରେ ଜଣେ ଅନ୍ୟ ଜଣକୁ ଜାଣିଥା'ନ୍ତି ଏବଂ ଜଣେ ଅନ୍ୟ ଜଣଙ୍କ ସାଙ୍ଗରେ ବାର୍ତ୍ତାଳାପ କରିଥା'ନ୍ତି । ଏହାକୁ ସାମୂହିକ ଯୋଗାଯୋଗ କୁହାଯାଇପାରିବ ।

ଆପଣ କୌଣସି ରାଜନୈତିକ ଦଳଙ୍କ ନିର୍ବାଚନୀ ସଭାରେ ସାମିଲ ହୋଇଛନ୍ତି କି ? କିମ୍ବା କୌଣସି



**ଚିତ୍ର : 1.18 (a) ସାମୂହିକ ଯୋଗାଯୋଗ**

ଧାର୍ମିକ ବା ଆଧାତ୍ମିକ ଗୁରୁଙ୍କର ପ୍ରବଚନ କରିବା ଶୁଣିଛନ୍ତି କି ? ସାଧାରଣଃ ଏଭଳି ବକ୍ତା କୌଣସି ଏକ ମଞ୍ଚ ବା ପିଣ୍ଡି ବା କୌଣସି ଗାଡିର ତଳେ ଠିଆହୋଇ ବକ୍ତୃତା ଦେଉଥାନ୍ତି । ଏଠାରେ ଯୋଗାଯୋଗ

ଟିପ୍ପଣୀ



ଚିତ୍ର : 1.18(a) ଲୋକ ଯୋଗାଯୋଗ

ପାଇଁ ମାଇକ୍ରୋଫୋନ୍ କିମ୍ବା ଏକ ଶବ୍ଦ ବିସ୍ତାରକ ଯନ୍ତ୍ରର ଆବଶ୍ୟକତା ହୋଇଥାଏ । ଅନେକ ଲୋକ ଏପରିକି ଶହ ଶହ ହଜାର ହଜାର ସଂଖ୍ୟାରେ ବକ୍ତୃତା ଦେବାର ଆରମ୍ଭରୁ ଠିଆହୋଇ ଦେଖୁଥା'ନ୍ତି । ଯେତେବେଳେ ନେତା କୁହନ୍ତି ଅନେକ ସଂଖ୍ୟାରେ ଲୋକ ଶୁଣୁଥା'ନ୍ତି । ଏଠାରେ ଜଣେ ବ୍ୟକ୍ତି ଅନେକ ବ୍ୟକ୍ତିଙ୍କୁ ସଂବୋଧିତ କରିଥାନ୍ତି । ଏଭଳି ଯୋଗାଯୋଗକୁ ଲୋକ ଯୋଗାଯୋଗ କୁହାଯାଏ । ଏଠାରେ ବକ୍ତା କେବଳ ସେହିମାନଙ୍କୁ ଦେଖେ ବା ଜାଣିପାରେ ଯେଉଁମାନେ କି ଆଗଧାଡିରେ ବସିଥାନ୍ତି । ଏଭଳି ଯୋଗାଯୋଗ କେବଳ ଜଣେ ଦୁଇଜଣ ବ୍ୟକ୍ତିକୁ ନୁହେଁ ପରନ୍ତୁ ବହୁ ଲୋକଙ୍କୁ ଦିଆଯାଏ । ଅନ୍ତର ବୈକ୍ତିକ ଯୋଗାଯୋଗରୁ ଅଲଗା ଏଠାରେ ବକ୍ତା ଶ୍ରୋତାଙ୍କୁ ପୁରାଭାବରେ ଦେଖିପାରନ୍ତିନାହିଁ । ତେଣୁ ଏଠାରେ ସାଧାରଣ ଭାବରେ ନିଜସ୍ୱ ଭାବନାର ଅଭାବ ଅଟେ । ଏମିତିବି ବକ୍ତା ଅଛନ୍ତି ଯିଏ ତୁରନ୍ତ ଶ୍ରୋତାଙ୍କ ସାଙ୍ଗରେ ମିତ୍ରଭାବ ବା ନିଜର ଭାବନା ସ୍ଥାପନା କରିଥାନ୍ତି । କିନ୍ତୁ ସାମୂହିକ ଯୋଗାଯୋଗରେ ଭିନ୍ନ ଏଠାରେ ଲୋକ ଜଣେ ଅନ୍ୟଜଣଙ୍କ ସହିତ ପରିଚିତ ମଧ୍ୟ ହୋଇ ନ ପାରନ୍ତି ।

ଲୋକଯୋଗାଯୋଗକୁ ଏପରି ଏକ ପରିସ୍ଥିତିର ରୂପରେ ପରିଭାଷିତ କରାଯାଇ ପାରନ୍ତା ଯେଉଁଠି ଅନେକ ବ୍ୟକ୍ତି ଜଣେ ବ୍ୟକ୍ତିଙ୍କ ଠାରୁ ବାର୍ତ୍ତା ଗ୍ରହଣ କରନ୍ତି । ଏହି ପରିସ୍ଥିତିରେ ବକ୍ତାଙ୍କ ବକ୍ତୃତାର କୌଶଳ ବହୁତ ମହତ୍ୱ ଅଟେ । ଆମେ କେତେକ ରାଜନୈତିକ ତଥା ଆଧ୍ୟାତ୍ମିକ ନେତାଙ୍କୁ ମନେ ପକାଇବା ଯେଉଁମାନେ ଏଭଳି ବାର୍ତ୍ତାପ୍ରେରଣ କରିବାରେ ଅଦ୍ୱିତୀୟ ଅଟନ୍ତି । ପୁନର୍ବାର ଏହା ସାମୂହିକ ଯୋଗାଯୋଗରୁ ଅଲଗା ଅଟେ କାରଣ ଏଥିରେ ପ୍ରେରକ ଏକ ବଡସଂଖ୍ୟାରେ ଶ୍ରୋତାଙ୍କ ପାଖରେ ପହଞ୍ଚିଥାଏ ତଥା ଏଥିରେ ଶବ୍ଦ ବିସ୍ତାରକ ଯନ୍ତ୍ର ବା ମାଇକ୍ରୋଫୋନ୍ର ବ୍ୟବହାର ହୋଇପାରିବ ।

## ପାଠ୍ୟଗତ ପ୍ରଶ୍ନ : 1.4

1. ସଠିକ୍ ଶବ୍ଦ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କରନ୍ତୁ

କ) ଏଭଳି ସ୍ଥିତି ଯେଉଁଥିରେ ଜଣେ ବ୍ୟାଟ୍ସମ୍ୟାନ୍ କ୍ରିଜ୍ ଉପରେ ରହିକରି ନିଜ ସାଥୀ ସାଙ୍ଗରେ କଥାବାର୍ତ୍ତା ହେବାକୁ ________ଯୋଗାଯୋଗ କୁହାଯାଏ ।

ଖ) ଦୁଇ ବ୍ୟକ୍ତିଙ୍କ କଥୋପକଥନକୁ__________ଯୋଗାଯୋଗ କୁହାଯାଏ ।

ଗ) କ୍ୟାଣ୍ଟିନରେ କଥାବାର୍ତ୍ତା ଅନ୍ତର-ବୈକ୍ତିକ ଯୋଗାଯୋଗ ________ ।

ଘ) __________ଯୋଗାଯୋଗରେ ସାମାନ୍ୟତଃ ଲୋକ ଜଣେ ଜଣଙ୍କ ସାଙ୍ଗରେ ପରିଚିତ ହୋଇଥାଏ ।

ଙ) ଲୋକ ସଂଚାରରେ ସାମାନ୍ୟତଃ ________ବ୍ୟକ୍ତି_________ବ୍ୟକ୍ତିଠାରୁ ବାର୍ତ୍ତା ପ୍ରାପ୍ତ କରିଥାଏ ।

## 1.8 ଆପଣ କ'ଣ ଶିକ୍ଷାକଲେ

→ ମାନବୀୟ ଯୋଗାଯୋଗର ବୁଝାମଣା

- ମାନବୀୟ ଯୋଗାଯୋଗର ବିକାଶ
- ଯୋଗାଯୋଗର କାରଣ

→ ଯୋଗାଯୋଗର ସଂଜ୍ଞା

→ ଆମେ ଯୋଗାଯୋଗ କିପରି କରିଥାଉଁ ?

- ଯୋଗାଯୋଗର ପଞ୍ଚଇନ୍ଦ୍ରିୟ + ମୌଖିକ ସଂଚାର
- ଅଶାବ୍ଦିକ ଯୋଗାଯୋଗ + ଲିଖିତ ଯୋଗାଯୋଗ

→ ଯୋଗାଯୋଗର ପ୍ରକୃତି ଭେଦ

- ଅନ୍ତଃବୈକ୍ତିକ
- ଅନ୍ତର ବୈକ୍ତିକ
- ଲୋକ ଯୋଗାଯୋଗ
- ସମୂହ ଯୋଗାଯୋଗ

## 1.9 ପାଠାନ୍ତ ପ୍ରଶ୍ନ

1. ଉଦାହରଣ ସହିତ "ଯୋଗାଯୋଗର"ଅର୍ଥ ବ୍ୟାଖ୍ୟା କରନ୍ତୁ ।



ଟିପ୍ପଣୀ

2. ଆମର ଦୈନନ୍ଦିନ ଜୀବନରେ ଯୋଗାଯୋଗର ପାଞ୍ଚଇନ୍ଦ୍ରିୟର ପ୍ରାସଙ୍ଗିକତା ଉପରେ ଆଲୋଚନା କରନ୍ତୁ ।

3. ମୌଖିକ ତଥା ଲିଖିତ ଯୋଗାଯୋଗର ଗୁଣ ତଥା ଦୋଷର ବର୍ଣ୍ଣନା କରନ୍ତୁ ।

4. ଉଦାହରଣ ସହିତ ଯୋଗାଯୋଗର ବିଭିନ୍ନ ପ୍ରକାର ଭେଦ ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ କରନ୍ତୁ ।

**1.10 ପାଠଗତ ପ୍ରଶ୍ନର ଉତ୍ତର**

**1.1** 1- ଭାଗ 1.2 ପଢନ୍ତୁ

2- ଭାଗ 1.3 ପଢନ୍ତୁ

3- (I) ଭୁଲ (II) ଠିକ୍ (III) ଭୁଲ୍

**1.2** I) ସ୍ପର୍ଶ (II) ଦୃଶ୍ୟ (III) ସ୍ୱାଦ (IV) ଶ୍ରବଣ (V) ଆଘ୍ରାଣ

2- ଭାଗ 1.4 ପଢନ୍ତୁ

**1.3** I) ଠିକ୍ (II) ଭୁଲ୍ (III) ଠିକ୍ (IV) ଠିକ୍ (V) ଭୁଲ



ଟିପ୍‌ପଣୀ



# ୨

# ଜନସଂଚାର

ଆକାଶବାଣୀ ଏଫ୍‌ଏମ୍‌ଗୋଲ୍ଡ, ଆକାଶବାଣୀ ଏଫ୍‌ଏମ୍‌ରେନ୍‌ବୋ, ରେଡିଅ ମିର୍ଚ୍ଚି, ଦୂରଦର୍ଶନ, ଷ୍ଟାର ଜୀ, ଡିସ୍‌ନେଟ୍, ଟାଟା ସ୍କାଇ... ଗୋଟିଏ ଅସରନ୍ତି ସୂଚୀ । ବ୍ରେକିଙ୍ଗ୍ ନ୍ୟୁଜ୍, ଫ୍ଲାସ୍, ଷ୍ଟିଙ୍ଗ ଅପରେସନ୍, ଲାଇଭ୍ କଭରେଜ୍ କ୍ରିକେଟର...ଜନସଂଚାର କ୍ଷେତ୍ରରେ ଅଥବା କୌଣସି ଜନ ମାଧ୍ୟମରେ ଏବେ ଆମର ଯୋଗାଯୋଗର ଗତିବିଧିରେ ପରିବର୍ତ୍ତନ ଆସିଯାଇଛି । ଆମେ ମନୋରଂଜନ, ସଂଗୀତ, ରିଆଲିଟି ସୋ, ଧାରାବାହିକ, ବ୍ୟୁଟି ପରେଡ ଏବଂ ଫେସନ୍ ନ୍ୟୁଜ ଏସବୁର ଆନନ୍ଦ ନେଉଛେ । ସମାଚାର ପତ୍ର ଏବଂ ପତ୍ରିକାଠାରୁ ଏବେ ଚଳଚ୍ଚିତ୍ର, ଦୂରଦର୍ଶନ ଏବଂ ଇଣ୍ଟରନେଟ୍ ଆଡକୁ ଚାଲିଗଲାଣି । ଏ ସମସ୍ତ ଜନମାଧ୍ୟମର ଅଲଗା ଅଲଗା ରୂପ ଅଟେ ଏବଂ ଏସମସ୍ତ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ଗୋଟିଏ ବିରାଟ ଅପରିଚିତ ଶ୍ରୋତାମାନଙ୍କୁ ବାର୍ତ୍ତାପ୍ରେରଣ କରୁଅଛି ।

ଏହି ପାଠରେ ଆପଣ ଜନସଞ୍ଚାରର ଅର୍ଥ ଜାଣିପାରିବେ ତଥା ଜନ ମାଧ୍ୟମର ବିଭିନ୍ନ ପ୍ରକାରର ମଧ୍ୟରେ ଥିବା ଦୂରତ୍ୱ ଜାଣିପାରିବେ ।

## ଉଦ୍ଦେଶ୍ୟ

ଏହି ପାଠ ପଠନର ଉପରାନ୍ତ ଆପଣ ନିମ୍ନଲିଖିତ ବିଷୟ କରିପାରିବେ ।


- ଜନସଂଚାରର ପରିଭାଷା
- ଜନସଂଚାର କାର୍ଯ୍ୟର ବ୍ୟାଖ୍ୟା
- ଜନସଂଚାର ସୃଷ୍ଟିର ବର୍ଣ୍ଣନା
- ଜନ ମାଧ୍ୟମର ବିଭିନ୍ନ ରୂପ ମଧ୍ୟରେ ଥିବା ଦୂରତା ।
- ପାରମ୍ପରିକ ମାଧ୍ୟମର ଅର୍ଥର ବର୍ଣ୍ଣନା

## 2.1 ଜନସଂଚାରର ଅର୍ଥ

ଯାନ୍ତ୍ରିକ ବା ବୈଦୁ୍ୟତିକ ରୂପରେ ପ୍ରସାରିତ ହେଉଥିବା ଜନ/ଗଣ ଯୋଗାଯୋଗକୁ ଅତି ସରଳ ଭାଷାରେ ଜନ ସଂଚାର କୁହାଯାଏ । ଏହି ପ୍ରକାରରେ ବାର୍ତ୍ତାର ସଂଚାର ବହୁ ବଡ ସଂଖ୍ୟାରେ ଲକ୍ଷ ଲକ୍ଷ-କୋଟି କୋଟି ଲୋକଙ୍କ ପାଖରେ ଦୁନିଆସାରା ପହଞ୍ଚିଥାଏ । ଏହି ବାର୍ତ୍ତା କେଉଁ ପ୍ରକାରରେ କିଭଳି

ଟିପ୍ପଣୀ

ପଠାଯାଏ ଏହା ଗଣ ମାଧ୍ୟମର ଅନେକ ପ୍ରକାର ଯେପରି ସମାଚାରପତ୍ର,ପତ୍ରିକା, ଚଳଚ୍ଚିତ୍ର, ବେତାର , ଦୂରଦର୍ଶନ ଅଥବା ଇଣ୍ଟରନେଟ୍ ମାଧମରେ ପ୍ରେରଣ କରାଯାଇଥାଏ । ମିଡିଆ, ମାଧମ ଶଦ୍ଧ ବା ଯୋଗାଯୋଗ ମାଧମର ବହୁବଚନ ଅଟେ ।



**ଚିତ୍ର : 2.1 ଜନମାଧ୍ୟମର ବିଭିନ୍ନ ରୂପ**

ସଂଚାରର ମାଧ୍ୟମକୁ ସଂଚାରର "ଚେନଲ୍" ମଧ୍ୟ କୁହାଯାଏ । ତେଣୁ ଗଣମାଧ୍ୟମକୁ 'କିଏ କ'ଣ କହିଥାଏ', କେଉଁ ଚେନଲ ଉପରେ ଚାପରେ ଏହା ପରିପ୍ରକାଶ କରାଯାଇପାରିବ ।

- ନିମ୍ନଲଖିତ ଚିତ୍ର ଦେଖନ୍ତୁ

| | | | | |
|---|---|---|---|---|
| କିଏ ? | କ'ଣ କୁହନ୍ତି ? | କେଉଁ ଚାନେଲରେ ? | କାହାକୁ ? | କେଉଁ ପ୍ରଭାବ ସାଥିରେ ? |
| ଯୋଗାଯୋଗ | ବାର୍ତ୍ତା | ମାଧମ | ପ୍ରାପ୍ତକର୍ତ୍ତା | ପ୍ରଭାବ |

**ଚିତ୍ର : 2.2**

'କିଏ'ର ସମ୍ବନ୍ଧ ଯୋଗାଯୋଗ ସହିତ ଥାଏ । "କ'ଣ କୁହନ୍ତି ? ଏଠାରେ କ'ଣର ଅର୍ଥ ବାର୍ତ୍ତା, କ'ଣ ଏହା ଅଟେ ଯାହା ବାର୍ତ୍ତା ପଠାଇଥିବା ଜଣଙ୍କର ଲେଖା, କହିବା ବା ଦେଖିବାକୁ ବୁଝାଇଥାଏ । "କେଉଁ ଚାନେଲ୍"ରେ ଏହାର ଅର୍ଥ ମାଧମ ବା ଚାନେଲ ଯେପରିକି ସମାଚାରପତ୍ର, ରେଡିଓ ବା ଦୂରଦର୍ଶନ । କାହାକୁର ଅର୍ଥ ବାର୍ତ୍ତାକୁ ପ୍ରାପ୍ତ କରିଥିବା ବ୍ୟକ୍ତି କିମ୍ବା...କେଉଁ ପ୍ରଭାବ ସାଥିରେ ଏହାର ଅର୍ଥ ଗୋଟିଏ ମିଡିୟମ ବା ଚାନେଲରେ ବାର୍ତ୍ତାର ପ୍ରଭାବ । ଏବେ ଆମେ ବିଚାରକରିବା ଗୋଟିଏ ଘଟଣା ଯାହା ସମ୍ବନ୍ଧରେ ସୂଚନା ଆପଣଙ୍କୁ ସମାଚାର ପତ୍ରଦ୍ୱାରା ମିଳିଥାଏ କିମ୍ବା ଗୋଟିଏ ସାମାଜିକ ବାର୍ତ୍ତା ବେତାର ଦ୍ୱାରା ଶୁଣିବାକୁ ମିଳେ । ଯଦି ଏହାଦ୍ୱାରା ଯୌତୁକ ଭଳି ସାମାଜିକ କୁସଂସ୍କାର ସମ୍ବନ୍ଧରେ ଆପଣଙ୍କ

ଦୃଷ୍ଟିକୋଣ ବଦଳିଥାଏ ବା ଦୂରଦର୍ଶନ ଦ୍ୱାରା ପ୍ରଦର୍ଶିତ ଗୋଟିଏ ଚଳଚ୍ଚିତ୍ର ସଂଗୀତ ଆପଣଙ୍କୁ ମନୋରଞ୍ଜନ ଯୋଗାଇଥାଏ ତେବେ ଆପଣ ଏହାକୁ "ପ୍ରଭାବ" କହିପାରିବେ ।

ସେଇମାନେ ଯେଉଁମାନେ ଚଳଚ୍ଚିତ୍ର ତିଆରି କରନ୍ତି, ସମାଚାର ଲେଖନ୍ତି, ବେତାର ଏବଂ ଦୂରଦର୍ଶନ କାର୍ଯ୍ୟକ୍ରମକୁ ନିର୍ମାଣ କରନ୍ତି ତଥା ବିଜ୍ଞାପନ ତିଆରି କରନ୍ତି ସମସ୍ତେ ଜଣେ ଜଣେ ପାଳନକର୍ତ୍ତା ବା ପ୍ରେରକ ବା ପ୍ରେରିକା ଅଟନ୍ତି ଯାହାପାଖରେ ଆପଣଙ୍କ ପାଇଁ ବାର୍ତ୍ତାଟିଏ ଅଛି । ଏହି ବାର୍ତ୍ତା ଯାହାଦ୍ୱାରା ପ୍ରେରିତ ହୋଇଥାଏ ଯେପରିକି ସମାଚାର ପତ୍ର, ବେତାର ବା ଦୂରଦର୍ଶନ ଏମାନଙ୍କୁ ଚେନାଲ୍ କୁହାଯାଏ । ଏହାପରେ ଆମେ ଜନ ସଂଚାରର କାର୍ଯ୍ୟଧାରା ଉପରେ ଚର୍ଚ୍ଚା କରିବା ।

## 2.2 ଜନସଂଚାରର କାର୍ଯ୍ୟଧାରା

ସମ୍ବାଦ ଏବଂ ଆଲୋଚନା ଆପଣଙ୍କୁ ସୂଚନା ପ୍ରଦାନ କରିଥାଏ, ବେତାର ଏବଂ ଦୂରଦର୍ଶନ କାର୍ଯ୍ୟକ୍ରମ ଆପଣଙ୍କୁ ଶିକ୍ଷିତ କରିପାରେ, ଚଳଚ୍ଚିତ୍ର ଏବଂ ଦୂରଦର୍ଶନ ଧାରାବାହିକ ଆପଣଙ୍କ ମନୋରଞ୍ଜନ କରିପାରେ ।

ସୂଚନା ଶିକ୍ଷା ତଥା ମନୋରଞ୍ଜନ-ଏହା ଗଣ ମାଧ୍ୟମର କାର୍ଯ୍ୟଧାରା ଅଟେ ।

ଆସନ୍ତୁ ଏବେ ଆମେ ଏହି ଗଣ ମାଧ୍ୟମର କାର୍ଯ୍ୟକାରୀତା ବିଷୟରେ ଆଉ କିଛି ଜାଣିବା । ଯେଉଁମାନେ ଲେଖନ୍ତି, କାର୍ଯ୍ୟକ୍ରମର ନିର୍ଦ୍ଦେଶନା ତଥା ନିର୍ମାଣ କରନ୍ତି, ସେଇମାନେ ହିଁ ଆମକୁ ବାର୍ତ୍ତା ପ୍ରେରଣ କରିଥାନ୍ତି । ଆସନ୍ତୁ ଆମେ ବେତାର ତଥା ଦୂରଦର୍ଶନର ଗୋଟିଏ ସମାଚାର ବୁଲେଟିନ୍ ଉପରେ ବିଚାର ବିମର୍ଷ କରିବା । ଏମାନେ ସମସ୍ତେ ଆମକୁ କୌଣସି ଘଟଣା ଉପରେ ସୂଚନା ପ୍ରଦାନ କରିଥାନ୍ତି । ଜଣେ ନୂଆ ରାଷ୍ଟ୍ରପତି ନିର୍ବାଚିତ ହେବା ଦେଶରେ ଏକ ନୂଆ ମିଶାଇଲ୍‌ର ବିକଶିତ "କ୍ରିକେଟ୍‌ରେ ଭାରତ ପାକିସ୍ଥାନକୁ ପରାସ୍ତ କରିବା", "ବୋମା ବିସ୍ଫୋରଣରେ ୨୫ଜଣଙ୍କ ମୃତ୍ୟୁ" । ଏ ସମସ୍ତ ଆମକୁ ସୂଚନା ପ୍ରଦାନ କରିଥାଏ । ଏ ସମସ୍ତ ସାମୂହିକ ଭାବରେ ରୂପାନ୍ତରିତ ତଥା ଲିଖିତ ବାର୍ତ୍ତା ଅଟେ ଯାହା ସେଇ ଲୋକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ଯାହାକୁ ପ୍ରେରକ କୁହାଯାଏ ।

ଜଣେ ଡାକ୍ତର କିଛି ରୋଗର ଉପଶମ ପାଇଁ ଦୂରଦର୍ଶନ କିମ୍ବା ବେତାର ଦ୍ୱାରା ନିଜ ବକ୍ତବ୍ୟ ରଖିଥାନ୍ତି ତଥା ସମାଚାର ପତ୍ରରେ ନିଜର ଲେଖା ଦେଇଥାଆନ୍ତି, ରେଡିଓ ବା ଦୂରଦର୍ଶନରେ ବିଶେଷଜ୍ଞ କୃଷକମାନଙ୍କୁ ଫସଲ, କ୍ଷେତ ତଥା ବିହନର ନୂଆ କୌଶଳ ସଂପର୍କରେ ବୁଝାଇଥାନ୍ତି । ଏହି ପ୍ରକାରରେ କୃଷକ ଶିକ୍ଷା ବା ଜ୍ଞାନ ଲାଭ କରିଥାନ୍ତି । ସମସ୍ତ ବ୍ୟବସାୟିକ ଚଳଚ୍ଚିତ୍ର, ଦୂରଦର୍ଶନ ଧାରାବାହିକ ତଥା ସଂଗୀତ କାର୍ଯ୍ୟକ୍ରମ ମନୋରଂଜନ କରିଥାନ୍ତି ।

ଚାନେଲ୍ ସେହି ମାଧ୍ୟମ ଅଟେ ଯାହାଦ୍ୱାରା ବାର୍ତ୍ତା ପ୍ରେରିତ ହୋଇଥାଏ । ଏହା ହୋଇପାରେ ସମାଚାର ପତ୍ର, ଚଳଚ୍ଚିତ୍ର, ବେତାର ଦୂରଦର୍ଶନ ତଥା ଇଣ୍ଟରନେଟ୍ । ପାଠକ, ଶ୍ରୋତା ତଥା ଦର୍ଶକଙ୍କ ଉପରେ ଗଣମାଧ୍ୟମର ଗଭୀର ପ୍ରଭାବ ପଡିଥାଏ । ଲୋକମାନେ ଦୂରଦର୍ଶନରେ ବିଜ୍ଞାପନ ଦେଖି କୌଣସି ଜିନିଷ କିଣିନିଅନ୍ତି । ବିଜ୍ଞାପନ ଦ୍ୱାରାହିଁ ଜିନିଷ କିଣିବାପାଇଁ ସେ ଆସିଥାନ୍ତି ତଥା ଏଥିରେ ସେମାନେ ସନ୍ତୁଷ୍ଟ ଲାଭ କରିଥାନ୍ତି ।



ଟିପ୍‌ପଣୀ

ସ୍ୱାଧୀନତା ସମୟରେ ଭାରତର କୃଷି ବିକଶିତ ହୋଇନଥିଲା । ଦେଶରେ ଚାଉଳ ଏବଂ ଗହମ ଉତ୍ପାଦନ ଏତେ ପରିମାଣରେ ନଥିଲା ଯାହାକି ଦେଶବାସୀଙ୍କ ପେଟ ପୂରି ପାରିବ । ସେତେବେଳେ ଆମେ ଖାଦ୍ୟଶସ୍ୟ ଆମଦାନୀ କରୁଥିଲୁ ତା ସଂଗେ ସଂଗେ ଜନସଂଖ୍ୟା ମଧ୍ୟ ହୁ ହୁ ହୋଇ ବଢ଼ି ଚାଲିଥିଲା । ଏ ପରିସ୍ଥିତିରେ ଅନେକ ଲୋକ ଭୋକ ଉପାସରେ କାଳାତିପାତ କରୁଥିଲେ । ତେଣୁ ସରକାର ଏ ସମସ୍ତ ପରିସ୍ଥିତିରୁ ମୁକୁଳିବାପାଇଁ ଗଣମାଧ୍ୟମ ବିଶେଷ କରି ରେଡିଓର ବ୍ୟବହାର ଆରମ୍ଭ କଲେ । ଅଧିକାଂଶ କୃଷକ ଯେଉଁମାନେ ଅଶିକ୍ଷିତ ଥିଲେ ରେଡିଓ ମାଧ୍ୟମରେ ସଠିକ୍ ବିଜ, ଉର୍ବର ତଥା କ୍ଷେତବାଡିର ନୂଆ ନୂଆ କୌଶଳ ବ୍ୟବହାର କରିବାପାଇଁ ପରାମର୍ଶ ଦିଆଗଲା । ଏହାର ପ୍ରଭାବ ବାସ୍ତବରେ ଉଲ୍ଲେଖନୀୟ ଥିଲା । ଏହିପରି ଭାବରେ କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି ହୋଇଥିଲା ଯାହାକି "ସବୁଜ ବିପ୍ଳବ"ନାମରେ ଜଣାଯାଏ । ଏହିପରି ଭାବରେ ଗଣମାଧ୍ୟମ ଛୋଟ ପରିବାର କରିବାର ଆବଶ୍ୟକତା ଉପରେ ପ୍ରାଧାନ୍ୟ ଦେଇଥିଲା । ଅନେକ ଲୋକ ଛୋଟ ପରିବାରର ମାପକାଠିକୁ ଅନୁସରଣ କରି କେବଳ ଦୁଇଟି ବା ତିନୋଟି ସନ୍ତାନଙ୍କୁ ଜନ୍ମଦେଲେ ।

ଉଦାହରଣ ସ୍ୱରୂପ ପଲସ୍ ପୋଲିଓକୁ ନିଆଯାଉ । "ପୋଲିଓମୁକ୍ତ" କରିବାପାଇଁ ଗଣମାଧମ ଲୋକମାନଙ୍କୁ "ପୋଲିଓ ବୁନ୍ଦା"ର ବିଷୟରେ ସୂଚନା ତଥା ଶିକ୍ଷିତ କରିବାର ଚେଷ୍ଟା କରିଛନ୍ତି । ରଚନାତ୍ମକ ବାର୍ତ୍ତାକୁ ଆହୁରି ସୃଜନଶୀଳ କରି ଚଳଚ୍ଚିତ୍ରର ତାରକାମାନେ ଏହାକୁ ଲୋକଙ୍କୁ ପ୍ରଦାନ କରୁଛନ୍ତି । "ଜୀବନପାଇଁ ମାତ୍ର ଦୁଇବୁନ୍ଦା" ଏହି ଉକ୍ତି ପ୍ରସିଦ୍ଧ ଅଭିନେତା ଅମିତାଭ ବଚ୍ଚନ ଦୂରଦର୍ଶନରେ କହୁଥିବା ଆପଣ ଦେଖିଥିବେ ।

## 2.3 ଜନସଂଚାରର ପ୍ରାରମ୍ଭ

"ଜନସଂଚାର" ଶବ୍ଦର ବିକାଶ ବିଂଶ ଶତାବ୍ଦୀରେ ହୋଇଥିଲା । ମନୁଷ୍ୟ ସର୍ବଦା ଏଭଳି ସାଧନର ସନ୍ଧାନରେ ଥିଲା ଯାହାଦ୍ୱାରା ଏକ ବଡ ସଂଖ୍ୟାରେ ଲୋକଙ୍କ ପାଖରେ ଅତି ଶୀଘ୍ର କୌଣସି ବାର୍ତ୍ତା ପହଞ୍ଚିପାରିବ । ଗୋଟିଏ ସମୟ ଥିଲା ଯେତେବେଳେ ଲୋକମାନେ ଯୁଦ୍ଧର ଖବର ସଂଗ୍ରହ ପାଇଁ ଦୂରଦୂରାନ୍ତ ପର୍ଯ୍ୟନ୍ତ ଘୋଡାସବାରି କରୁଥିଲେ । ବାର୍ତ୍ତା ପହଞ୍ଚାଇବାପାଇଁ କପୋତର ସାହାଯ୍ୟ ଡାକ ବ୍ୟବସ୍ଥାପାଇଁ କରାଯାଉଥିଲା । ସଂସ୍କୃତର ମହାନ୍ କବି କାଳିଦାସଙ୍କ ବିଷୟରେ ଆପଣ ଜାଣିଥିବେ । ତାଙ୍କର ମହାକାବ୍ୟ "ମେଘଦୂତ"ରେ ଯକ୍ଷ(ସ୍ୱର୍ଗର ଗାୟକ)ବାଦଲର ସହାୟତାରେ ନିଜ ପ୍ରେମିକାଙ୍କ ପାଖକୁ ବାର୍ତ୍ତା ପ୍ରେରଣ କରୁଥିଲେ । କାଳକ୍ରମେ କାଗଜ ତଥା ମୁଦ୍ରଣର ଆବିଷ୍କାର ସମାଚାରପତ୍ରର ପ୍ରକାଶନ ଜନସଂଚାର ବିକାଶର ପ୍ରଥମ ସୋପାନ ଥିଲା । ପରନ୍ତୁ ୧୮୩୫ ମସିହାରେ ସାମୁଏଲ ଏଫ.ବି. ମୋର୍ସଙ୍କ ଦ୍ୱାରା ଆବିଷ୍କୃତ ଟେଲିଗ୍ରାଫ ଯନ୍ତ୍ରଦ୍ୱାରା କୋର୍ଡ ବା ସୂକ୍ଷ୍ମଶବ୍ଦର ପ୍ରୟୋଗ ଦ୍ୱାରା ବାର୍ତ୍ତାକୁ ଦୂର ଜାଗା ପର୍ଯ୍ୟନ୍ତ ପଠାଯାଇପାରିଲା । ପରବର୍ତ୍ତୀ ପଦକ୍ଷେପ ଥିଲା ମନୁଷ୍ୟ ସ୍ୱରର ସହାୟତାରେ ବାର୍ତ୍ତା ପ୍ରେରଣ । ୧୮୭୬ମସିହାରେ ଆଲେକଜାଣ୍ଡାର ଗ୍ରାହାମ୍ ବେଲ୍ ଦୂରସ୍ଥାନ ପର୍ଯ୍ୟନ୍ତ ତା'ର ବାର୍ତ୍ତାର ପ୍ରୟୋଗକରି ମନୁଷ୍ୟ ସ୍ୱର ପ୍ରସାରଣ କରିବାରେ ସଫଳ ହୋଇଥିଲେ । ଏହାପରେ ୧୯୦୧ମସିହାରେ ମାର୍କୋନୀଙ୍କ ଦ୍ୱାରା ବେତାର ଯନ୍ତ୍ରର ଆବିଷ୍କାର...ଦୂର ସ୍ଥାନ ପର୍ଯ୍ୟନ୍ତ ବାର୍ତ୍ତା



ଟିପ୍ପଣୀ

ମନୁଷ୍ୟ ସ୍ୱରରେ ସମ୍ଭବ ହୋଇପାରିଥିଲା । କାଳକ୍ରମେ ୧୯୪୭ମସିହାରେ ରେଡିଓ ବା ଟ୍ରାଞ୍ଜିଷ୍ଟରର ସନ୍ଧାନ ବେତାର ଧ୍ୱନି ବାର୍ତ୍ତା ପଠାଇବା ପାଇଁ ଏକ ଅଧିକ ଲୋକପ୍ରିୟ ମାଧ୍ୟମ ହୋଇଗଲା । ଆଜି ଦୂରଦର୍ଶନ ସ୍ୱର ତଥା ଛବି ଦୁଇଟିକୁ ଏକାଠି କରି ବାର୍ତ୍ତା ପ୍ରେରଣ କରିପାରୁଛି ଏବଂ ଅଧିକ ସୁଲଭ ହୋଇପାରିଛି । ୧୯୨୦ମସିହାରେ ବେୟର୍ଡ ଏହାକୁ ଆବିଷ୍କାର କରିଥିଲେ ।

| **ଗଣମାଧ୍ୟମ** |
|---|
| ସମାଚାର ପତ୍ର ପତ୍ରିକା |
| ବିଜ୍ଞାପନ |
| ଚଳଚ୍ଚିତ୍ର |
| ବେତାର |
| ଦୂରଦର୍ଶନ |
| ଇଣ୍ଟରନେଟ୍ |

**ଚିତ୍ର : 2.3**

ଆପଣ ଚିନ୍ତା କରୁଥିବେ ଗଣ ଯୋଗାଯୋଗ ଗଣମାଧ୍ୟମ ମଧ୍ୟରେ ବିଭେଦ କ'ଣ ଅଛି । ସେହି ମୁହୂର୍ତ୍ତରେ ଆପଣଙ୍କ ମନରେ ଦୂରଦର୍ଶନର ଛବି ଆସିଥାଏ ଯେତେବେଳେ ଜଣେ "ଗଣମାଧ୍ୟମ ଶବ୍ଦ"ପ୍ରୟୋଗକରେ ଯାହାକି ଆଜି ଏକ ସର୍ବାଧିକ ଲୋକପ୍ରିୟ ଗଣମାଧ୍ୟମ ଅଟେ । ଯେତେବେଳେ ଆମେ ଗଣ ଯୋଗାଯୋଗର ଆଲୋଚନା କରିଥିଲେ "ଚେନଲ୍ "ବା "ମିଡିୟମ' ଶବ୍ଦର ପ୍ରୟୋଗ କରିଥିଲେ । ଆପଣ ଜାଣିଛନ୍ତି "ମିଡିଆ" "ମିଡିୟମ"ର ବହୁବଚନ ଅଟେ । ଗୋଟିଏ ମିଡିୟମ (ମାଧ୍ୟମ)ବାର୍ତ୍ତାପ୍ରେରଣର ଏକ ସାଧନ ଅଟେ । କାହା ସହିତ ଆମେ ମିଶିଲେ କିମ୍ବା ବାର୍ତ୍ତାଳାପ କଲେ ଏହା ମୁହାଁମୁହିଁ ଯୋଗାଯୋଗ ହୋଇଥାଏ । କିନ୍ତୁ ଯେତେବେଳେ ଆମେ ଗଣମାଧ୍ୟମର ବିଷୟରେ କଥାବାର୍ତ୍ତା କରୁଥାଏଁ ଯେପରି ଦୂରଦର୍ଶନ ଏଥିରେ ମୁହାଁମୁହିଁ ଯୋଗାଯୋଗ ହୁଏନାହିଁ । ଏଥିରେ ଲୋକ ତଥା ବିଶାଳ ଜନ ସମୂହ ଏକାଠି ହୋଇଥାନ୍ତି ।

ବିଶାଳ ଜନସମୂହ ପାଖରେ ଯୋଗାଯୋଗର ପ୍ରଥମ ମାଧ୍ୟମ ସମାଚାର ପତ୍ର ଅଟେ । ଏହାପରେ ପକୃତ ଗଣମାଧ୍ୟମ ମାର୍କୋନୀଙ୍କ ଦ୍ୱାରା ଆବିଷ୍କୃତ ବେତାର ଯନ୍ତ୍ର ବା ରେଡିଓ ଆସିଥିଲା । ସମ୍ବାଦ ପତ୍ରରେ ସମୟର ସ୍ଥିତିକୁ ନେଇ ସୀମାରେଖା ଥାଏ । ସମ୍ବାଦକୁ ଏକାଠି କରିବା, ତାକୁ ସଂକଳନ କରିବା, ପୁଣି ଆଗୁଆ ଭାବରେ ତାକୁ ମୁଦ୍ରଣକରି ପଢିବାପାଇଁ ଲୋକମାନଙ୍କ ପାଖକୁ ପଠାଇବା ଏହିସବୁ ଗତିବିଧି ସମୟସାପେକ୍ଷ ଅଟେ । ଉଦାହରଣ ସ୍ୱରୂପ ଆପଣମାନେ ଯେଉଁ ସମାଚାର ପତ୍ରକୁ ସକାଳେ ପାଠ କରନ୍ତି ତାହାକୁ ମଧ୍ୟରାତ୍ରିରେ ମୁଦ୍ରଣ କରାଯାଇଥାଏ । ଏହାର ଅର୍ଥ ସେହି ସମାଚାର ପତ୍ରରେ ମଧ୍ୟରାତ୍ରି ପରର ଘଟଣା ସ୍ଥାନ ପାଇନଥାଏ । ନିଶ୍ଚିତ ଭାବରେ ସମାଚାର ପତ୍ର ପାଠକମାନଙ୍କ ପାଇଁ ସାକ୍ଷର ହେବା ନିତ୍ୟାନ୍ତ ଆବଶ୍ୟକ ଅଟେ । ଆସନ୍ତା ଅଧ୍ୟାୟରେ ଆପଣ ଗଣମାଧ୍ୟମ ଅନ୍ୟାନ୍ୟ



ଟିପ୍ପଣୀ

ଚାପ ସଂପର୍କରେ ଜ୍ଞାନ ଲାଭ କରିବେ ।

**ପାଠ୍ୟଗତ ପ୍ରଶ୍ନ : 2.1**

1. ଗଣମାଧ୍ୟମର ଅନ୍ତତଃ ୫ଟି ପ୍ରକାରର ଗୋଟିଏ ସୂଚୀ ପ୍ରସ୍ତୁତ କରନ୍ତୁ ।
2. ଗଣମାଧ୍ୟମର କୌଣସି ଏକ କାର୍ଯ୍ୟଧାରା ସଂପର୍କରେ ଉଦାହରଣ ଦେଇ ବର୍ଣ୍ଣନା କରନ୍ତୁ ।

## 2.4 କାଗଜ

ଆପଣ ପଢିଛନ୍ତି କାଗଜର ସନ୍ଧାନ ଯୋଗାଯୋଗ କ୍ଷେତ୍ରରେ ଏକ କ୍ରାନ୍ତିକାରୀ ଘଟଣା ଅଟେ ।

କାଗଜର ସନ୍ଧାନ ପୂର୍ବରୁ ଚଟାଣ, ଚମଡା ତଥା ତାଳପତ୍ର ଆଦି ମାନଙ୍କରେ ଲେଖା ଯାଉଥିଲା । ଆପଣ ଚଟାଣ ଉପରେ କିଛି ପ୍ରାଚୀନ ଲେଖନୀ ଦେଖିଥିବେ ଯେପରିକି ଅଶୋକସ୍ତମ୍ଭ ତଥା ତାଳପତ୍ର ଉପରେ ସଂସ୍କୃତ ବା ଅନ୍ୟାନ୍ୟ ଭାରତୀୟ ଭାଷାର ଅଭିଲେଖ । ଯଦ୍ୟପି ଚୀନ୍‌ର ଅଧିବାସୀ ଗର୍ବିତ ହୁଅନ୍ତି ୧୦୫ଖ୍ରୀ.ପୂରେ ସେମାନଙ୍କ ଦ୍ୱାରା ବ୍ୟବହାର ହୋଇଥିବା ଏକ ପ୍ରକାର କାଗଜ ତଥାପି "କାଗଜ"ଶବ୍ଦ ପାପିରସ୍ ନାମକ ଏକ ବୃକ୍ଷରୁ ଆସିଅଛି ଯାହାକି ଇଜିପ୍ଟର ନୀଳ ନଦୀର ଅବବାହିକାରେ ବୃଦ୍ଧି ପାଇଥାଏ ବା ଦେଖାଦେଇଥାଏ ।

ଆଜି ଆମ ପାଇଁ ବିଭିନ୍ନ ରଂଗ ରୂପର କାଗଜ ନାହିଁ ଆଶ୍ଚର୍ଯ୍ୟର ବସ୍ତୁ ନାହିଁ ଦୁର୍ଲ୍ଲଭ ବସ୍ତୁ । ବିନା କାଗଜରେ ଦୁନିଆ ଆପଣ କଳ୍ପନା କରିପାରିବେକି ? ଆପଣ ମାନଙ୍କର ମୋଟାମୋଟି ସମସ୍ତ ପଢିବା-ପାଠ କରିବା କାଗଜ ଉପରେ ନିର୍ଭର କରିଥାଏ । ଆପଣ ମାନଙ୍କର ପାଠ୍ୟପୁସ୍ତକ, ନୋଟ୍, ବୁକ୍ସ, କପି, ପରୀକ୍ଷା ପ୍ରଶ୍ନପତ୍ର, ଅଲଗା ଅଲଗା ଫର୍ମ ଯାହା ଆପଣ ଶିକ୍ଷା ସଂସ୍ଥାନରେ ଭର୍ତ୍ତିହେବା ସମୟରେ ଦାଖଲ କରନ୍ତି, ତଥା ଉତ୍ତର ପୁସ୍ତିକା ଯାହା ପରୀକ୍ଷା ସମୟରେ ଉତ୍ତର ଲେଖିବା ସମୟରେ ବ୍ୟବହୃତ ହୁଏ, ଏ ସମସ୍ତ କାଗଜ ଦ୍ୱାରା ହିଁ ତିଆରି ହୋଇଥାଏ । ସମାଚାର ପତ୍ର, ପତ୍ରିକା, କାନ୍ଥରେ ମରାଯାଉଥିବା ପୋଷ୍ଟର ବିନା ଆପଣ ଦୁନିଆର କଳ୍ପନା କରିପାରିବେ କି ?

## 2.5 ମୁଦ୍ରଣ

ପାଖାପାଖି ୧୪୩୯ମସିହାରେ ଜୋହାନ୍‌ସ ଗୁଟେନ୍ ବର୍ଗ ସର୍ବପ୍ରଥମ ମୁଦ୍ରଣ ଯନ୍ତ୍ରର ବିକାଶ କରିଥିବାର ଅନୁମାନ କରାଯାଏ । ମୁଦ୍ରଣ ସାଙ୍ଗେ ସାଙ୍ଗେ ଯୋଗାଯୋଗ ବିକାଶର ବିଧିବ୍ୟବସ୍ଥାରେ ଏକ କ୍ରାନ୍ତି ଆସିଯାଇଥିଲା ।

ଜ୍ଞାନ ଏବଂ ସୂଚନା ଯାହା ସେତେବେଳ ପର୍ଯ୍ୟନ୍ତ ଉଚ୍ଚବର୍ଗ ଲୋକଙ୍କ ଗୋଟିଏ ଭାଗର ଏକ ଅଧିକାର ଥିଲା ଧିରେ ଧିରେ ସାଧାରଣ ବର୍ଗର ଲୋକଙ୍କ ପାଇଁ ଉପଲବ୍ଧ ହୋଇଗଲା । ଦୁଇ କଠୋର ଆବରଣର ମଧ୍ୟରେ ମୁଦ୍ରିତ ସାମଗ୍ରୀ ଜ୍ଞାନର ବିସ୍ତାରକୁ ତୀବ୍ରତର କରିଦେଲା । ବିଦ୍ୟାଳୟ, କଲେଜ ତଥା ବିଶ୍ୱବଦ୍ୟାଳୟର ପୁସ୍ତକାଳୟରେ ପୁସ୍ତକ ସେହି ଲୋକଙ୍କ ପାଇଁ ଉପଲବ୍ଧ ହେବାକୁ ଲାଗିଲା ଯେଉଁମାନେ ଏହାକୁ କିଣିପାରୁ ନଥିଲେ ତଥାପି ସେଇମାନେ ପଢିବାକୁ ଚାହୁଁଥିଲେ । କାଳକ୍ରମେ ସମାଚାର ପତ୍ର ତଥା ସାପ୍ତାହିକି ପତ୍ରିକା ଲୋକପ୍ରିୟ ହୋଇଗଲା ।




**ଚିତ୍ର : 2.4 ମୁଦ୍ରିତ ମାଧ୍ୟମ**

ଗୁଟେନ୍‌ବର୍ଗ ଯେଉଁ ମୁଦ୍ରଣ ଯନ୍ତ୍ରର ବିକାଶ କରିଥିଲେ ପରବର୍ତ୍ତୀ ଅବସ୍ଥାରେ ଏହା ଅଧିକ ପରିବର୍ତ୍ତିତ ତଥା ଯନ୍ତ୍ରଚାଳିତ ହୋଇଗଲା । ଆଜି ମୁଦ୍ରଣ ଏକ ଅତ୍ୟଧିକ ପରିମାର୍ଜିତ ହୋଇଯାଇଛି ଏବଂ ମୁଦ୍ରଣ ମାଧ୍ୟମ ଯଥା ସମାଚାରପତ୍ର, ସାପ୍ତାହିକି ତଥା ମାସିକ ପତ୍ରିକା ନିଜର ଆଧୁନିକ ମୁଦ୍ରଣ ଛାପା ଉପଯୋଗରେ ପ୍ରସ୍ତୁତ ହେଉଛି ଯାହା ଅତ୍ୟଧିକ ବେଗରେ ଛାପା କରିବାରେ ସକ୍ଷମ ହୋଇଛି । କମ୍ପ୍ୟୁଟରର ସହଯୋଗରେ ମୁଦ୍ରଣ ପ୍ରକ୍ରିୟା ଆହୁରି ଅଧିକ ସୁଧାର ହୋଇପାରିଛି । "ମୁଦ୍ରଣ ମାଧ୍ୟମ" ସଂପର୍କରେ ଆଗାମୀ ଅଧ୍ୟାୟରେ ଆପଣ ଆହୁରି ଅନେକ ଜିନିଷ ଜାଣିପାରିବେ ।

**କ୍ରିୟାକଳାପ: 2.1**

ନିଜ ଘର ପାଖରେ ଥିବା ଗୋଟିଏ ଛାପାଖାନାକୁ ଯାଆନ୍ତୁ । ସମାଚାର ପତ୍ରର ମୁଦ୍ରଣ ପ୍ରକ୍ରିୟା ଦେଖନ୍ତୁ । ଆପଣ ଜାଣିପାରିବେ ମୁଦ୍ରଣ କିପରି ହୁଏ ।

**ପାଠ୍ୟଗତ ପ୍ରଶ୍ନ : 2.2**

1. ନିମ୍ନଲିଖିତକୁ ଯୋଗ କରନ୍ତୁ

| | | |
|---|---|---|
| i. | କାଗଜ | ତାଳପତ୍ର |
| ii. | ପୂର୍ବର ଲେଖନ | ବିକାଶିତ ମୁଦ୍ରଣ |
| iii. | ଜୋହାନ୍‌ସ ଗୁଟେନ୍‌ବର୍ଗ | ପିପାରସ୍ |
| iv. | ମୁଦ୍ରିତ ମାଧ୍ୟମ | ଇଣ୍ଡିଆ ଟୁଡେ |
| v. | ସାପ୍ତାହିକୀ | ସମାଚାର ପତ୍ର |



ଟିପ୍‌ପଣୀ

## 2.6 ଗଣମାଧ୍ୟମର ବିଭିନ୍ନ ପ୍ରକାର

### ସମ୍ବାଦପତ୍ର ତଥା ସାମ୍ବାଦିକତା

ଆପଣ ପ୍ରଥମରୁ ହିଁ ପଢିଛନ୍ତି କାଗଜ ତଥା ମୁଦ୍ରଣର ଆବିଷ୍କାର ଯୋଗୁଁ ସମାଚାର ପତ୍ରର ବିକାଶ ସାଧନ ହୋଇପାରିଛି । ସମ୍ବାଦପତ୍ରର ମୁଦ୍ରଣ ତଥା ପ୍ରକାଶନ ଲୋକଙ୍କ ରୁଚିକୁ ସୂଚାଇବା ପାଇଁ ଉପଲବ୍ଧ କରାଇବା ପାଇଁ, ବିଜ୍ଞାପନ ତଥା ବିଚାରଧାରାକୁ ପ୍ରସ୍ତୁତ କରିବାପାଇଁ ହୋଇଥାଏ । ସାଧାରଣତଃ ଏଠାରେ ପ୍ରକାଶନ ଦୈନିକ, ସାପ୍ତାହିକ ତଥା ନିୟମିତ ସମୟର ବ୍ୟବଧାନରେ ହୋଇଥାଏ । ସମ୍ବାଦପତ୍ର ସର୍ବପ୍ରଥମେ ୧୭ଦଶକରେ ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡ ଭଳି ଦେଶରେ ପ୍ରକାଶିତ ହୋଇଥିଲା । କାଳକ୍ରମେ ଏହାର ପ୍ରସାର ଦୁନିଆର ଅନ୍ୟାନ୍ୟ ସମସ୍ତ ଦେଶରେ ପ୍ରଚଳିତ ହୋଇଗଲା । ସମ୍ବାଦପତ୍ରର ପ୍ରଥମ ସ୍ୱାମୀ ସେଇମାନେ ଥିଲେ ଯେଉଁମାନେ କୌଣସି ସାମାଜିକ ସମସ୍ୟା ପାଇଁ ସଂଘର୍ଷ କରିବା କାରଣରୁ ସାମ୍ବାଦିକତାକୁ ନିଜର ସାଧନ କରିଥିଲେ । ଏବେ ଆପଣ ଜାଣିବାକୁ ଚାହିଁବେ ପତ୍ର ସାମ୍ବାଦିକତା କ'ଣ ଅଟେ ? ପତ୍ର ସାମ୍ବାଦିକତାରେ ସୂଚନାର ସଙ୍କଳନ ଏବଂ ଏହାକୁ ପ୍ରେରଣା ଇତ୍ୟାଦି କାର୍ଯ୍ୟ ସଂପାଦନ ହୋଇଥାଏ । ଏଥିରେ ସୂଚନାକୁ ବାଛିବା, ତଥା ଘଟଣା, ବିଚାରର ଉଚିତ୍ ମାର୍ଗକୁ ସଂପାଦନ କରିବା, ମୁଦ୍ରଣ କରିବା, ତଥା ପ୍ରସ୍ତୁତିକରଣ ମଧ୍ୟ ସାମିଲ ହୋଇଥାଏ । ଆମର ଆସନ୍ତା ପ୍ରୟୋଗରେ ଆପଣ ଏ ବିଷୟରେ ଅଧିକ ଜ୍ଞାନ ଲାଭ କରିବେ ।

ଭାରତରେ ସାମ୍ବାଦିକତାର ଆରମ୍ଭ ବ୍ରିଟିଶ୍ ଶାସନ କାଳରେ ଇଂରେଜମାନଙ୍କ ଦ୍ୱାରା କରା ଯାଇଥିଲା ଏବଂ ପରେ ରାଜା ରାମମୋହନ୍ ରାୟ, ବାଳ ଗଙ୍ଗାଧର ତିଳକ ତଥା ପୁଣି ମହାତ୍ମାଗାନ୍ଧୀଙ୍କ ଭଳି ରାଷ୍ଟ୍ରିୟ ନେତା ତଥା ସାମାଜିକ ସୁଧାରକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଏମାନେ ସ୍ୱତନ୍ତ୍ରତା ଆନ୍ଦୋଳନ ସମୟରେ ଇଂରେଜ ମାନଙ୍କ ସାଙ୍ଗରେ ସଂଘର୍ଷରେ ସାମ୍ବାଦିକତାର ଉପଯୋଗ କରିଥିଲେ । 1903 ରେ ମସିହାରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ବସବାସ କରୁଥିବା ଭାରତୀୟଙ୍କ ଅଧିକାର ପାଇଁ ସଂଘର୍ଷ କରିବାପାଇଁ "ଇଣ୍ଡିଆନ୍ ଓପିନିୟନ" ପତ୍ରର ଆରମ୍ଭ କରିଥିଲେ । ତାପରେ ଭାରତରେ "ହରିଜନ"ର ଆରମ୍ଭ ହୋଇଥିଲା ତଥା "ୟଙ୍ଗ ଇଣ୍ଡିଆ"ପାଇଁ ଲେଖୁଥିଲେ । ଆଜି ଭାରତରେ ବିଭିନ୍ନ ଭାଷାଭାଷୀର ବହୁ ସଂଖ୍ୟାରେ ପ୍ରକାଶିତ ସମାଚାର ପତ୍ର ସବୁଦିନ ସକାଳେ ଲକ୍ଷଲକ୍ଷ ଲୋକଙ୍କ ପାଖରେ ପହଞ୍ଚିପାରୁଛି । "ଛାପା ମିଡିଆ"ମଡେଲରେ ଆପଣ ସମାଚାର ପତ୍ର ଉପରେ ଆହୁରି ଅଧିକ ଜାଣିପାରିବେ ।

### ବେତାର ଯୋଗାଯୋଗ

ଯେତେବେଳେ ଆମେ ଗଣମାଧ୍ୟମର ଜନ୍ମ ସଂପର୍କରେ ଆଲୋଚନା କରିଥିଲେ ଆମେ ଦୁଇଟି ଆବିଷ୍କାର ଉପରେ ଆଲୋକପାତ କରିଥିଲେ । ପ୍ରଥମ 1835 ମସିହାରେ କୋର୍ଡଦ୍ୱାରା ପ୍ରୟୋଗ ହେବା ସାମୁଏଲ ମୋର୍ସଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣର ଚେଷ୍ଟା ବିଷୟରେ ଥିଲା । ପରେ ୧୮୫୧ରେ ଆନ୍ତର୍ଜାତିକ ମୋର୍ସ କୋର୍ଡର ବିକାଶ କରାଗଲା । ଏବେ ଏହି ସମୟରେ ଆମେ ମହାଦେଶକୁ ପାରକରି ବାର୍ତ୍ତାପ୍ରେରଣ ପାଇଁ ମୋର୍ସଙ୍କର ବୈଦୁତିକ ଟେଲିଗ୍ରାଫର ପ୍ରୟୋଗ କରୁଛେ । ସମୟର ତାଳେ ତାଳେ ଆମେ ବିନା କୌଣସି ତାରର ସହାୟତାରେ ମଧ୍ୟ ବାର୍ତ୍ତା ପ୍ରେରଣରେ ସଫଳ ହୋଇପାରିଛୁ । ଆଜି ଆମେ



ଟିପ୍ପଣୀ



ଯେଉଁ ମୋବାଇଲ ଫୋନର ବ୍ୟବହାର କରୁଛୁ ଯୋଗାଯୋଗର ଏହା ଏକ ଉତ୍ତମ ଉଦାହରଣ ଅଟେ ।

**ଫଟୋଗ୍ରାଫି**

ଆପଣ କ୍ୟାମେରା ଏବଂ ଫଟୋଗ୍ରାଫି ସହିତ ପରିଚିତ ଅଛନ୍ତି । ଫଟୋଗ୍ରାଫିରେ ଆଲୋକର ବ୍ୟବହାର କରି ଛବି ବା ଫଟୋ ପ୍ରସ୍ତୁତି କରାଯାଇଥାଏ । ୧୯ଶତାବ୍ଦୀରେ ଫ୍ରାନ୍ସର ଦୁଇ ବ୍ୟକ୍ତି ନାଇସଫୋର ନିପ୍‌ସେ ତଥା ଲୁଇ ଜାଗ୍ ମାଣ୍ଡେଗେ ଫଟୋଗ୍ରାଫିର ବିକାଶ କରିଥିଲେ । କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ଆମେ କଳାଧଳା ଛବି କରୁଥିଲେ । ପରେ ତୈଳଯୁକ୍ତ ଏକ ଶୁଭ୍ର ତରଳର ପ୍ରୟୋଗ ଦ୍ୱାରା ରଂଗିନ ଫଟୋଗ୍ରାଫ ସମ୍ଭବ ହେଲା । ସମାଚାର ପତ୍ର, ପତ୍ରିକା ମାନଙ୍କରେ ତଥା ବିଜ୍ଞାପନ ମାନଙ୍କରେ ଫଟୋଗ୍ରାଫର ବ୍ୟବହାର ହେଉଥିଲା । ୨୦ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଫଟୋଗ୍ରାଫରମାନେ ଡିଜିଟାଲ କୌଶଳର ଆରମ୍ଭ କରିଥିଲେ ଯେଉଁଥିରେ ଫଟୋଗ୍ରାଫ ସହଜ ହୋଇଗଲା ତଥା କ୍ୟାମେରାର ପ୍ରୟୋଗ ଆହୁରି ସୁବିଧା ହୋଇଗଲା । ଆଜିର ମୋବାଇଲ ଫୋନରେ ମଧ୍ୟ କ୍ୟାମେରା ଲାଗିଛି ।

**ଚଳଚ୍ଚିତ୍ର**

ପ୍ରଥମ ଭାଗରେ ଆମେ ଫଟୋଗ୍ରାଫ୍ ସଂପର୍କରେ ଆଲୋଚନା କଲେ । ଗୋଟିଏ କ୍ୟାମେରାର ପ୍ରୟୋଗରେ ଚିତ୍ର ବା ଛବି ଉତ୍ତୋଳନକୁ "ସ୍ଥିର ଫଟୋଗ୍ରାଫ୍" କୁହାଯାଏ । କାରଣ ଏହା ସ୍ଥାୟୀ ଅଟେ ଚାଲେନାହିଁ । ସ୍ଥିର ଫଟୋଗ୍ରାଫ୍‌ର ପରବର୍ତ୍ତୀ ବିକାଶକୁ ଆମେ ଚଳଚ୍ଚିତ୍ର(ମୋସନ୍ ପିକ୍‌ଚର୍ସ) ବା ମୁଭିସ୍ କହିଥାଉ । ଏହି କୌଶଳରେ ସ୍ଥିର ଫଟୋଗ୍ରାଫର ଫିଲ୍ମ ଉପରେ ତିଆରି ଗୋଟିଏ ଧାଡିକୁ ଅତି ତୀବ୍ର ବେଗରେ ଗୋଟିଏ ପରେ ଗୋଟିଏ ଏକ ପର୍ଦାଉପରେ ପ୍ରଦର୍ଶିତ ଏଥିରେ ବ୍ୟବହୃତ କ୍ୟାମେରାକୁ ମୁଭି ବା ଘୂର୍ଣ୍ଣାୟମାନ କ୍ୟାମେରା କୁହାଯାଏ । ମୋଶନ ପିକ୍‌ଚର ମେସିନ(ଚଳଚ୍ଚିତ୍ର ଯନ୍ତ୍ର)ର ପ୍ରୟୋଗ ଦ୍ୱାରା ଫିଲ୍ମର ପ୍ରଦର୍ଶନ ଚଳଚ୍ଚିତ୍ର ଉପରେ କରାଯାଉଥିଲା ଏବଂ କାଳକ୍ରମେ ଯୁକ୍ତରାଷ୍ଟ୍ର ଆମେରିକାର ଟାଇମସ୍ ଆଲ୍‌ଭ ଏଡିସନ ଫ୍ରାନ୍ସର ଲୁମିୟେ ବନ୍ଧୁ କହି ହେଉଥିବା ଚିତ୍ରର ପ୍ରକାଶ କରିଥିଲେ । ଲୁମିୟେ ବନ୍ଧୁ ଭାରତ ଆସି ମୁମ୍ବାଇରେ ନିଜର ଚଳଚ୍ଚିତ୍ର ଦେଖାଇଥିଲେ । ଆମେରିକାର ହଲିଉଡ୍‌ଭଳି ଭାରତ ମଧ୍ୟ ଚଳଚ୍ଚିତ୍ର କଳା ତଥା କୌଶଳର ବିକାଶ କରିଥିଲା । ପ୍ରଥମ ଚଳଚ୍ଚିତ୍ର ନର୍ବାକ ଥିଲା ପୁଣି ୧୯୨୭ରେ ସବାକ ବା କଥା କହିପାରୁଥିବା ଚଳଚ୍ଚିତ୍ର ଆସିଗଲା । ଭାରତର ପ୍ରଥମ "ମୋଶନ ପିକ୍‌ଚର"(ଚଳଚ୍ଚିତ୍ର)ଦାଦା ସାହେବ ଫାଲକେଙ୍କର "ରାଜା ହରିଶ୍ଚନ୍ଦ୍ର" ତଥା ଭାରତର ପ୍ରଥମ ଟକୀ(କଥାକୁହା ଚଳଚ୍ଚିତ୍ର) "ଆଲମ ଆରା"ଥିଲା । ଆଜି ଚଳଚ୍ଚିତ୍ର ଆମ ଜୀବନର ଏକ ଅବିଚ୍ଛେଦ ଅଂଗ ଅଟେ । ଚଳଚ୍ଚିତ୍ରରେ ତାରକାମାନଙ୍କର ପରମ୍ପରା ଆରମ୍ଭ ହୋଇଛି । ଆପଣଙ୍କ ମନପସନ୍ଦର ତାରକା କିଏ ? ଭାରତର ପ୍ରଥମ ଚଳଚ୍ଚିତ୍ର ପୌରାଣିକ ଆଧାରିତ ହୋଇଅଛି କାଳକ୍ରମେ ଚଳଚ୍ଚିତ୍ରରେ ସାମାଜିକ ବିଷୟବସ୍ତୁକୁ ନିଆଗଲା ଯେପରିକି ଆଜି ପର୍ଯ୍ୟନ୍ତ ରହିଅଛି ।



ଟିପ୍ପଣୀ

**କ୍ରିୟାକଳାପ: 2.2**

ଏପରି ଦୁଇଟି ଚଳଚ୍ଚିତ୍ରର ନାମ ଲେଖନ୍ତୁ ଯାହାକି ସାମାଜିକ ବିଷୟବସ୍ତୁ ଉପରେ ଆଧାରିତ ହୋଇଥିବ ।

**ବେତାର**

ମାତ୍ର କୌତୁହଳବଶତଃ ତଥା ଜ୍ଞାନ କୌଶଳର ପ୍ରୟୋଗକୁ ଭିତ୍ତିକରି ବେତାର ଗଣଯୋଗାଯୋଗର ଏକ ବାସ୍ତବ ତଥା ଏକ ଶକ୍ତିଶାଳୀ ଲୋକପ୍ରିୟ ମାଧ୍ୟମ ହୋଇଯାଇଛି । ପଶ୍ଚିମରେ ଏହାର ବିକାଶପରେ 1920 ଦଶକରେ ଏହା ଆମ ପାଖକୁ ଆସିଯାଇଥିଲା ତଥା ମୁମ୍ବାଇରେ ଏହାର ପ୍ରଥମ ଔପଚାରିକ ବେତାର କେନ୍ଦ୍ର ସ୍ଥାପନ ହୋଇଥିଲା । ବେତାର ଭାଗରେ ଆପଣ ବେତାର ସଂପର୍କରେ ଅଧିକ ବିଷୟ ବିସ୍ତାର ସହ ଜାଣିପାରିବେ ।

**ଦୂରଦର୍ଶନ**

ବେୟର୍ଡଙ୍କ ଦ୍ୱାରା 1920 ରେ ଆବିଷ୍କୃତ ଦୂରଦର୍ଶନ ବିଂଶ ଶତାବ୍ଦୀର କଳା କ୍ଷେତ୍ରରେ ଆଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ ଅଟେ । ଭାରତରେ ପ୍ରୟୋଗାତ୍ମକ ଭାବରେ ଦୂରଦର୍ଶନ 1959 ରେ ଆରମ୍ଭ ହୋଇଥିଲା ଏବଂ ପ୍ରଥମ ଦୂରଦର୍ଶନ କେନ୍ଦ୍ର ଦିଲ୍ଲୀରେ ସ୍ଥାପିତ ହୋଇଥିଲା । ପ୍ରାରମ୍ଭରେ ଏହା ଅଧିକ ସିମିତ ପରିଧିରେ ଧିର ବେଗରେ ଥିଲା କିନ୍ତୁ 1982 ରେ ରଂଗୀନ ଦୂରଦର୍ଶନର ଆରମ୍ଭର ସଂଗେ ସଂଗେ ଏହା ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ଥିଲା । ଆଜି ଦୂରଦର୍ଶନ ପାଖରେ ବିଶ୍ୱର ଏକ ବିଶାଳତମ ଦୂରଦର୍ଶନ ନେଟ୍‌ୱାର୍କ ଅଛି । 1990 ଦଶକର ପ୍ରାରମ୍ଭିକ ବର୍ଷ ମାନଙ୍କରେ ଭାରତରେ ଉପଗ୍ରହ ଟେଲିଭିଜନ ମଧ୍ୟ ଆସି ଯାଇଥିଲା ତଥା ପରେ ଡାଇରେକ୍ଟ ଟୁ ହୋମ୍(ଡିଟିଏଚ୍) ଆଗମନ ମଧ୍ୟ ହୋଇଗଲା । ପରବର୍ତ୍ତୀ ଭାଗରେ ଆପଣ ଦୂରଦର୍ଶନ ସଂପର୍କରେ ଅଧିକଜ୍ଞାନ ଲାଭ କରିବେ ।

**ନୂଆ ମିଡିଆ**

କମ୍ପ୍ୟୁଟର ତଥା ଯୋଗାଯୋଗ କୌଶଳର ବିକାଶ ତଥା ନିରନ୍ତର ପ୍ରୟୋଗର ପ୍ରରିଣାମ ସ୍ୱରୂପ ନୂଆ ମିଡିଆର ଉଦ୍‌ଭାବନ ହେଲା । ଏଥିରେ କମ୍ପ୍ୟୁଟର, ସୂଚନା କୌଶଳ, ଯୋଗାଯୋଗ ନେଟ୍ ୱାର୍କ ତଥା ଡିଜିଟାଲ ମିଡିଆ ଏକତ୍ରିତ ଅଟନ୍ତି । ଏହାର କାରଣରୁ ଗଣଯୋଗାଯୋଗ ପାଇଁ ଏକ ନୂତନ ପ୍ରକ୍ରିୟା ଜୋଡି ହୋଇଗଲା ଯାହାକୁ ଆମେ "କନ୍‌ଭରଜେନସ୍"ବା "ସଂଳାପ"କହିବା । ସଂଳାପର ଅର୍ଥ ମିଡିଆର ବିଭିନ୍ନ ପ୍ରକାର ଭେଦ ତଥା ଅନ୍ୟାନ୍ୟ ରୂପ ଯେପରି ମୁଦ୍ରିତ ଅଂଶ, ଫଟୋଗ୍ରାଫ୍, ଫିଲମ୍, ରେକର୍ଡ ହୋଇଥିବା ସଂଗୀତ ବା ବେତାର ଦୂରଦର୍ଶନ ଇତ୍ୟାଦିର ଏକା ସାଙ୍ଗରେ ଆସିଯିବା ଅଟେ । ଯେହେତୁ ପୁରୁଣା ମିଡିଆଠାରୁ ନୂଆ ମିଡିଆକୁ ଅଲଗା କରି ବୁଝିବା କଷ୍ଟକର ଅଟେ, ତଥାପି ବିଶ୍ୱବ୍ୟାପୀ ୱେବ ବା ଇଣ୍ଟରନେଟ୍‌ର ଧାରା ଆମର ଯୋଗାଯୋଗର ଧାରାକୁ ବଦଳାଇ ଦେଇଛି । ଏହା ବିଷୟରେ ଆମେ ପରବର୍ତ୍ତି ଅଧ୍ୟାୟରେ ଭଲଭାବରେ ଜାଣିପାରିବା ।

**ପାରମ୍ପରିକ ମାଧ୍ୟମ**

ପାରମ୍ପରିକ ମାଧ୍ୟମ ଆମ ଦେଶର ସମୃଦ୍ଧ ବିରାସତ୍‌ର ଏକ ଅଂଗ ଅଟେ । ଏହାର ଆଧାର ଆମ ଦେଶର ସଶକ୍ତ ମୌଖିକ ପରମ୍ପରା ଅଟେ । ଏହା ସଂପୂର୍ଣ୍ଣ ଆମ ଦେଶର ଅଟେ ଏବଂ ଏହାର ବୀଜମନ୍ତ୍ର ବହୁତ ଦୃଢ ଭାବରେ ଆମର ସଂସ୍କୃତି ସହିତ ଜୋଡି ହୋଇ ରହିଛି । ଏଥିରେ ସେତିକି ବିବିଧତା ଅଛି ଯେପରି ଆମର ସଂସ୍କୃତିରେ ଅଛି ।

ଭାରତୀୟ ଜନଜୀବନ କୃଷି ତଥା ଧର୍ମ ସହିତ ଅଙ୍ଗାଙ୍ଗୀଭାବେ ପ୍ରଭାବିତ ହୋଇଅଛି । ଆମର ଋତୁମାନଙ୍କର ପ୍ରଭାବ ମଧ୍ୟ ଏହା ଉପରେ ଅଛି । ଅତି ପ୍ରାଚୀନ କାଳରୁ ଆମେ ମେଳାର ଆୟୋଜନ କରିଥାଉ ତଥା ପର୍ବପର୍ବାଣୀ ପାଳନ କରୁଅଛୁ ଯେଉଁଥିରେ ନୃତ୍ୟ ଏବଂ ସଂଗୀତ ମିଳିତ ଭାବରେ ରହିଅଛି । ସେଇ ନୃତ୍ୟ ତଥା ସଂଗୀତ ମିଡିଆର ପାରମ୍ପରିକ ରୂପ ଅଟେ ଯାହା ସୂଚିତ ଶିକ୍ଷିତ କରିବା ସଂଗେ ସଂଗେ ଲୋକମାନଙ୍କର ମନୋରଂଜନ ମଧ୍ୟ କରିଥାଏ ।

ମିଡିଆର ତୀବ୍ରରୂପର ଆଗମନରେ ପାରମ୍ପରିକ ମାଧ୍ୟମ ମଧ୍ୟ ପ୍ରଭାବିତ ହୋଇଛି । ବେତାର ଦୂରଦର୍ଶନ ଭିନ୍ନ ପାରମ୍ପରିକ ମାଧ୍ୟମରେ କଳାକାର ବା ପରିବେଷଣକାରୀ ତଥା ଶ୍ରୋତା ଜଣେ ଅନ୍ୟ ଜଣକୁ ଜାଣିଥାଆନ୍ତି । ଏହାର ପ୍ରଦର୍ଶନ ସ୍ୱାଭାବିକ, ଜ୍ଞାତ ତଥା ବନ୍ଧୁତ୍ୱର ପରିବେଶରେ ହୋଇଥାଏ । ଏହାର ବାର୍ତ୍ତା ସରଳ ଅଟେ, ବିଷୟବସ୍ତୁ ଜଣାଶୁଣା ଅଟେ ତଥା ଭାଷା ଢଗମାଳୀ ଚିହ୍ନା ଜଣା ଅଟେ । ଅନ୍ୟାନ୍ୟ ଆଧୁନିକ ମାଧ୍ୟମ ଭଳି ଲୋକମାନେ ଏଥିରେ କ୍ଳାନ୍ତ ଅନୁଭବ କରନ୍ତିନାହିଁ । ଆସନ୍ତୁ ଆମେ ସଂପୂର୍ଣ୍ଣ ଉତ୍ତର ଭାରତରେ ପାଳନ ହେଉଥିବା ତଥା ପ୍ରଦର୍ଶନ କରାଯାଉଥିବା ଜଣାଶୁଣା ରାମଲୀଳାକୁ ଉଦାହରଣ ନେବା । "ରାମାୟଣ"ର କାହାଣୀଦ୍ୱାରା ସମସ୍ତେ ପରିଚିତ ଅଟନ୍ତି ଯେପରି କଳାକାର ମାନଙ୍କ ସହିତ । ପ୍ରତିବର୍ଷ ସେମାନେ ସେଇ ଗୋଟିଏ କାହାଣୀକୁ ପୁନରାବୃତ୍ତି କରିଥାନ୍ତି ତଥାପି ବଡ ସଂଖ୍ୟାରେ ଲୋକ ଏହାକୁ ଦେଖିବାକୁ ଆସିଥାନ୍ତି । କିନ୍ତୁ ଆପଣ ଗୋଟିଏ ସାଧାରଣ ଚଳଚ୍ଚିତ୍ରକୁ ବାରମ୍ବାର ଦେଖିପାରିବେ କି ?

ଆମ ଦେଶରେ ପାରମ୍ପରିକ ମାଧ୍ୟମର ଅନେକ ପ୍ରକାର ଭେଦ ଅଛି । ଅଲଗା ଅଲଗା କ୍ଷେତ୍ରରେ ଏହାକୁ ଭିନ୍ନ ଭିନ୍ନ ନାମରେ ଜଣାଯାଇଥାଏ । ପାରମ୍ପରିକ ମାଧ୍ୟମର କିଛି ସାଧାରଣ ଉଦାହରଣ କଥାକାହାଣୀ, ଲୋକ ସଂଗୀତ, ପଥପ୍ରାନ୍ତ ନାଟକ ତଥା କାଠ କଣ୍ଢେଇ ଇତ୍ୟାଦି ଅଟେ ।

ପାରମ୍ପରିକ ମାଧ୍ୟମର କିଛି ରୂପ ଯେପରି ପାରମ୍ପରିକ ସଂଗୀତ ତଥା ପୌରାଣିକ କାହାଣୀକୁ ଲିପିବଦ୍ଧ କରାଯାଇଛି । କିନ୍ତୁ ବିଭିନ୍ନ ପ୍ରକାର ଲୋକ ମାଧ୍ୟମ ସାଧାରଣତଃ ସ୍ୱତଃ ପ୍ରବୃତ୍ତ ଅଟେ ଯାହାକି ସେଇ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ପ୍ରଦର୍ଶିତ ହୋଇଥାଏ ।

**ପାଠ୍ୟଗତ ପ୍ରଶ୍ନ : 2.3**

1. ଭାରତରେ ମିଳୁଥିବା କୌଣସି ତିନିଗୋଟି ପାରମ୍ପରିକ ମାଧ୍ୟମର ରୁପକୁ ବର୍ଣ୍ଣନା କରନ୍ତୁ ।
2. "କନ୍‌ଭରଜେନ୍‌ସ"ଶବ୍ଦର ଅର୍ଥ କ'ଣ ?



ଟିପ୍ପଣୀ

## 2.7 ଆପଣ କ'ଣ ଶିକ୍ଷା ଲାଭ କଲେ

**ଗଣ ଯୋଗାଯୋଗ**

**→ଗଣଯୋଗାଯୋଗର ସଂଜ୍ଞା**

**→ଗଣଯୋଗାଯୋଗର କାର୍ଯ୍ୟାବଳୀ**

- ସୂଚନା
- ଶିକ୍ଷା
- ମନୋରଂଜନ

→ ଗଣମାଧ୍ୟମର ଉତ୍ପତ୍ତି

- କାଗଜ ଏବଂ ମୁଦ୍ରଣର ଉଦ୍‌ଭାବନ
- ଟେଲିଗ୍ରାଫ୍, ବେତାର ତଥା ଦୂରଦର୍ଶନର ଆବିଷ୍କାର

**→ଗଣମାଧମର ବିଭିନ୍ନ ପ୍ରକାର ଭେଦ**

- ବେତାର ଯୋଗାଯୋଗ
- ଫଟୋଗ୍ରାଫି
- ସମାଚାର ପତ୍ର
- ବେତାର
- ଦୂରଦର୍ଶନ
- ଚଳଚ୍ଚିତ୍ର
- ନୂତନ ମିଡିଆ
- ପାରମ୍ପରିକ ମାଧମ

## 2.8 ପାଠାନ୍ତ ପ୍ରଶ୍ନ

1. ଉଦାହରଣ ସହିତ ଗଣମାଧମକୁ ବୁଝାନ୍ତୁ ।
2. ଗଣମାଧମର କାର୍ଯ୍ୟ ତଥା ଉତ୍ପତ୍ତିର ବର୍ଣ୍ଣନା କରନ୍ତୁ ।
3. ସଂକ୍ଷେପରେ ଗଣମାଧମର ବିଭିନ୍ନ ରୂପର ବ୍ୟାଖ୍ୟା କରନ୍ତୁ ।

## 2.9 ପାଠଗତ ପ୍ରଶ୍ନର ଉତ୍ତର

2.1 1- (i) ସମାଚାର ପତ୍ର (ii) ଫିଲ୍ମ (iii) ରେଡିଓ
(iv) ଦୂରଦର୍ଶନ (v) ଇଣ୍ଟରନେଟ୍ (vi) ଅନ୍ୟାନ୍ୟ

2- ଭାଗ 2.2 ଦେଖନ୍ତୁ

2.2 1- (i) ପେପାଇରସ୍ (ii) ତାଳପତ୍ର (iii) ମୁଦ୍ରଣ
(iv) ସମାଚାର ପତ୍ର (v) ଇଣ୍ଡିଆ ଟୁଡେ

2.3 1- ଭାଗ 2.6 ଦେଖନ୍ତୁ

2- ଭାଗ 2.6 ଦେଖନ୍ତୁ ।



ଟିପ୍ପଣୀ

# ୩

# ଗଣମାଧ୍ୟମର ଭୂମିକା ତଥା ପ୍ରଭାବ

ଗୋଟିଏ ବିଶାଳ ଗଣତନ୍ତ୍ର ହିସାବରେ ଭାରତକୁ ବହୁ ବିକାଶଶୀଳ ଦେଶ ଆଦର୍ଶ ଭାବରେ ଗ୍ରହଣ କରନ୍ତି । ଦେଶରେ କେନ୍ଦ୍ର ତଥା ରାଜ୍ୟର ସରକାର ଥା'ନ୍ତି ଯାହାକୁ ଲୋକମାନେ ବାଛନ୍ତି । ଆମ ସରକାର ଆମ ଦ୍ୱାରା ବଛାଯାଇଥିବା ପ୍ରତିନିଧିଙ୍କ ପ୍ରତିନିଧିତ୍ୱରେ ଚାଳିତ ହୋଇଥା'ନ୍ତି ଯାହାଙ୍କୁ ରାଜ୍ୟରେ ବିଧାନସଭା ସଦସ୍ୟ(ଏମ୍ ଏଲ୍ ଏ)ତଥା କେନ୍ଦ୍ରରେ ଲୋକସଭା ବା ପାର୍ଲିଆମେଣ୍ଟ(ଏମ୍‌ପି)ସଦସ୍ୟ କୁହାଯାଏ । ଗୋଟିଏ ଆଧୁନିକ ଲୋକତାନ୍ତ୍ରିକ ସରକାରଙ୍କର ନିମ୍ନଲିଖିତ ଅଂଗ ଥାଆନ୍ତି:-

**କ) ବ୍ୟବସ୍ଥାପକ ସଭା :-** ଅର୍ଥାତ୍ ରାଜ୍ୟ ବିଧାନସଭା ଏବଂ ଲୋକସଭା ଯିଏ ଆଇନ୍ କାନୁନ୍ ପ୍ରସ୍ତୁତ କରିଥାନ୍ତି ତଥା ଦେଶର ଶାସନକୁ ଉତ୍ତମ ରୂପେ
ସୁଚାରୁଭାବେ ଚୁଲାଇବା ପାଇଁ ଉତ୍ତରଦାୟୀ ରୁହନ୍ତି ।

**ଖ) କାର୍ଯ୍ୟପାଳିକା:-** ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀ ପରିଷଦ ଯିଏ ରାଜ୍ୟ ପରିଚାଳନାକୁ ସଂଚାଳନ କରିଥାନ୍ତି ତଥା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀତଥା ମନ୍ତ୍ରୀ ପରିଷଦ ଯିଏ ସମଗ୍ର ଦେଶକୁ ପରିଚାଳନା କରିଥାନ୍ତି ।

**ଗ) ନ୍ୟାୟପାଳିକା:-** ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚତମ ନ୍ୟାୟାଳୟ ତଥା ଅନ୍ୟାନ୍ୟ ନ୍ୟାୟାଳୟ ଯିଏକି ଆଇନ ବ୍ୟବସ୍ଥା ତଥା ସାମ୍ବିଧାନିକ ନିୟମର ପାଳନ କରୁଥିବା ସରକାରଙ୍କୁ ପରିଚାଳନା କରିଥାନ୍ତି ।

ଏହି ସଂସ୍ଥାପକମାନେ ଦେଶବାସୀଙ୍କ କଲ୍ୟାଣ ତଥା ବିକାଶପାଇଁ ଦେଶର ସରକାରଙ୍କୁ ଅତି ସୁନ୍ଦର ଭାବରେ ପରିଚାଳନା କରିଥାନ୍ତି । ଗୋଟିଏ ଗଣତନ୍ତ୍ର ଦେଶରେ ଲୋକମାନଙ୍କର ପୂର୍ଣ୍ଣ ଅଧିକାର ଥାଏ ଏହି ତିନି ସଂସ୍ଥାପକ ତଥା ବ୍ୟବସ୍ଥାପକ, କାର୍ଯ୍ୟପାଳିକା ତଥା ନ୍ୟାୟପାଳିକା ଲୋକମାନଙ୍କର କଲ୍ୟାଣପାଇଁ କ'ଣ କରୁଛନ୍ତି । ଏହି ପ୍ରକାର ଉକ୍ତ ତିନି ବ୍ୟବସ୍ଥାକୁ ମଧ୍ୟ ଜାଣିବା ଦରକାର ଯେ ଏମାନେ ଯାହା କରୁଛନ୍ତି ସେଥିରେ ଲୋକମାନଙ୍କର ପ୍ରତିକ୍ରିୟା କ'ଣ । ସୁତରାଂ ଗଣମାଧ୍ୟମ ସରକାର ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗୋଟିଏ ସେତୁ ସଦୃଶ୍ୟ ଅଟେ ତଥା କାର୍ଯ୍ୟ କରିଥାଏ । ଏହି ମର୍ମରେ ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ଅଂଗ କୁହାଯାଇପାରେ ।

## ଉଦ୍ଦେଶ୍ୟ

ଏହି ପାଠ୍ୟକ୍ରମ ଅଧ୍ୟୟନ ପରେ ଆପଣ ନିମ୍ନଲିଖିତ ବିଷୟ କରିବାରେ ସକ୍ଷମ ହୋଇପାରିବେ:-

- ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକାର ବ୍ୟାଖ୍ୟା
- ସମାଜରେ ଗଣମାଧ୍ୟମର ଭୂମିକାର ବର୍ଣ୍ଣନା
- ଗଣମାଧ୍ୟମର ଆଚାର ସଂହିତା ଅର୍ଥର ବ୍ୟାଖ୍ୟା
- ଗଣମାଧ୍ୟମର ସକରାତ୍ମକ ଏବଂ ନକରାତ୍ମକ ପ୍ରଭାବ ।

## 3.1 ଗଣମାଧ୍ୟମ ଏବଂ ଗଣତନ୍ତ୍ର

ଆସନ୍ତୁ ଦେଖିବା ସମାଚାରପତ୍ର, ରେଡିଓ ତଥା ଦୂରଦର୍ଶନ କିଭଳି ଭାବରେ ଗଣ ପ୍ରତିନିଧିତ୍ୱ ହିସାବରେ ସରକାର ଏବଂ ଜନତାଙ୍କ ମଧ୍ୟରେ ସେତୁଭଳି କାର୍ଯ୍ୟ କରନ୍ତି । ଏକ ଉଦାହରଣ ନିଅନ୍ତୁ । ସରକାର ପେଟ୍ରୋଲ ତଥା ଡିଜେଲର ଦର କମାଇବା ତଥା ବଢାଇବାର ନିଷ୍ପତ୍ତି ନିଅନ୍ତି । ଏବେ ସରକାରଙ୍କର ଏହି ନିଷ୍ପତ୍ତି ଜନସାଧାରଣଙ୍କ ପାଖକୁ ଆଣିବା ଦରକାର । ଏହି କାର୍ଯ୍ୟ ଗଣମାଧ୍ୟମ କରିଥାଏ । ଗଣମାଧ୍ୟମ କେବଳ ଯେ ଏହି ନିଷ୍ପତ୍ତି ଜନ ସାଧାରଣଙ୍କ ପର୍ଯ୍ୟନ୍ତ ଆଣିଥାଏ ତାହାନୁହେଁ ତା ସହିତ ଜନସାଧାରଣ ଏହି ନିର୍ଣ୍ଣୟ ଉପରେ କି କି ପ୍ରତିକ୍ରିୟା କରନ୍ତି ତା ମଧ୍ୟ ଜଣାଇଥାଏ । ଏବେ ଆମେ ଆଉ ଏକ ଉଦାହରଣ ନେବା । ରାଜ୍ୟ କୃଷି ବିଭାଗ କିମ୍ବା ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥା ଚାଉଳ କିମ୍ବା ଗହମର ଏପରି ଏକ ଉନ୍ନତ କିସମର ସନ୍ଧାନ ଦିଏ ଯାହାକି କମ୍ ସମୟରେ ଅଧିକ ଉତ୍ପାଦନ କ୍ଷମ ହୋଇପାରିବ । ଏହା ମଧ୍ୟ କୃଷକଙ୍କ ପାଖରେ ପହଞ୍ଚିବାର ଅଛିକି କେଉଁଭଳି ଭାବରେ ଏହି ବିହନକୁ ପ୍ରୟୋଗ କରାଯିବ ତଥା ଏହାର ପ୍ରୟୋଗରେ କୃଷକମାନଙ୍କର କ'ଣ ଉନ୍ନତି ହେବ ସର୍ବୋପରି ଏହି ନୂତନ ବିହନର ସଂଜ୍ଞାଉପରେ କୃଷକମାନଙ୍କୁ ଏକ ବିସ୍ତୃତ ଜ୍ଞାନ ପ୍ରଦାନ କରାଯିବ । ପୁନର୍ବାର ଗଣମାଧ୍ୟମ ହିଁ ଏହି କାର୍ଯ୍ୟ କରିଥାଏ । ତଥାପି ଗଣମାଧ୍ୟମ ଏ କାର୍ଯ୍ୟ କିପରି ତୁଲାଇଥାଏ ? ଏହି ସୂଚନାର ପ୍ରସାର ପାଇଁ ବିଭିନ୍ନ ମାଧ୍ୟମ ଯଥା ମୁଦ୍ରଣ ମାଧ୍ୟମ, ରେଡିଓ ତଥା ଦୂରଦର୍ଶନ, ପାରମ୍ପରିକ ମାଧ୍ୟମ ଏବଂ ଇଣ୍ଟରନେଟ୍‌ର ବ୍ୟବହାର କରାଯାଇଥାଏ । ଆଗାମୀ ଭାଗରେ ଏ ବିଷୟରେ ସମ୍ପୂର୍ଣ୍ଣ ଭାବରେ ବୁଝିପାରିବେ ।

## ସରକାରୀ ମିଡିଆ ସଂସ୍ଥା/ ବିଭାଗ

ରାଜ୍ୟ ତଥା କେନ୍ଦ୍ର ସରକାର ଲୋକମାନଙ୍କୁ କିପରି ସେମାନଙ୍କର ନିତି ଆଦର୍ଶ ଉପରେ ସୂଚନା ପ୍ରଦାନ କରନ୍ତି ?

ସରକାର ଗଣମାଧ୍ୟମର ସହାୟତା ନେଇଥା'ନ୍ତି ଏବଂ ସଂଗେ ସଂଗେ ସରକାରୀ ମିଡିଆ ସଂସ୍ଥା ତଥା ବିଭାଗ ମଧ୍ୟ ଏ କାର୍ଯ୍ୟ କରିଥା'ନ୍ତି । କେନ୍ଦ୍ର ସରକାରଙ୍କର ଏହି ସଂସ୍ଥା କେନ୍ଦ୍ରୀୟ ସୂଚନା ଓ ପ୍ରସାରଣ



ଟିପ୍ପଣୀ

ମନ୍ତ୍ରଣାଳୟର ଅନ୍ତର୍ଗତ କାମ କରିଥାଏ । ଯେପରିକି ନାମରୁ ଜଣାପଡିଥାଏ ଏହି ସଂସ୍ଥା ଏବଂ ବିଭାଗ ସଂପର୍କରେ ।

କ) ସୂଚନା ତଥା

ଖ) ପ୍ରସାରଣ କରିଥାଏ

ଏହି ସଂସ୍ଥା ସରକାରଙ୍କର ନିତି ତଥା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସମସ୍ତ ସୂଚନା ଲୋକମାନଙ୍କୁ ପ୍ରଦାନ କରିଥାଏ । ଏଭଳି ଭାବରେ ପ୍ରତ୍ୟେକ ରାଜ୍ୟ ସରକାର ନିଜର ମିଡିଆ ସଂସ୍ଥା ମାଧ୍ୟମରେ ନିଜର ନିତିନିୟମ ତଥା କାର୍ଯ୍ୟକ୍ରମର ସୂଚନାକୁ ପ୍ରସାରିତ କରିଥାଏ । ବିଜ୍ଞାପନ ତଥା ଜନସଂପର୍କ ବିଭାଗରେ ଏପରି ସଂସ୍ଥା ବିଷୟରେ ଆପଣ ଅଧିକ ଜାଣିପାରିବେ ।

**ପାଠ୍ୟଗତ ପ୍ରଶ୍ନ : 3.1**

1. ଉଚିତ୍ ଶବ୍ଦ/ଶବ୍ଦମାନଙ୍କ ସହିତ ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

i. ________ପୃଥିବୀର ସବୁଠାରୁ ବଡ ଗଣତନ୍ତ୍ର ଅଟେ ।

ii. ଭାରତରେ ସରକାର________ଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି ।

iii. ଗଣମାଧ୍ୟମ ଲୋକମାନଙ୍କୁ ________ଦ୍ୱାରା ଉଠାଯାଇ ଥିବା ପଦକ୍ଷେପର___ଦେଇଥାଏ ।

iv. ଗଣମାଧ୍ୟମକୁ ଗଣତନ୍ତ୍ରର ଏକ________ସଂସ୍ଥା ଭାବରେ ଜଣାଯାଇଥାଏ ।

1. ଗଣମାଧ୍ୟମର ପ୍ରୟୋଗ ଦ୍ୱାରା ଲୋକମାନଙ୍କର ___ଏବଂ___ରେ ପରିବର୍ତ୍ତନ ଅଣାଯାଇପାରିବ ।

2. ଆଧୁନିକ ଗଣତାନ୍ତ୍ରିକ ସରକାରଙ୍କର ତିନୋଟି ଆବଶ୍ୟକ ସଂସ୍ଥାର ନାମ କୁହନ୍ତୁ ।

3. କୌଣସି ଦୁଇଟି ଉପାୟ କୁହନ୍ତୁ ଯେଉଁଥିରେ ଗଣମାଧ୍ୟମ ଗଣତନ୍ତ୍ରକୁ ସହଯୋଗ କରିପାରିବ ।

## 3.2 ଗଣମାଧ୍ୟମର କାର୍ଯ୍ୟଧାରା ଏବଂ ଉତ୍ତରଦାୟିତ୍ୱ

ଗଣମାଧ୍ୟମ ଗୋଟିଏ ବ୍ୟକ୍ତି ବା ସମାଜପାଇଁ ସୂଚନା ପ୍ରଦାନର ଏକ ବିଶାଳ ସ୍ରୋତ ଅଟେ । ପ୍ରଥମ ଭାଗରେ ଆପଣ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସଂପର୍କରେ ଜାଣିଲେ । ଏବେ ଆମେ ଜାଣିବା/ ଦେଖିବା ଗଣମାଧ୍ୟମ କିପରି ପରିବର୍ତ୍ତନ ଆଣିବାରେ କାର୍ଯ୍ୟ କରିଥାଏ ।

- ଗଣମାଧ୍ୟମ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିପାରିବ

ଗଣମାଧ୍ୟମର ପ୍ରୟୋଗରେ ଲୋକଙ୍କର ପ୍ରକୃତି ତଥା ଦୃଷ୍ଟିକୋଣରେ ପରିବର୍ତ୍ତନ ଅଣାଯାଇପାରିବ ।

ଉଦାହରଣ ବିଭିନ୍ନ ରୋଗ ଯେପରି କୁଷ୍ଠ ବା HIV/ ଏଡ୍ସ । ଏଡ୍ସ ସଂବନ୍ଧରେ ଆମ ସମସ୍ତଙ୍କର ଦୃଷ୍ଟିଭଙ୍ଗି ତଥା ଜ୍ଞାନ ତ୍ରୁଟିପୂର୍ଣ୍ଣ ଅଟେ । ଆମ ଭିତରୁ ଅନେକ ବୁଝନ୍ତି ଏଡ୍ସଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ଅନ୍ୟ ଜଣଙ୍କୁ ଛୁଇଁଲେ ଏହା ସଂକ୍ରମିତ ହୋଇଥାଏ । ଆପଣ ରେଡିଓ ମାଧ୍ୟମରେ ଏପରି ବାର୍ତ୍ତା



ଟିପ୍‌ପଣୀ



ଶୁଣିଥିବେ ତଥା ଦୂରଦର୍ଶନରେ ଦେଖିଥିବେ ବା ଏପରି ବାର୍ତ୍ତା ପଢ଼ିଥିବେ ଯାହା ଆମକୁ ବୁଝାଏ କି ଏଚ.ଆଇ.ଭି/ଏଡସ୍ ରୋଗର ସ୍ପର୍ଶ ଦ୍ୱାରା ଏହା ବ୍ୟାପେନାହିଁ ।

ଏହି ପ୍ରକାର ପୋଲିଓ ନିରାକରଣ ପାଇଁ ବିଶେଷ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ଏବଂ ଏହା ସମ୍ବନ୍ଧୀୟ ବାର୍ତ୍ତା ମଧ୍ୟ ଗଣମାଧ୍ୟମ ଦ୍ୱାରା କରାଯାଉଛି । ଏହି ବାର୍ତ୍ତା ଲୋକଙ୍କୁ ସୂଚିତ କରୁଛି ଛୋଟ ପିଲାଙ୍କୁ ପୋଲିଓ ବୁନ୍ଦାଦେବାର ଜରୁରୀ କ'ଣ ଅଟେ ଏବଂ କେଉଁଦିନ "ପୋଲିଓ ଦିବସ" ନିର୍ଦ୍ଧାରଣ କରାଯାଉଛି । ଏହିଦିନ ଯେତେ ସମ୍ଭବ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବାର ବ୍ୟବସ୍ଥା କରାଯାଇଛି ।

ପରିବର୍ତ୍ତନ ଅର୍ଥ ପରିସ୍ଥିତିରେ ସୁଧାର ଆଣିବା । ବିକାଶର ଧାରଣା ପୁନର୍ବାର ପରିବର୍ତ୍ତନକୁ ବୁଝାଏ ଗୋଟିଏ ଦେଶପାଇଁ, ଯେତେବେଳେ ପୁରୁଣା ପ୍ରଥା ତଥା ଉପକରଣରେ ବଦଳାଯାଏ ତଥା ନୂଆ ଅଧିକ ଅଭିଜ୍ଞ ଜିନିଷର ବ୍ୟବହାର କରାଯାଏ । ଗଣମାଧ୍ୟମ ଏହି ପରିବର୍ତ୍ତନକୁ ପ୍ରଚଳିତ କରିବାପାଇଁ ଏକ ଗୁରୁ ଦାୟିତ୍ୱ ନେଇଥାଏ । ଉପଯୁକ୍ତ ସୂଚନା ପ୍ରଦାନ, ତଥା ବିଭିନ୍ନ ପ୍ରକାର କୌଶଳ ଶିକ୍ଷା ପ୍ରଦାନ କରି ଗଣମାଧ୍ୟମ ଏପରି ପରିବର୍ତ୍ତନ ଆଣିଥାଏ । ଏବେ ଆପଣ ପଚାରିବେ ଗଣମାଧ୍ୟମ କୌଶଳ କିପରି ଶିକ୍ଷା ଦେଇଥାଏ । ଦୂରଦର୍ଶନ ଭଳି ଗଣମାଧ୍ୟମରେ କାମକରି ଏହାର ପ୍ରଦର୍ଶନ କରାଯାଇପାରିବ ତଥା ବୁଝାଯାଇପାରିବ କି ଏପରି କାର୍ଯ୍ୟ କିପରି ହେଉଛି । ଦୂରଦର୍ଶନରେ ଏପରି କହୁଥିବାର ଦେଖି ଏବେ କିପରି ଆଧୁନିକ ରୋଷେଇ ଉପକରଣ ବ୍ୟବହାର କରି ବିଭିନ୍ନ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ ହୋଇପାରୁଛି ।

**ଗଣମାଧ୍ୟମ ଦ୍ୱାରା ବିଶ୍ୱବ୍ରହ୍ମାଣ୍ଡ ଛୋଟ ତଥା ନିକଟତର ହୋଇଯାଇଛି ।**

ଗଣମାଧ୍ୟମର ତୀବ୍ର ଗତି ଚଳନରେ ଦୁନିଆଁ ସାରାର ଲୋକ ଆଜି ଜଣେ ଜଣଙ୍କ ଅତି ନିକଟତର ହୋଇପାରିଛନ୍ତି । ଉଦାହରଣ ସ୍ୱରୂପ ଭାରତ ତଥା ଅନ୍ୟ ଦେଶ ମଧ୍ୟରେ ଚାଲିଥିବା ମ୍ୟାଚ୍ ଇଂଲଣ୍ଡ, ଅଷ୍ଟ୍ରେଲିଆ କିମ୍ବା ନିଉଜିଲ୍ୟାଣ୍ଡରେ ହେଉଥିବାବେଳେ ଆପଣ ଦୂରଦର୍ଶନରେ ମ୍ୟାଚ୍ ଦେଖୁଥିବାବେଳେ ଆପଣଙ୍କୁ ଲାଗିବ ଆପଣ ସତେ ଯେପରି ସେଇ ଭିଡରେ ଷ୍ଟାଡିୟମ ଭିତରେ ଅଛନ୍ତି । କୌଣସିଠାରେ ଘଟୁଥିବା ଦୁଃଖଦ ଘଟଣାକୁ ଆପଣ ତୁରନ୍ତ ଦେଖିପାରୁଛନ୍ତି । କେବେ କେବେ ଆମକୁ ଲାଗେ ସାରା ବିଶ୍ୱ ଗୋଟିଏ ପରିବାର ଭଳି । ଆପଣ "ବିଶ୍ୱକ ଗ୍ରାମ"(ଗ୍ଲୋବାଲ୍ ଭିଲେଜ୍) ର ନାମ ଶୁଣିଥିବେ । ଏହାର ଅର୍ଥ ସାରାଦୁନିଆ ସଂକୁଚିତ ହୋଇ ହୋଇ ଯାଉଛି ଏବଂ ଗୋଟିଏ ଗାଁରେ କେନ୍ଦ୍ରୀଭୂତ ହୋଇଯାଉଛି । ଆମେ ଦୁନିଆ ସାରା କେଉଁଠାକୁ ଗଲେ ଏକପ୍ରକାର ଉତ୍ପାଦନ ଯେପରି ଥଣ୍ଡାପାନୀୟ, ଦୂରଦର୍ଶନ, ଧୁଲାଇମେସିନ୍, ରେଫ୍ରିଜେରେଟର ଇତ୍ୟାଦି ମିଳିଥାଏ । ଏତିକି ନୁହେଁ ଆମେ ଏକ ପ୍ରକାରର ବିଜ୍ଞାପନ ମଧ୍ୟ ଦେଖିବାକୁ ପାଇଥାଉ । ଏହିପରି ଭାବରେ ୱାର୍ଲଡ୍ ୱାଇଡ୍ ୱେବ୍ ତଥା ଇଣ୍ଟରନେଟ୍ କାରଣରୁ ମଧ୍ୟ ଜଣେ ଜଣଙ୍କ ପାଖରେ ଅଧିକ ନିକଟତର ହୋଇପାରୁଛନ୍ତି ।



ଟିପ୍‌ପଣୀ

- ଗଣମାଧ୍ୟମ ଉତ୍ପାଦକ ବସ୍ତୁକୁ ପ୍ରୋତ୍ସାହିତ କରୁଛି

ଉପଭୋକ୍ତା ବ୍ୟବସାୟଦ୍ୱାରା ଗଣମାଧ୍ୟମର ବ୍ୟବହାର ବିଜ୍ଞାପନ ମାଧ୍ୟମରେ ନିଜର ଉତ୍ପାଦକ ସେବା ଉପରେ ମଧ୍ୟ ତଥ୍ୟ ଦେବାପାଇଁ ପ୍ରୟୋଗ ହେଉଅଛି । ବିନା ବିଜ୍ଞାପନ ଦ୍ୱାରା ଲୋକ ସେଇ ଉତ୍ପାଦକ ସାମଗ୍ରୀ(ସାବୁନ ଠାରୁ ନେଇ ତେଲ ପର୍ଯ୍ୟନ୍ତ ତଥା ଟିଭି ସେଟ୍‌ଠାରୁ ନେଇ କାର୍ ପର୍ଯ୍ୟନ୍ତ)ତଥା ସେବା ଇତ୍ୟାଦି(ବ୍ୟାଙ୍କିଙ୍ଗ୍, ବିମା, ଚିକିତ୍ସାଳୟ ଆଦି)ସଂପର୍କରେ ତଥା ସେମାନଙ୍କ ମୂଲ୍ୟ ଜାଣିପାରିବେ ନାହିଁ ତାହା ବଜାରରେ ଉପଲବ୍ଧ ହେଉଅଛି । ସେହିପରି ଭାବରେ ଗଣମାଧ୍ୟମ ଉପଭୋକ୍ତ ତଥା ବ୍ୟବସାୟ ଦୁଇଜଣଙ୍କୁ ସାହାଯ୍ୟ କରିଥାଏ ।

## 3.3 ଗଣମାଧ୍ୟମର ଆଚାର ସଂହିତା

ଅଦ୍ୟାବଧି ଆମେ ଜାଣିପାରିଲେ ଗଣମାଧ୍ୟମ କେତେଦୂର ଶକ୍ତିଶାଳୀ ଅଟେ । ନିଜର ସ୍ୱଭାବିକ ପ୍ରକୃତି ତଥା ଏଥିରେ କାର୍ଯ୍ୟରତ ବ୍ୟକ୍ତି ଯେପରି ଖବର କାଗଜ, ବେତାର ଏବଂ ଦୂରଦର୍ଶନର ସାମ୍ବାଦିକ ଗଣମାଧ୍ୟମର ଛାୟାତଳେ ରହି ଶକ୍ତିଶାଳୀହୋଇ ଯାଆନ୍ତି । ସୁତରାଂ ରାଜନେତା, ସରକାରୀ କର୍ମଚାରୀ ତଥା ପୋଲିସ୍ ଏହି ଗଣମାଧ୍ୟମକୁ ଭୟ କରିଥାନ୍ତି । ସାଧାରଣତଃ ଲୋକମାନେ ମିଡିଆରେ ସେମାନଙ୍କୁ ପ୍ରତିଷ୍ଠିତ କରନ୍ତିନାହିଁ । ଯେପର୍ଯ୍ୟନ୍ତ ସାମ୍ବାଦିକ ସେମାନଙ୍କୁ ପକ୍ଷ ନକରନ୍ତି । ଯେତେବେଳେ ସାମ୍ବାଦିକ ସେମାନଙ୍କ ଗୁଣଗାନ କରନ୍ତି ସେମାନଙ୍କ ମନରେ ଖୁସି ଉଙ୍କିମାରେ । ତେଣୁ ଉଣା ଅଧିକେ ଲୋକମାନେ ଗଣମାଧ୍ୟମ ସହିତ ବନ୍ଧୁତାପୂର୍ଣ୍ଣ ସଂପର୍କ ରକ୍ଷାକରନ୍ତି । ତଥାପି ଗଣମାଧ୍ୟମ ପାଇଁ ଏହି ଶକ୍ତିର ଏକତ୍ରୀକରଣ ଉତ୍ତରଦାୟିତ୍ୱ ସହିତ ମିଳିଥାଏ । ଯଦି ଆୟତାଧିକ ଶକ୍ତିକୁ ସେମାନେ ଖରାପ ବାଟରେ ଦୁରୁପୋଯୋଗ କରନ୍ତି ଲୋକମାନଙ୍କର ବିଶ୍ୱାସଭାଜନ ହୋଇପାରିବେ ନାହିଁ । ଯେପରି ଅନ୍ୟାନ୍ୟ ପେଷା ଯଥା ଆଇନ ତଥା ଚିକିତ୍ସା ସେବାରେ ଏକ ନିତି ନିୟମର ମାପ ଦଣ୍ଡଥାଏ ସେହିପରି ଗଣମାଧ୍ୟମପାଇଁ ମଧ୍ୟ ଗୋଟିଏ ଆଚାର ସଂହିତା ତଥା ଗୋଟିଏ ବାଟ ନିର୍ଦ୍ଦେଶର ଆବଶ୍ୟକତା ଅଛି ଯାହାଫଳରେ ସେମାନେ ଜାଣିପାରିବେ କ'ଣ ଠିକ୍ କ'ଣ ଭୁଲ୍ । ଓକିଲ ବା ଡାକ୍ତରଙ୍କ କ୍ଷେତ୍ରରେ ସ୍ପଷ୍ଟ ନିତିନିୟମ ସଂହିତା ତିଆରି ହୋଇଛି ଏବଂ ଯିଏ ଏହାର ଉଲଘଂନ କରିଥାଏ ଆଇନ୍ ଦ୍ୱାରା ସେ ଦଣ୍ଡିତ ହୋଇଥାଏ ତଥା ତାକୁ ସେଇ ପେଷାରୁ ନିଲମ୍ବିତ କରାଯାଏ । କିନ୍ତୁ ଗଣମାଧ୍ୟମ କ୍ଷେତ୍ରରେ ମାତ୍ର କିଛି ଆଦେଶ ନିର୍ଦ୍ଧାରିତ ଅଟେ ତଥା କୌଣସି କଠୋର ଆଚାର ସଂହିତା ନାହିଁ । "ଭାରତୀୟ ପ୍ରେସ୍ ପରିଷଦ" ଏପରି ସଂଗଠନରୁ ଗୋଟିଏ ଅଟେ ଯିଏ ଆଚାର ସଂହିତା ଉପରେ ଆଦେଶ ନିର୍ଦ୍ଦେଶ କରିଥାଏ । ଏହି ପେଷାର ନାମକୁ ସ୍ୱଚ୍ଛତା ରଖିବାପାଇଁ ମିଡିଆ ପେଷାଦାରମାନେ କିଛି ଆଚାର ସଂହିତାର ପାଳନ କରିବା ଦରକାର ଯାହା ନିମ୍ନରେ ପ୍ରଦତ୍ତ ଅଛି:-

**କ) ଶୁଦ୍ଧତା:-**ମିଡିଆ କର୍ମଚାରୀଙ୍କ ଦ୍ୱାରା ଖବର କାଗଜ, ରେଡିଓ, ଦୂରଦର୍ଶନ ତଥା ଇଣ୍ଟରନେଟ୍ ମାଧ୍ୟମରେ ଦିଆଯାଉଥିବା ସୂଚନା ସଠିକ୍ ତଥା ସତ୍ୟ ହେବା ଦରକାର । ଯଦି ଏହା ମିଥ୍ୟା ତଥା

ଟିପ୍ପଣୀ

ଆଧାରହିନ ହେବ ତେବେ ଏଥିରେ କୌଣସି ବ୍ୟକ୍ତି ସଂସ୍ଥା ବା ଦେଶର ହିତରେ କ୍ଷତି ପହଞ୍ଚିପାରେ । ଶୁଦ୍ଧତାପାଇଁ ମିଡିଆ କର୍ମଚାରୀଙ୍କୁ ବିଷୟର ତଥ୍ୟ ଉପରେ ଗୁରୁତ୍ୱ ଦେବା ଉଚିତ୍ । ଉଦାହରଣ ସ୍ୱରୂପ ଯଦି କୌଣସି ଦୁର୍ଘଟଣାରେ ୫୦ଲୋକ ମରିଥାନ୍ତି ମିଡିଆକୁ ଏହି ସଂଖ୍ୟା ୨୦୦କିମ୍ବା ୫୦୦କରିବା ଉଚିତ୍ ନୁହେଁ । ଯଦି ଜଣେ ମିଡିଆ କର୍ମୀ କାହା ବିରୁଦ୍ଧରେ ଲେଖୁଥାନ୍ତି କିମ୍ବା କାହା ଉପରେ ବେଇମାନିର ଆରୋପ ଲଗାନ୍ତି ଏ କ୍ଷେତ୍ରରେ ସେହି ବ୍ୟକ୍ତିଙ୍କୁ ନିଜ ପକ୍ଷଭୁକ୍ତ କରିବାର ସୁଯୋଗ ମିଳିବା ନିହାତି ଆବଶ୍ୟକ ।

**ଖ)ବିଶ୍ୱସ୍ତତା:-**ଜଣେ ମିଡିଆ କର୍ମୀଙ୍କୁ ବିଭିନ୍ନ ଦିଗରୁ ଆସୁଥିବା ସୂଚନାର ବିଶ୍ୱସ୍ତତା ବଜାୟ ରଖିବା ଦରକାର ।

**ଗ)ସ୍ରୋତର ରକ୍ଷା:-**ଗୁପ୍ତ ଭାବରେ ସୂଚନା ପାଉଥିବା ବ୍ୟକ୍ତି ବିଶେଷ ବା ସ୍ରୋତର ଗୁପ୍ତତା ରକ୍ଷାକରିବା ତଥା ସେମାନଙ୍କୁ ଖୋଲିଦେବା ଉଚିତ ନୁହେଁ । ଉଦାହରଣ ସ୍ୱରୂପ ଯଦି କୌଣସି ସରକାରୀ ଅଧିକାରୀ ନିଜର ବିଭାଗ ସଂପର୍କୀୟ କୌଣସି ସୂଚନା ପ୍ରଦାନ କରନ୍ତି ମିଡିଆ କର୍ମୀଙ୍କୁ କୌଣସି କ୍ଷୟକ୍ଷତିରୁ ରକ୍ଷା ପାଇବାପାଇଁ ସେମାନଙ୍କ ନାମ ଖୋଲିଦେବା ଅନୁଚିତ୍ ଅଟେ ।

**ଘ)ଗୋପନୀୟତା ଅଧିକାର:-**କୌଣସି ବ୍ୟକ୍ତିଙ୍କର ଗୋପନୀୟତା ଅଧିକାରକୁ ସମ୍ମାନ ଜଣାଇବା ସାମ୍ବାଦିକ ବନ୍ଧୁଙ୍କର କର୍ତ୍ତବ୍ୟ ଅଟେ । ଏଥିରୁ ଏହା ସ୍ପଷ୍ଟ ହେଉଛି କୌଣସି ସାମାନ୍ୟ ନାଗରିକଙ୍କର ବ୍ୟକ୍ତିଗତ ଜୀବନ ସଂପର୍କିତ କଥାକୁ ସାମ୍ବାଦିକ ବନ୍ଧୁଙ୍କ ଲେଖନୀରେ ଆସିବା ଉଚିତ୍ ନୁହେଁ ।

**ଙ)ହିଂସାକୁ ପ୍ରୋତ୍ସାହିତ ନକରିବା:-**ଗଣମାଧ୍ୟମ ଜନତାଙ୍କୁ ହିଂସା ବା ଅପରାଧରେ ଲିପ୍ତହେବାକୁ ପ୍ରେରଣା ତଥା ଉସ୍‌କାଇବା ଉଚିତ ନୁହେଁ । ନିଜର ଲେଖାରେ ଏହି ହିଂସାତ୍ମକତାକୁ ମହିମାମଣ୍ଡିତ କରିବା ଉଚିତ୍ ନୁହେଁ ।

**ଚ)ଅଶିଷ୍ଟତା ତଥା ଅଶାଳୀନତା ନହେବା:-**ଗଣମାଧ୍ୟମ ଏପରି କିଛି ନ ଲେଖନ୍ତୁ, ପ୍ରଦର୍ଶିତ ନକରନ୍ତୁ ତଥା ପ୍ରସାରିତ ନକରନ୍ତୁ ଯେଉଁଥିରେ ଆଶାଳୀନତା, ଅଶିଷ୍ଟତା ତଥା ଅଶ୍ଳିଳତା ଥିବ ।

**ଛ)ସାଂପ୍ରଦାୟିକ ଲେଖା ନରହୁ:-**ଭାରତ ଏପରି ଏକ ଦେଶ ଯେଉଁଠାରେ ଭିନ୍ନ ଭିନ୍ନ ମତ ତଥା ଧର୍ମର ଅନୁପନ୍ଥୀ ଅଛନ୍ତି । ଆମର ସମ୍ବିଧାନ ଧର୍ମନିରପେକ୍ଷରେ ବିଶ୍ୱାସ କରେ ଯାହାର ଅର୍ଥସବୁ ଧର୍ମ ତଥା ମତକୁ ଆଦର କରିବା । ଗଣମାଧ୍ୟମ ପାଇଁ ସବୁଠାରୁ ସହଜସାଧ ଅଟେ କି ଏହା ବିଭିନ୍ନ ମତ ତଥା ବର୍ଗଙ୍କ ବିଷୟରେ ନକାରାତ୍ମକ ଲେଖା ପ୍ରଦାନ କରି ସମସ୍ୟା ସୃଷ୍ଟି କରନ୍ତି ଯେଉଁଥିରେ ସାଂପ୍ରଦାୟିକ ସମସ୍ୟା ସୃଷ୍ଟି ହୋଇଥାଏ । ଏପରି ଅନେକ ଦୃଷ୍ଟାନ୍ତ ଅଛି ଗଣମାଧ୍ୟମର ସମାଚାରର କାରଣବଶତଃ ସଂାପ୍ରଦାୟିକ ହିଂସା ତଥା ହାଣକାଟର ପରିସ୍ଥିତି ସୃଷ୍ଟି ହୋଇଛି । ଗଣମାଧ୍ୟମକୁ ଏହା ନିଶ୍ଚିତ କରିବା ଦରକାର କି ସେମାନେ ଜନତାଙ୍କ ହିତପାଇଁ କାମ କରିବା ଉଚିତ୍ ।

## 3.4 ଗଣମାଧ୍ୟମର ପ୍ରଭାବ

ପୂର୍ବଖଣ୍ଡରେ ଆପଣ ଲୋକମାନଙ୍କ ଉପରେ ଗଣମାଧ୍ୟମର ଗଭୀର ପ୍ରଭାବକୁ ବୁଝିପାରିଲେ । ଯେପରି ଗୋଟିଏ ମୁଦ୍ରାରେ ଦୁଇଟି ପାର୍ଶ୍ୱଥାଏ । ଗଣମାଧ୍ୟମର ପ୍ରଭାବ ମଧ୍ୟ ସକାରାତ୍ମକ ବା ନକାରାତ୍ମକ

ଟିପ୍‌ପଣୀ

ହୋଇଥାଏ । ଆସନ୍ତୁ ଗଣମାଧ୍ୟମର ଏହି ସକାରାତ୍ମକ ପ୍ରଭାବ ଏବଂ ନକାରାତ୍ମକ ପ୍ରଭାବ ସଂପର୍କରେ ଜ୍ଞାନ ଲାଭ କରିବା ।

| ସକାରାତ୍ମକ ପ୍ରଭାବ | ନକାରାତ୍ମକ ପ୍ରଭାବ |
|---|---|
| • ଗଣମାଧ୍ୟମ ଏପରି ସମ୍ବାଦ ତଥା ସୂଚନା ଦେବା ଦରକାର ଯାହା ଲୋକଙ୍କର ଉପଯୋଗୀ ହୋଇପାରିବ | • ଗଣମାଧ୍ୟମ ଦ୍ୱାରା ଦେଶର ପାରମ୍ପରିକ ସଂସ୍କୃତି ଉପରେ ବପରୀତ ପ୍ରଭାବ ପଡିଥାଏ |
| • ଗଣମାଧ୍ୟମ ଲୋକଙ୍କୁ ଶିକ୍ଷିତ କରିପାରିବ | |
| • ଗଣମାଧ୍ୟମ ଗୋଟିଏ ଗଣତାନ୍ତ୍ରିକ ଦେଶକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକରିବାରେ ସହାୟକ ହୋଇଥାଏ । ସରକାରଙ୍କର ନୀତିଯୋଜନା ବିଷୟକୁ ସେ ଲୋକଙ୍କ ପାଖରେ ଉପସ୍ଥାପିତ କରିଥାଏ ତଥା କେଉଁ ପ୍ରକାର ଯୋଜନା ଲୋକଙ୍କର ଉପଯୋଗୀ ହୋଇପାରିବ ସେ ସଂପର୍କରେ ସୂଚନା ଦେଇଥାଏ । ମାଧ୍ୟମଲୋକଙ୍କ ପ୍ରତିଧ୍ୱନି ସରକାରଙ୍କୁ ସୂଚିତ କରାଇଥାଏ ଯାହାକି ଯୋଜନା ତଥା ନିତି ନିୟମରେ ବ୍ୟାପକ ଅଦଳ ବଦଳରେ ସାହାଯ୍ୟ କରିଥାଏ । | • ମନୋରଂଜନ ଗଣମାଧ୍ୟମର ମୁଖ୍ୟ ଅଂଗ ହୋଇଯାଇଛି ଏଥିରେ ମାଧ୍ୟମର ପ୍ରାଥମିକ ଉଦ୍ଦେଶ୍ୟ ସୂଚିତ ତଥା ଶିକ୍ଷିତ କରିବା ଉପରେ ବିପରୀତ ପ୍ରଭାବ ପଡିଥାଏ ।<br><br>• ଗଣମାଧ୍ୟମ ହିଂସାକୁ ଉସ୍‌କାଇଥାଏ । ଏକ ଅଧ୍ୟୟନରୁ ଏହା ସ୍ପଷ୍ଟ ଅଟେ ଯେ ଦୂରଦର୍ଶନରେ ଦେଖାଯାଉଥିବା ହିଂସାତ୍ମକ ଛବି ପିଲାମାନଙ୍କଠାରେ ନକାରାତ୍ମକ ପ୍ରଭାବ ପକାଇଥାଏ । |
| • ଗଣମାଧ୍ୟମ ଲୋକମାନଙ୍କୁ ମନୋରଂଜନ କରିଥାଏ । | • ଗଣମାଧ୍ୟମ ବିଜ୍ଞାପନ ମାଧ୍ୟମରେ ଲୋକଙ୍କର କ୍ରୟପ୍ରବୃତ୍ତି ବୃଦ୍ଧି କରିଥାଏ କିନ୍ତୁ ଏହା ସେମାନଙ୍କ ପାଇଁ ଦରକାରୀ ନ ହୋଇପାରେ । |
| • ଗଣମାଧ୍ୟମ ବିକାଶର ପରିବର୍ତ୍ତନରେ ଏକ ପ୍ରତିନିଧି ହିସାବରେ କାମ କରେ । | |
| • ଗଣମାଧ୍ୟମ ଦୁନିଆର ଲୋକଙ୍କୁ ଜଣେ ଜଣକର ନିକଟତର ଆଣିପାରିଛି । | |
| • ଗଣମାଧ୍ୟମ ବିଜ୍ଞାପନ ପ୍ରସାରଦ୍ୱାରା ବ୍ୟାପାର ତଥା | |



ଟିପ୍‌ପଣୀ



ଉଦ୍ୟୋଗକୁ ପ୍ରୋତ୍ସାହିତ କରିପାରିଛି ।

- ଗଣମାଧ୍ୟମ ଦେଶର ରାଜନୈତିକ ତଥା ଗଣତନ୍ତ୍ର ପ୍ରକ୍ରିୟାରେ ସହଯୋଗ କରିଥାଏ ।
- ଗଣମାଧ୍ୟମ ସକାରାତ୍ମକ ସାମାଜିକ ପରିବର୍ତ୍ତନ ଆଣିଥାଏ ।

## ପାଠ୍ୟଗତ ପ୍ରଶ୍ନ : 3.2

1. ମିଡିଆ କର୍ମଚାରୀଙ୍କ ଦ୍ୱାରା ପାଳିତ ୫ଟି ଆଚାର ସଂହିତା ବୁଝାନ୍ତୁ ।
2. ଗଣମାଧ୍ୟମର ଯେକୌଣସି ତିନୋଟି ସକାରାତ୍ମକ ତଥା ନକାରାତ୍ମକ ପ୍ରଭାବ ସଂପର୍କରେ ବୁଝାନ୍ତୁ ।

## 3.5 ଆପଣ କ'ଣ ଶିକ୍ଷା ଲାଭ କଲେ

**-ଗଣ ମାଧ୍ୟମର ଭୂମିକା ତଥା ପ୍ରଭାବ**

**-ଗଣମାଧ୍ୟମ ତଥା ଗଣତନ୍ତ୍ର**

**-ମାଧ୍ୟମର କାର୍ଯ୍ୟବଳୀ ତଥା ଉତ୍ତର ଦାୟିତ୍ୱ**

- ସୂଚନାର ସ୍ରୋତ
- ପରିବର୍ତ୍ତନରେ ଭାଗିଦାରୀ
- ଦୁନିଆକୁ ଅତି ନିକଟତର କରିବା
- ଉତ୍ପାଦକ ବିତରଣକୁ ପ୍ରୋତ୍ସାହନ

**-ମିଡିଆ ଆଚାର ସଂହିତା**

- ଶୁଦ୍ଧତା
- ବିଶ୍ୱସ୍ତତା
- ସ୍ରୋତର ରକ୍ଷା
- ଗୋପନୀୟତା ଅଧିକାର
- ହିଂସାକୁ ନଉସ୍‌କାଇବା
- ଅଶିଷ୍ଟତା ବା ଅଶ୍ଳୀଳତା ନରହିବା
- ସାଂପ୍ରଦାୟିକ ଲେଖା ନ ଲେଖିବା



ଟିପ୍‌ପଣୀ

-ମିଡିଆର ପ୍ରଭାବ

- ସକାରାତ୍ମକ
- ନ କାରାତ୍ମକ

## 3.6 ପାଠାନ୍ତ ପ୍ରଶ୍ନ

1. ଗଣମାଧ୍ୟମ ତଥା ଗଣତନ୍ତ୍ର ଭିତରେ ଥିବା ସଂପର୍କକୁ ବିସ୍ତାର ସହିତ ବ୍ୟାଖ୍ୟା କରନ୍ତୁ ।
2. ମିଡିଆ ଆଚାର ସଂହିତା କହିଲେ କ'ଣ ବୁଝାଏ ? ମିଡିଆ କର୍ମୀଙ୍କ ଦ୍ୱାରା ପାଳନ କରାଯାଉଥିବା ଆଚାର ସଂହିତାର ସୂଚୀ ପ୍ରସ୍ତୁତ କରନ୍ତୁ ।
3. ଜନତାଙ୍କ ଉପରେ ଗଣମାଧ୍ୟମର ବିଭିନ୍ନ ସକାରାତ୍ମକ ତଥା ନକାରାତ୍ମକ ପ୍ରଭାବ ଉପରେ ଚର୍ଚ୍ଚା କରନ୍ତୁ ।

## 3.7 ପାଠଗତ ପ୍ରଶ୍ନର ଉତ୍ତର

**3.1** 1- (i) ଭାରତ

(ii) ନିର୍ବାଚିତ ପ୍ରତିନିଧି

(iii) ସୂଚନା, ସରକାର

(iv) ଚତୁର୍ଥ

(v) ଦୃଷ୍ଟିକୋଣ ତଥା ପ୍ରକୃତି

2- ବ୍ୟବସ୍ଥାପକ, କାର୍ଯ୍ୟପାଳିକା ତଥା ନ୍ୟାୟପାଳିକା

3- ଭାଗ 3.1 ଦେଖନ୍ତୁ

**3.2** 1- ଭାଗ 3.3 ଦେଖନ୍ତୁ

2- ଭାଗ 3.4ଦେଖନ୍ତୁ



ଟିପ୍ପଣୀ



# ୪

# ଉନ୍ନୟନ ଯୋଗାଯୋଗ

ପୂର୍ବ ଅଧ୍ୟାୟ ମାନଙ୍କର ପ୍ରଭାବିତ ଯୋଗାଯୋଗ କିପରି ଏକ ଅଦ୍ୱିତୀୟ ପ୍ରକ୍ରିୟା ଅଟେ ତାହା ଆପଣ ଶିକ୍ଷାଲାଭ କଲେ । ଏ ପର୍ଯ୍ୟନ୍ତ ଆମେ ଜାଣିଲେ "ଯୋଗାଯୋଗ"ଶବ୍ଦ ଗଣମାଧ୍ୟମର ଅନେକ ପ୍ରକାର ଯେପରି ମୁଦ୍ରଣ ସାମଗ୍ରୀ, ରେଡିଓ, ଦୂରଦର୍ଶନ ଇତ୍ୟାଦି ପାଇଁ ବ୍ୟବହାର ହୋଇଥାଏ । ସଶକ୍ତିକରଣ ପାଇଁ ମଧ୍ୟ ଯୋଗାଯୋଗ ଉପଯୋଗୀ ଅଟେ । ଏହା ମଧ୍ୟ ଆପଣ ଜାଣିବା ଦରକାର । ଅନ୍ୟ ଅର୍ଥରେ ବିକାଶ ସମ୍ବନ୍ଧୀୟ ଗତିବିଧିରେ ଲୋକ ଲୋକଙ୍କ ମଧ୍ୟରେ ସହଯୋଗ ଭାବନାକୁ ସୁନିଶ୍ଚିତ କରାଇବାପାଇଁ ଗୋଟିଏ ଉପକରଣ ଭାବରେ ଉପଯୋଗୀ ବ୍ୟବହୃତ ହୋଇଥାଏ ।

ସାମାଜିକ ଆର୍ଥିକ ତଥା କୌଶଳ ସମ୍ବନ୍ଧୀୟ ପରିବର୍ତ୍ତନ ସମୟରେ ତଥା କୌଣସି ଘଡିସନ୍ଧି ମୁହୂର୍ତ୍ତରେ ଉଚିତ୍ ମୁକାବିଲା କରିବାପାଇଁ ଲୋକଙ୍କ ପାଖରେ ଯୋଗାଯୋଗ ତଥା ଜ୍ଞାନର ଆବଶ୍ୟକତା ମହତ୍ତ୍ୱପୂର୍ଣ୍ଣଅଟେ । ଯୋଗାଯୋଗ ଏବଂ ଜ୍ଞାନକୁ ଉପଯୋଗୀ କରିବାକୁ ହେଲେ ଏହାର ସଂଚାର ଲୋକମାନଙ୍କୁ ତୁରନ୍ତ ପହଞ୍ଚାଇବା ଆବଶ୍ୟକ । ବିକାଶଶୀଳ ଦେଶମାନଙ୍କରେ ଲକ୍ଷ ଲକ୍ଷ ଲୋକ ସୂଚନା ତଥା ଜ୍ଞାନର ଏକ ବିସ୍ତୃତ କ୍ଷେତ୍ରରୁ ବଞ୍ଚିତ ଅଛନ୍ତି ତଥା ଦରିଦ୍ର ଗ୍ରାମିଣ ଲୋକ ପାରମ୍ପରିକ ମାଧ୍ୟମ ତଥା ନୂତନ କୌଶଳ ତଥା ସୂଚନା ଏବଂ ଜୀବନରେ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ ଯୋଗାଯୋଗ କୌଶଳରୁ ଅଲଗା ରହିଯାଇଛନ୍ତି ।

ଏହି ଅଧ୍ୟାୟରେ ବିକାଶ ସଂପର୍କିତ ଗତିବିଧିକୁ ବଢାଇବା ପାଇଁ ଯୋଗାଯୋଗର କି ଭୂମିକା ଅଛି ସେ ସଂପର୍କରେ ଜାଣିବା:

## ଉଦ୍ଦେଶ୍ୟ

ଏହି ପାଠ୍ୟକୁ ପଢିବାପରେ ଆପଣ ନିମ୍ନଲିଖିତ କାର୍ଯ୍ୟ କରିବାରେ ସକ୍ଷମହେବେ ।

- ବିକାଶ ଯୋଗାଯୋଗର ପରିଭାଷା
- ଏଥିରୁ ଜାଣିପାରିବେ ବିକାଶ ଯୋଗାଯୋଗ କେଉଁଭଳି ଭାବରେ ଗଣମାଧ୍ୟମରେ ଉପଯୋଗୀତା ହୋଇଥାଏ ।
- ବିକାଶର କିଛି ପ୍ରମୁଖ କ୍ଷେତ୍ରର ସୂଚୀ
- ବିକାଶ ଅଭିଯାନର ବ୍ୟାଖ୍ୟା



ଟିପ୍‌ପଣୀ

## 4.1 ବିକାଶ ଯୋଗାଯୋଗ:- ପରିଭାଷା

ଏଠାରେ ବିକାଶ ଯୋଗାଯୋଗ କହିଲେ ଦୁଇଟି ଶବ୍ଦ "ବିକାଶ"ତଥା ଯୋଗାଯୋଗ ମିଳିଥାଏ । ଆପଣ ଜାଣିଛନ୍ତି ଯୋଗାଯୋଗର ଅର୍ଥ କ'ଣ । ଆପଣ ଏହା ମଧ୍ଯ ଜାଣିଛନ୍ତି ଯୋଗାଯୋଗ ବୁଝାପଡୁଥିବା ଏକ ବାର୍ତ୍ତା ଅଟେ ଅଥବା ଅନୁଭବକୁ ବାଣ୍ଟିବାକୁ ବୁଝାଏ । ବିକାଶର ସନ୍ଦର୍ଭରେ ଆମେ ଯେତେବେଳେ ଯୋଗାଯୋଗର ବିଷୟ ଉଲ୍ଲେଖ କରୁଛେ ଯୋଗାଯୋଗ ବିଭିନ୍ନ ପ୍ରକାର ଯେପରି ଅନ୍ତରବୈକ୍ତିକ ସାମୂହିକ ତଥା ଗଣସଂଚାର ବିଷୟରେ ମଧ୍ୟ ଆମେ ଆଲୋଚନା କରିବା ।

ଆସନ୍ତୁ ବିକାଶ ଶବ୍ଦ ବୁଝିବାକୁ ଚେଷ୍ଟା କରିବା । ଏହାକୁ ଭାଷାରେ କହିବା ସରଳ ନୁହେଁ କାରଣ ଏହାର ଅର୍ଥ ନିର୍ଦ୍ଧିଷ୍ଟ ବିଷୟବସ୍ତୁ ଉପରେ ନିର୍ଭର କରେ । ବିକାଶ ପରିବର୍ତ୍ତନର ସୂଚକ ଅଟେ । ପରିବର୍ତ୍ତନର ସ୍ଥିତିକୁ ଅଧିକ ଗୁଣବର୍ତ୍ତା କରିବାପାଇଁ ଏହା ଥାଏ । ଏହା ସୁଧାର ବା ପ୍ରଗତି ପାଇଁ ସାମାଜିକ ତଥା ଆର୍ଥିକ ପରିବର୍ତ୍ତନ ମଧ୍ୟ ହୋଇପାରେ । ଯେତେବେଳେ ଆମେ ବିକାଶ ଯୋଗାଯୋଗର କଥା ଉଠାଉଥାଉ ଏଠାରେ ଯୋଗାଯୋଗର ବିଷୟ ଆସିଥାଏ । ଯାହାର ଉପଯୋଗ ବିକାଶରେ ପ୍ରୟୋଗ ହୋଇଥାଏ । ଏହା ପରିବର୍ତ୍ତନ ବା କୌଣସି ପ୍ରକାର ସୁଧାରପାଇଁ ଯୋଗାଯୋଗର ପ୍ରୟୋଗ ବିଷୟରେ ହୋଇଥାଏ । ଏହା ଆମ ଭଳି ଲୋକମାନଙ୍କର ସାମାଜିକ ତଥା ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆଣିବାପାଇଁ ବିଭିନ୍ନ ପ୍ରକାର ବାର୍ତ୍ତାର ପ୍ରୟୋଗ କରିଥାଏ । ଏହି ବାର୍ତ୍ତାର ରଚନା ଲୋକମାନଙ୍କର ବ୍ୟବହାରରେ ପରିବର୍ତ୍ତନ ତଥା ଜୀବନ ସ୍ତରରେ ସୁଧାର ଆଣିବା ପାଇଁ କରାଯାଇଥାଏ । ଅତଏବ ବିକାଶ ଯୋଗାଯୋଗ ବିକାଶ କୁ ବୃଦ୍ଧି କରିବାପାଇଁ ଯୋଗାଯୋଗ ରୂପରେ ପରିଭାଷିତ କରାଯାଇପାରିବ । ସେହି ବ୍ୟକ୍ତି ଯେଉଁମାନେ ବିକାଶ ସମ୍ବନ୍ଧୀୟ ବିଷୟ ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତି ତଥା ଲେଖନ୍ତି ସେମାନେ ବିକାଶ ପ୍ରେରକ ଭାବରେ ଜଣାଯାଇ ଥାଆନ୍ତି ।

## ବିକାଶ ପ୍ରେରକଙ୍କ ଭୂମିକା

ବିକାଶ ପ୍ରେରକ ଏହି ପ୍ରକ୍ରିୟାକୁ ସାଧାରଣ ଜନତାଙ୍କ ସମ୍ମୁଖରେ ବ୍ୟାଖ୍ୟା କରିବାପାଇଁ ବିକାଶର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ଲୋକମାନେ ଏହାକୁ ସ୍ୱୀକାର କରିଥାନ୍ତି । ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବାପାଇଁ ଜଣେ ବିକାଶ ପ୍ରେରକଙ୍କୁ

- ବିକାଶ ଏବଂ ଯୋଗାଯୋଗର ପ୍ରକ୍ରିୟାକୁ ବୁଝିବା ଦରକାର ।
- ବୃତ୍ତିଗତ କଳାରେ ଜ୍ଞାନରଖିବା ଉଚିତ୍ ତଥା ସୂଚନା ପ୍ରାପ୍ତକରିବା ଲୋକଙ୍କୁ ବୁଝିବା ଦରକାର ।
- ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ପାଇଁ ବିକାଶର ବାର୍ତ୍ତା ଏହି ପ୍ରକାର ପ୍ରସ୍ତୁତ କରିବା ଏବଂ ବିତରଣ କରିବା ଦରକାର ଯେପରିକି ଲୋକମାନେ ଏହାକୁ ଗ୍ରହଣ କରିବେ, ବୁଝିବେ, ସ୍ୱୀକାର କରିବେ ତଥା ଏହାକୁ ବ୍ୟବହାର କରିବେ । ଯଦି ସେମାନେ ଏହି ଆହ୍ୱାନକୁ ସ୍ୱୀକାର କରନ୍ତି ତେବେ ସେହି ଲୋକମାନେ ଗୋଟିଏ ସମାଜ ତଥା ଏକ ରାଷ୍ଟ୍ରର ଅଂଶୀଦାର ରୂପରେ ନିଜକୁ ପ୍ରତିଷ୍ଠିତ କରିପାରିବେ । ଏହି ପ୍ରତିଷ୍ଠା

ଟିପ୍‌ପଣୀ

ସେମାନଙ୍କୁ ବ୍ୟକ୍ତିଗତ ବା ସାମୁଦାୟିକ ସ୍ତରରେ ସଂପୂର୍ଣ୍ଣ ମାନବୀୟ କଲ୍ୟାଣ ସାଧନରେ ଉପଲବ୍ଧ କରାଇବାରେ ସାହାଯ୍ୟ କରିବ ।

## 4.2 ବିକାଶ ଯୋଗାଯୋଗରେ ବିଭିନ୍ନ ମାଧ୍ୟମର ପ୍ରୟୋଗ

ବିକାଶ ଯୋଗାଯୋଗର ଇତିହାସ ଭାରତରେ 1940 ଦଶକରେ ଗ୍ରାମିଣ କ୍ଷେତ୍ରରେ ରେଡିଓ ପ୍ରସାରଣ ଦ୍ୱାରା କରାଯାଇଥିଲା । କେବେ ଆପଣ ଗ୍ରାମିଣ କାର୍ଯ୍ୟକ୍ରମ ବେତାର ଦ୍ୱାରା ଶୁଣିଛନ୍ତି କି ? ଯଦି ଆପଣ କୌଣସି ଗ୍ରାମୀଣ କ୍ଷେତ୍ରରେ ଥାଆନ୍ତି ତେବେ ନିଶ୍ଚୟ ଶୁଣିଥିବେ । ଯେଉଁ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରନ୍ତି ସେମାନେ ଏହି ଭାଷା ବା କଥାବାର୍ତ୍ତାରେ କଥା ହୁଅନ୍ତି ଯେଉଁଥିରେ ଆପଣଙ୍କ କ୍ଷେତ୍ରର ଲୋକମାନେ କଥା ହୁଅନ୍ତି । ଏହା କୃଷିଭିତ୍ତିକ ବା ତତ୍‌ସଂଲଗ୍ନ କାର୍ଯ୍ୟକ୍ରମ ଉପରେ ଆଧାରିତ ଅଟେ । ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଅଧିକାରୀ କୃଷକଙ୍କ ସାଥୀରେ ସାକ୍ଷାତ୍‌କାର, ଲୋକଗୀତ ତଥା ମୌସୁମୀ, ବଜାରଦର, ଉନ୍ନତମାନର ବିହନ ତଥା ସରଞ୍ଜାମର ଉପଲବ୍ଧତା ଉପରେ ଏକାଠି ହୋଇଥାଆନ୍ତି । ଅନ୍ୟାନ୍ୟ ସମ୍ବନ୍ଧୀୟ ବିଷୟ ଉପରେ ମଧ୍ୟ ଏହି ଆଲୋଚନା ସମ୍ଭବ ଅଟେ ।

1950 ଦଶକରେ ସରକାର ସମଗ୍ରଦେଶରେ ବୃହତ୍ ବିକାଶ କାର୍ଯ୍ୟକ୍ରମ ପ୍ରାରମ୍ଭ କରିଥିଲେ । ଯେତେବେଳେ 15 Dec 1959 ରେ ଦୂରଦର୍ଶନ ଆରମ୍ଭ ହୋଇଥିଲା ସେତେବେଳେ କେବଳ କୃଷିଭିତ୍ତିକ କାର୍ଯ୍ୟକ୍ରମ ଉପରେ ଏହା କେନ୍ଦ୍ରିତ ଥିଲା । ଆପଣଙ୍କ ମଧ୍ୟରୁ ଅନେକ ଦୂରଦର୍ଶନରେ କୃଷିଭିତ୍ତିକ କାର୍ଯ୍ୟକ୍ରମ "କୃଷିଦର୍ଶନ" ଦେଖିଥିବେ ।

ପରେ 1975 ମସିହାରେ ଯେତେବେଳେ ଭାରତ ଏସ୍.ଆଇ.ଟି.ଇ(ସାଟେଲାଇଟ୍ ଇନ୍‌ଷ୍ଟ୍ରକ୍‌ସନ୍ ଟେଲିଭିଜନ ଏକ୍ସପେରିମେଣ୍ଟ)ନାମରେ ଜଣାଶୁଣା ଦୂରଦର୍ଶନ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ ଉପଗ୍ରହ ପ୍ରେରଣ କଲା ଶିକ୍ଷା ଉପରେ ପର୍ଯ୍ୟବେସିତ ଏହି କାର୍ଯ୍ୟକ୍ରମ ଆନ୍ଧ୍ରପ୍ରଦେଶ, ବିହାର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଓଡିଶା ତଥା ରାଜସ୍ଥାନ ଆଦି ରାଜ୍ୟରେ 2400 ଗ୍ରାମକୁ ଉପଲବ୍ଧ କରାଯାଇଥିଲା ।

ଯେଉଁ ପର୍ଯ୍ୟନ୍ତ ଛାପା ମିଡିଆର ସଂବନ୍ଧ ଅଛି, ସ୍ୱାଧୀନତାପରେ ଯେତେବେଳେ ପଞ୍ଚବାର୍ଷିକ ଯୋଜନା ସରକାରଙ୍କ ଦ୍ୱାରା ସୁନିୟୋଜିତ ବିକାଶର ଲକ୍ଷ୍ୟରେ ଆରମ୍ଭ କରାଗଲା ସମାଚାର ପତ୍ର ବିକାଶର ବିଷୟକୁ ସେତେବେଳେ ବହୁ ଅଧିକ ମହତ୍ୱ ଦେଇଥିଲେ । ସେମାନେ ବିଭିନ୍ନ ସରକାରୀ ବିକାଶ ଯୋଜନା ଲୋକମାନଙ୍କ ହିତରେ କିପରି ଲାଭଦାୟକ ଫଳପ୍ରଦ ହେବ ସେଭଳି ଲେଖା ଦେଉଥିଲେ ।

ଭାରତରେ ରେଡିଓ ତଥା ଦୂରଦର୍ଶନ ବିଶେଷ ରୂପରେ ଆକାଶବାଣୀ ଏବଂ ଦୂରଦର୍ଶନରେ ବିକାଶ ସମ୍ବନ୍ଧିତ ବାର୍ତ୍ତା ପ୍ରସାରଣ ହେଉଥିଲା ।

ତଥାପି ବିକାଶ ଯୋଗାଯୋଗରେ ସଂଶ୍ଲିଷ୍ଟ ସମସ୍ତ ମାଧ୍ୟମରେ ପାରମ୍ପରିକ ମାଧ୍ୟମ ସେଇଲୋକଙ୍କ ପାଖରେ ସର୍ବାଧିକ ନିକଟତର ଅଟେ ଯେଉଁମାନଙ୍କୁ ବିକାଶ ସମ୍ବନ୍ଧିତ ବାର୍ତ୍ତାର ଆବଶ୍ୟକତା ଅଧିକ ରହିଥାଏ ଯେପରିକି କୃଷକ ଏବଂ ମଜୁରିଆ ଗଣମାଧ୍ୟମର ଏହି ରୂପ ସହଭାଗିତାକୁ ପ୍ରୋତ୍ସାହିତ କରିଥାଏ ଏବଂ ପ୍ରଭାବଶାଳୀ ହୋଇଥାଏ ।

ଟିପ୍‌ପଣୀ

ଆପଣ ନିର୍ମାଣରେ ଲାଗିଥିବା ମଜୁରିଆଙ୍କୁ ରାସ୍ତାକଡରେ ଖୋଲା ଆକାଶତଳେ ଅସ୍ଥାୟୀଭାବରେ ପକାଯାଇଥିବା ତମ୍ବୁତଳେ ଚାଉଳ ଡାଲି ପ୍ରସ୍ତୁତ କରି ଖାଉଥିବାର ଦୃଶ୍ୟ ନିଶ୍ଚୟ ଦେଖିଥିବେ । ଏମାନଙ୍କୁ ସନ୍ତୁଳିତ ଖାଦ୍ୟ, ପରିଛନ୍ନତା, ସ୍ୱାସ୍ଥ୍ୟ ତଥା ଜଳ ଏବଂ ସଫାସୁତୁରାର ମୂଲ୍ୟ ବିଷୟରେ ଜ୍ଞାନ ପ୍ରଦାନର ଆବଶ୍ୟକତା ଅଟେ । ଆପଣ କେବେ ଚିନ୍ତା କରିଛନ୍ତି ଏପରି ବିଷୟ ଉପରେ କିପରି ବାର୍ତ୍ତା ପଠାଯାଇଥାଏ ?

ଭାରତର ବିଭିନ୍ନ ମୁଲକରେ ସ୍ୱୟଂସେବକ ମାନଙ୍କର ସାମୂହିକ ପଥପ୍ରାନ୍ତ ନାଟକର ବ୍ୟବହାର ବିକାଶ ଯୋଗାଯୋଗ ପାଇଁ ଏକ ମାଧ୍ୟମର ରୂପରେ କରାଯାଇଥାଏ । ଏହା ଲଘୁ ହାସ୍ୟନାଟକ ମାଧ୍ୟମରେ ପ୍ରସ୍ତୁତ କରାଯାଇ ସାକ୍ଷରତାର ମହତ୍ତ୍ୱ, ସଫାସୁତୁରା ଆଦିକୁ ନାଟ୍ୟରୂପରେ ପ୍ରସ୍ତୁତ କରାଯାଇଥାଏ । ଦର୍ଶକ ମାନଙ୍କର ଜୀବନ ସମ୍ବନ୍ଧୀୟ ବିଷୟବସ୍ତୁକୁ ଏହି ପ୍ରସ୍ତୁତିରେ ସ୍ଥାନ ଦିଆଯାଏ । ଉଦାହରଣ ସ୍ୱରୂପ ସନ୍ତୁଳିତ ଆହାର ବିଷୟରେ କୁହାଯାଇଥାଏ । ଏହାର ଅର୍ଥ ସେମାନଙ୍କର ଡାଲି ଚାଉଳ ଖାଦ୍ୟରେ ସବୁଜ ପନିପରିବାଦ୍ୱାରା ପ୍ରସ୍ତୁତ ତରକାରୀକୁ ସମ୍ପୂର୍ଣ୍ଣତା କରି ଦିଆଯାଏ । ଏହାର ଫଳ ସ୍ୱରୂପ ନିର୍ମାଣ ଶ୍ରମିକଙ୍କ ମଧ୍ୟରେ "ଅନ୍ଧାରକଣା"ଭଳି ଚକ୍ଷୁରୋଗର ଉପଚାର ପାଇଁ ଏହା ଉପଯୋଗୀ ହୋଇଥାଏ ।

ଏହି ପ୍ରକାର ମହିଳା ନିର୍ମାଣ ଶ୍ରମିକଙ୍କୁ ତଥା ସେମାନଙ୍କ ପିଲାମାନଙ୍କୁ ଲିଖନ ପଠନ ଶିକ୍ଷା ଦିଆଯାଇଥାଏ ।

ତଥାପି ବିକାଶ କର୍ମୀଙ୍କ ପାଇଁ ବାର୍ତ୍ତାର ପ୍ରଭାବଶାଳୀ ଉପସ୍ଥାପନା ଏକ ଚିନ୍ତାର ବିଷୟ ଅଟେ । କମ୍ ଖର୍ଚ୍ଚରେ ଲୋକମାନଙ୍କୁ କିପରି ନୂଆ ନୂଆ କୌଶଳ ଶିକ୍ଷା ଦିଆଯିବ ? ସ୍ୱାସ୍ଥ୍ୟଭଳି ସମ୍ବେଦନଶୀଳ ବିଷୟ ଉପରେ କଥାବାର୍ତ୍ତାପାଇଁ ସର୍ବୋତ୍ତମ ଉପାୟ କ'ଣ ? କିଭଳି ଭାବରେ ଜଟିଳ ନୂତନ ଅନୁସନ୍ଧାନ, ଯେପରି କୃଷିକ୍ଷେତ୍ରରେ ସରଳକରଣ କରି ପ୍ରସ୍ତୁତ କରାଯାଇପାରିବ ଯେଉଁଥିରେ ସାଧାରଣ ଲୋକ ଉପକୃତ ହୋଇପାରିବେ ?ଏଥିରେ ଗୋଟିଏ ଉପାୟ କମିକ୍ସର ପ୍ରୟୋଗ ଅଟେ । କିନ୍ତୁ ଇଚ୍ଛାଶକ୍ତି ପରିଣାମ ପ୍ରାପ୍ତ କରିବାପାଇଁ କମିକସ୍ ସ୍ଥାନୀୟସ୍ତର ଉପରେ ପ୍ରସ୍ତୁତି ହେବା ଦରକାର ।

କିନ୍ତୁ କମିକସ୍ ଅଟେ କ'ଣ ?ଆପଣ ସମସ୍ତେ ଗୋଟିଏ ସମୟରେ ଏହା ପଢିଥିବେ । କମିକସ୍ ଦୃଶ୍ୟ ସହିତ କାହାଣୀ ମଧ୍ୟ କହିଥାଏ, ଏଥିରେ ସ୍ଥାନୀୟ ବିଚାର ଏବଂ ସଂସ୍କୃତିର କଥାବସ୍ତୁ ରହିବା ଦରକାର ଯାହାକୁ ଲୋକ ଠିକ୍ ଠିକ୍ ବୁଝିପାରିବେ ।

କମିକସ୍ ବିଷୟରେ ମହତ୍ତ୍ୱପୂର୍ଣ୍ଣ ଅଟେ ଲୋକଙ୍କ ଦ୍ୱାରା ସେମାନଙ୍କ ନିଜସ୍ୱ ଭାଷାରେ ନିଜ ନିଜ ବିଷୟ ଉପରେ ତିଆରି ହୋଇଥାଏ । ସୁତରାଂ ପାଠକ ଏହାକୁ ନିଜର ଦୈନନ୍ଦିନ ଜୀବନରେ ଅତି ନିକଟରେ ପାଇଥାନ୍ତି ।

ଗ୍ରାମିଣ ପ୍ରେରକଙ୍କୁ "ବିକାଶ ଯୋଗାଯୋଗ"ରେ କମିକସ୍‌ର ପ୍ରୟୋଗ କରିବାରେ ସକ୍ଷମ ହେବା ଲକ୍ଷ୍ୟ ନେଇ ପ୍ରଶିକ୍ଷିତ କରିବାପାଇଁ ଝାରଖଣ୍ଡ, ରାଜସ୍ଥାନ, ତାମିଲନାଡୁ ତଥା ଉତ୍ତରପୂର୍ବ ରାଜ୍ୟମାନଙ୍କର



ଟିପ୍‌ପଣୀ



ଦୂରଦୂରାନ୍ତ ସ୍ଥାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ଏଚ୍‌ଆଇଭି/ଏଡସ୍ ଭଳି ସମ୍ବେଦନଶୀଳ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟ ଉପରେ କମିକ୍‌ସର ମାଧ୍ୟମରେ ସୂଚନା ପ୍ରେରଣା କରାଯାଉଛି । ଆପଣ ଜାଣିପାରିବେ ବିକାଶ ଯୋଗାଯୋଗରେ ବହୁତ ମାଧ୍ୟମର ପ୍ରୟୋଗ ସେତେବେଳେ ସମ୍ଭବ ହେବ ଯେତେବେଳେ ନିମ୍ନଲିଖିତ ବିଷୟବସ୍ତୁକୁ ଏ ବିଷୟରେ ଯୋଗ କରାଯିବ ।

i- ବିକାଶସଂସ୍ଥା ଯେପରି କୃଷି ବିଭାଗ

ii- ସ୍ୱେଚ୍ଛାସେବୀ ସଂଗଠନ

iii- ସଂପର୍କିତ ନାଗରିକ

iv- ଅଣସରକାରୀ ସଂଗଠନ(ଏନ୍‌ଜିଓ)

ଆମେ ଯେତେବେଳେ ବିକାଶର କଥା କହୁ ସେତେବେଳେ ସ୍ୱେଚ୍ଛାସେବୀ ସଂଗଠନ ଏଥିରେ ଆଗ୍ରହୀ ଥିବା ନାଗରିକ ତଥା ଅଣସରକାରୀ ସଂଗଠନର ଯୋଗଦାନକୁ ଉପେକ୍ଷିତ କରାଯାଇନପାରେ । ବାସ୍ତବରେ ଏହିମାନେ ହିଁ ସମୂହ ବିକାଶ କାର୍ଯ୍ୟକ୍ରମକୁ କ୍ରିୟାନ୍ୱିତ କରିବାରେ ବଡ ଯୋଗଦାନ ଥାଏ । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ବିଭିନ୍ନ ବିଷୟକୁ ଲୋକଙ୍କ ପାଖରେ ପହଞ୍ଚାଇଥାନ୍ତି । ଅଣସରକାରୀ ସଂଗଠନ ଅଧ୍ୟୟନ କରନ୍ତି, ପରୀକ୍ଷା ନିରୀକ୍ଷା ତଥା ତର୍ଜମା କରନ୍ତି ତଥା ବିକାଶ ସମ୍ବନ୍ଧିୟ ଅନେକ ବିଷୟ ଉପରେ ଜାଗରଣ ସୃଷ୍ଟି କରିବାପାଇଁ ସମୂଚିତ ବାର୍ତ୍ତା ବିକଶିତ କରନ୍ତି ।

**କାର୍ଯ୍ୟକଳାପ:-4.1**

ଆପଣ ଆପଣଙ୍କ ଆଖପାଖରେ ଥିବା କୌଣସି ଅଣସରକାରୀ ସଂଗଠନକୁ ପରିଦର୍ଶନ କରି ସେମାନଙ୍କ ଗତିବିଧି ସଂପର୍କରେ ଲକ୍ଷ୍ୟ କରିପାରନ୍ତି ।

**ପାଠ୍ୟଗତ ପ୍ରଶ୍ନ : 4.1**

1. ବିକାଶ ଯୋଗାଯୋଗର ପରିଭାଷା ବର୍ଣ୍ଣନା କରନ୍ତୁ ।
2. ବିକାଶ ଯୋଗାଯୋଗରେ ସାମୂହିକ ଗଣମାଧ୍ୟମର ବିଭିନ୍ନ ପ୍ରକାର ଭେଦକୁ ସୂଚିତ କରନ୍ତୁ ।
3. ତିନୋଟି ଗ୍ରୁପ୍‌ର ନାମ ଲେଖନ୍ତୁ ଯେଉଁମାନେ ବିକାଶ ଯୋଗାଯୋଗର କାର୍ଯ୍ୟରେ ସକ୍ରିୟ ରୂପରେ ଭାଗ ନେଇଥାନ୍ତି ।

## 4.3 ବିକାଶର ମୂଳକ୍ଷେତ୍ର

ଆପଣଙ୍କୁ ଜାଣିବା ଦରକାର ବିକାଶର ମୂଳ ଉଦ୍ଦେଶ୍ୟ ଲୋକଙ୍କ ପାଖରେ ଉପଲବ୍ଧ ବିକାଶକୁ ବିସ୍ତୃତ କରିବା ତଥା ଏପରି ବାତାବରଣ ସୃଷ୍ଟିକରିବା ଦରକାର ଯେଉଁଥିରେ ଲୋକମାନେ ଦୀର୍ଘ ସୁସ୍ଥ ଏବଂ ରଚନାତ୍ମକ ଜୀବନ ଅତିବାହିତ କରିପାରିବେ । ଆସନ୍ତୁ ଆମେ ବିକାଶର କିଛି ମୂଳକ୍ଷେତ୍ରକୁ ସୂଚିତ



ଟିପ୍ପଣୀ

କରିବା:-

- କୃଷି
- ମତ୍ସ୍ୟପାଳନ
- ପଶୁପାଳନ
- ଖାଦ୍ୟ ସୁରକ୍ଷା
- ଯୋଗାଯୋଗ
- ସେଚନ
- ଲୋକନିର୍ମାଣ
- ରୋଜଗାର
- ପର୍ଯ୍ୟାବରଣ
- ପରିବେଶ
- ଆୟଅର୍ଜନ ଗତିବିଧି
- ଶିକ୍ଷା
- ସ୍ୱାସ୍ଥ୍ୟ ବା ସ୍ୱଚ୍ଛତା
- ପରିବାର କଲ୍ୟାଣ

ଆପଣ ଯଦି ବିକାଶ ଯୋଗାଯୋଗ କ୍ଷେତ୍ରରେ ଯୋଗଦାନ କରନ୍ତି ଆପଣଙ୍କୁ ଲୋକମାନଙ୍କୁ ସୂଚିତ କରିବାପାଇଁ ବିଶେଷଜ୍ଞଙ୍କ ପରାମର୍ଶ ଏବଂ ସୁସଂଗତ ସୂଚନାର ଆବଶ୍ୟକତା ଅଟେ । ଆପଣ ନିମ୍ନ ପ୍ରଦତ୍ତ ସ୍ଥାନରୁ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ ।

- କୃଷି ସ୍କୁଲ ଏବଂ ବିଦ୍ୟାଳୟ
- ରାଜ୍ୟ କୃଷି ବିଭାଗ
- ରାଜ୍ୟ ଉଦ୍ୟାନ ବିଭାଗ
- ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟ
- ରାଜ୍ୟ ମତ୍ସ୍ୟପାଳନ ବିଭାଗ



ଟିପ୍‌ପଣୀ

- ସହକାରୀ ସେବା ସମବାୟର ରେଜିଷ୍ଟ୍ରାର
- ମୃତ୍ତିକା ସର୍ବେକ୍ଷଣ କେନ୍ଦ୍ର
- ସରକାରୀ କୁକୁଡ଼ା ପାଳନ କେନ୍ଦ୍ର
- କୃଷିଭବନ ତଥା ଆଦର୍ଶ ଫାର୍ମ
- ସମୁଦାୟ ବିକାଶ ଖଣ୍ଡ
- ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର
- ପଶୁପାଳନ ବିଭାଗ
- ସରକାରୀ ଅର୍ଥଲଗାଣ ତଥା ବ୍ୟାଙ୍କିଙ୍ଗ ସଂସ୍ଥା
- ସ୍ଥାନୀୟ ଅଣସରକାରୀ ସଂଗଠନ
- ରେଷମ ଫାର୍ମ

### 4.4 ବିକାଶ ଅଭିଯାନ(କେମ୍‌ପନ୍)

ଆପଣ ନିର୍ବାଚନୀ କ୍ୟାମ୍ପେନ୍ (ଅଭିଯାନ)ଶବ୍ଦ ସହିତ ପରିଚିତ ଥିବେ ।ନିର୍ବାଚନ ସମୟରେ ଆମେ ଯୋଗାଯୋଗର ପ୍ରୟୋଗ ଲୋକମାନଙ୍କୁ ଗୋଟିଏ ରାଜନୈତିକ ଦଳରୁ ଅନ୍ୟକୁ ତଥା ଜଣେ ପ୍ରାର୍ଥୀଙ୍କଠାରୁ ଅନ୍ୟଜଣଙ୍କ ପକ୍ଷରେ ମତଦାନ କରିବାପାଇଁ ସେମାନଙ୍କ ମତଦାନ ବ୍ୟବସ୍ଥାକୁ ବଦଳାଇବାପାଇଁ ପ୍ରୟୋଗ କରିଥାଉ । ଏଥିପାଇଁ ଆମେ ଜନସଭା, ଛାପା ସାମଗ୍ରୀ, ରେଡିଓ ତଥା ଦୂରଦର୍ଶନ ବିଜ୍ଞାପନର ସାହାଯ୍ୟ ନେଇଥାଉ । ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାମାତ୍ରେ ଏହି ଅଭିଯାନ ବା କ୍ୟାମ୍ପେନ୍ ଆରମ୍ଭ ହୋଇଥାଏ ଏବଂ ମତାମତ ଆସିବା ସଂଗେ ସଂଗେ ବନ୍ଦ ହୋଇଥାଏ । ଏହାର ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବାପାଇଁ କି ବ୍ୟକ୍ତି ବିଶେଷ ବା ଲୋକ ସମୂହ କୌଣସି ଜଣେ ପ୍ରାର୍ଥୀ ବା ଦଳ ପକ୍ଷରେ ମତଦାନ କରନ୍ତୁ ।

ଏହିପ୍ରକାର ବିକାଶ ଯୋଗାଯୋଗ ପାଇଁ ଆମେ ମୁଦ୍ରଣ ମାଧ୍ୟମ, ରେଡିଓ ତଥା ଦୂରଦର୍ଶନର ବ୍ୟବହାର କରିପାରିବା । ବେଳେବେଳେ ଏହା ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମୟବଦ୍ଧ କାର୍ଯ୍ୟକ୍ରମ ହୋଇଥାଏ । ଉଦାହରଣ ସ୍ୱରୂପ କୌଣସି ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ପୋଲିଓ ଟିକାକରଣ ପାଇଁ ନିର୍ଦ୍ଧାରଣ କରାଯାଇଥାଏ । ବିକାଶର ବିଷୟ ଉପରେ ସାପ୍ତାହିକ, ପାକ୍ଷିକ ତଥା ମାସିକ କ୍ୟାମ୍ପେନ୍ ମଧ୍ୟ ଚଳାଯାଇଥାଏ । ଏବେ ଆମେ ଦ୍ୱିତୀୟ ଉଦାହରଣ ସର୍ବଶିକ୍ଷା ଅଭିଯାନର ନେବା । ଏହା ବିଦ୍ୟାଳୟ Kû-ùKâ ùe i cìj u e i Kâd b ùMò ùe ùi 2010 ମସିହା ପର୍ଯ୍ୟନ୍ତ 6-14 ବୟସ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କ ପାଇଁ ଏକ ସମୂଚିତ ପ୍ରାଥମିକ ଶିକ୍ଷା ଉପଲବ୍ଧ କରାଇବାର ପ୍ରଚେଷ୍ଟା ଅଟେ ।

ବିକାଶ ଯୋଗାଯୋଗରେ ରୁଚି ରଖୁଥିବା ଲୋକଙ୍କୁ ସେମାନଙ୍କର ଶ୍ରୋତୃମଣ୍ଡଳୀ ଅର୍ଥାତ୍ ପାଠକ,



ଟିପ୍‌ପଣୀ

ଶ୍ରୋତା, ଦର୍ଶକମାନଙ୍କୁ ବୁଝିବାକୁ ପଡିବ । ସେମାନଙ୍କୁ ସେମାନଙ୍କର ଶ୍ରୋତୃମଣ୍ଡଳୀଙ୍କର ଦରକାରୀ ସଂପର୍କରେ ଜାଣିବା ଦରକାର ଫଳତଃ ଯେଉଁ ମାଧ୍ୟମ ବ୍ୟବହାର ହେବ ତାହା ଫଳପ୍ରସୂ ରହିବ । ପରବର୍ତ୍ତୀ ଅବସ୍ଥାରେ ବାର୍ତ୍ତାକୁ ଅତି ଆକର୍ଷିତ ଢଙ୍ଗରେ ଉପସ୍ଥାପନା କରିବାକୁ ପଡିବ । ଭାରତରେ ବିକାଶ ଯୋଗାଯୋଗର ଆବଶ୍ୟକତା ନିରନ୍ତର ଭାବରେ ରହିଅଛି ଏହାର କାରଣ ଦେଶର ଏକ ବଡ ଜନସଂଖ୍ୟା ଗ୍ରାମିଣ କ୍ଷେତ୍ରରେ ସ୍ଥାପିତ ହୋଇଛି ଯେଉଁମାନଙ୍କୁ ସରକାରୀ ସହଯୋଗର ଆବଶ୍ୟକତା ଅଛି । ଏଥିପାଇଁ ସରକାରଙ୍କ ଦ୍ୱାରା ଯୋଗାଯୋଗ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ ହୋଇଯାଉଛି ।

ଗଣଯୋଗାଯୋଗ ଅଭିଯାନ ଭଳି ଯୋଗାଯୋଗର ନୂଆରୂପର ଉପଯୋଗ ଗ୍ରାମରେ ସୂଚନା ପାଇବାପାଇଁ ବ୍ୟବହୃତ ହେଉଅଛି । ଏଥିରେ ସ୍ଥାନୀୟ ସମୁଦାୟଙ୍କ ଯୋଗଦାନକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି ।

**ପାଠ୍ୟଗତ ପ୍ରଶ୍ନ : 4.2**

1. ବିକାଶର ଯେକୌଣସି ୫ଟି ମୂଳକ୍ଷେତ୍ରର ସୂଚି ତିଆରି କରନ୍ତୁ ।

2. ବିକାଶ କ୍ୟାମ୍ପେନ୍‌ର ଯେକୌଣସି ୩ଟିର ଉଦାହରଣ ଦିଅନ୍ତୁ । ତାହା ଆପଣ ନିକଟରେ କୌଣସି ଗଣ ମାଧ୍ୟମରେ ଦେଖିଛନ୍ତି ।

**4.6 ଆପଣ କ'ଣ ଶିକ୍ଷାକଲେ**

-ବିକାଶ ଯୋଗାଯୋଗର ସଂଜ୍ଞା

-ବିକାଶ ଯୋଗାଯୋଗରେ ବିଭିନ୍ନ ମାଧ୍ୟମର ଉପଯୋଗ ।

-ବିକାଶ ଅଭିଯାନ(କେମ୍ପେନ୍)ଏବଂ ଉଦାହରଣ ।

**4.6 ପାଠାନ୍ତ ପ୍ରଶ୍ନ**

1. ଉଦାହରଣ ସହିତ ବିକାଶ ଯୋଗାଯୋଗର ବ୍ୟାଖ୍ୟା କରନ୍ତୁ ।

2. ବିକାଶ ଯୋଗାଯୋଗରେ ଗଣମାଧ୍ୟମର ବିଭିନ୍ନ ପ୍ରକାର ଭେଦର ପ୍ରୟୋଗର ଆଲୋଚନା କରନ୍ତୁ ।

3. କୌଣସି ସମ୍ବାଦପତ୍ର ଅନ୍ତତଃ ଦଶଦିନ ପର୍ଯ୍ୟନ୍ତ ପାଠକରନ୍ତୁ ଏବଂ ଏହି ସମୟରେ ଯେଉଁ ବିକାଶ ଯୋଗାଯୋଗ ସଂପର୍କରେ ଆପଣ ଜାଣିପାରିଲେ ତା'ର ଏକ ସୂଚି ପ୍ରସ୍ତୁତ କରନ୍ତୁ ।

**4.7 ପାଠଗତ ପ୍ରଶ୍ନର ଉତ୍ତର**

4.1. 1-ବିକାଶ ଯୋଗାଯୋଗର ସଂଜ୍ଞା ଦିଆଯାଇପାରିବ ବିକାଶକୁ ଅଗ୍ରାଧିକାର ଦେବାପାଇଁ ମିଳିତ ଯୋଗାଯୋଗ

2- (i) ଭାଗ 4.2 ଦେଖନ୍ତୁ

3- (i) ସ୍ୱେଚ୍ଛାସେବୀ ସଂଗଠନ

ଟିପ୍ପଣୀ

(ii) ରୁଚି ରଖୁଥିବା ନାଗରିକ

(iii) ଅଣସରକାରୀ ସଂଗଠନ (ଏନ୍‌ଜିଓ)

(iv) କୌଣସି ଅନ୍ୟାନ୍ୟ ।

4.2 .

1- (i) କୃଷି

(ii) ମତ୍ସ୍ୟପାଳନ

(iii) ପଶୁପାଳନ

(iv) ଖାଦ୍ୟ ସୁରକ୍ଷା

(v) ଯୋଗାଯୋଗ

(vi) ଅନ୍ୟାନ୍ୟ

2- ଉଦାହରଣ: ପୋଲିଓ ଟିକାକରଣ ଅଭିଯାନ ।

ଟିପ୍ପଣୀ

# ୫

# ଛାପା ମାଧ୍ୟମ - ଏକ ପରିଚୟ

ଏହାର ପୂର୍ବ ପରିଚ୍ଛେଦ ମାନଙ୍କରେ ଆପଣ ଗଣମାଧ୍ୟମର ବିଭିନ୍ନ ପ୍ରକାର ଭେଦ ବିଷୟରେ ଜାଣିପାରିଛନ୍ତି । "ଛାପା"ବା "ମୁଦ୍ରଣ" ମାଧ୍ୟମ ଗଣମାଧ୍ୟମର ଏକ ପ୍ରାରମ୍ଭିକ ତଥା ଆଧାର ରହିତ ମୁଖ୍ୟ ମାଧ୍ୟମ ଅଟେ । ଏଥିରେ ସମାଚାର ପତ୍ର, ସାପ୍ତାହିକ, ପତ୍ରପତ୍ରିକା ମାସିକ ତଥା ପାକ୍ଷିକ ମୁଖପତ୍ରର ଅନ୍ୟାନ୍ୟରୂପ ସମ୍ମିଳିତ ହୋଇଥାଏ ।

ଗଣମାଧ୍ୟମର ମୌଳିକ ଧାରଣା ବା ବୁଝାମଣା ବା ଶିକ୍ଷା ଛାପାମାଧ୍ୟମକୁ ବୁଝିବାପାଇଁ ବହୁ ଜରୁରୀ ଅଟେ । ସୂଚନା ଉପଲବ୍ଧ ତଥା ଜ୍ଞାନର ହସ୍ତାନ୍ତକରଣ କରିବାରେ ଛାପା ମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ବୈଦୁତିକ ମାଧ୍ୟମର ଆଗମନ ସତ୍ତ୍ୱେ ଛାପା ମାଧ୍ୟମର ପ୍ରାସଙ୍ଗିକତା ତଥା ଆକର୍ଷଣ ଲୋପ ପାଇ ନାହିଁ । ଛାପା ମାଧ୍ୟମର ଏହି ସୁବିଧା ସିଧାସଳଖ ପାଠକଙ୍କ ମାନସିକତାକୁ ପ୍ରଭାବିତ କରିଥାଏ । ଖବର ଅଧିକ ଗଭୀର ତଥା ବିଶ୍ଳେଷଣ ଯୁକ୍ତ ତଥା ଦୀର୍ଘକାଳୀନ ହୋଇଥାଏ ।

## ଉଦ୍ଦେଶ୍ୟ

ଏହି ପାଠ ପଢିବାପରେ ଆପଣ ନିମ୍ନଲିଖିତ ବିଷୟ କରିବାରେ ସକ୍ଷମ ହେବେ:-

- ଛାପା ମାଧ୍ୟମର ବିଭିନ୍ନ ରୂପକୁ ଜାଣିପାରିବେ
- ପ୍ରାରମ୍ଭିକ ମୁଦ୍ରଣର ଇତିହାସକୁ ଚର୍ଚ୍ଚା କରିପାରିବେ
- ଭାରତରେ ସମାଚାର ପତ୍ରର ଉଦ୍‌ଭବକୁ ବର୍ଣ୍ଣନା କରିପାରିବେ
- ଛାପା ତଥା ବୈଦୁତିକ ମାଧ୍ୟମ ମଧ୍ୟରେ ବିଭେଦକୁ ଜାଣିପାରିବେ ।

## 5.1 ଖବର କାଗଜ

ସାଧାରଣତଃ ଛାପା ମାଧ୍ୟମର ସଂପର୍କ ସିଧାସଳଖ ଖବର କାଗଜକୁ ଯାଇଥାଏ । ସମାଚାର ପତ୍ର ଖବର, ସମାଚାର ତଥା ଲେଖାକୁ ସଂକଳନ, ସଂପାଦନ ତଥା ଛପାଇଥାଏ । ଏହା ସନ୍ଧ୍ୟା ସମୟରେ ପ୍ରକାଶିତ ହୁଏ ଯାହାକୁ ସାନ୍ଧ୍ୟ ଦୈନିକ କୁହାଯାଏ । ଲୋକମାନେ ଖବରକାଗଜ କାହିଁକି ପାଠ କରନ୍ତି ? ସେମାନେ ଅନେକ କାରଣରୁ ଖବରକାଗଜ ପାଠକରନ୍ତି । ଆସନ୍ତୁ ଆମେ କିଛି ଉଦାହରଣ ନେବା:- ସହର ବୁଲିଯାଇଥିବା ସମୟରେ ଆପଣ କାଲି ଗୋଟିଏ ଦୁର୍ଘଟଣା ଦେଖିଲେ ଯେଉଁଥିରେ ଦୁଇଟି ବସ୍

ଟିପ୍ପଣୀ

ମୁହାଁମୁହିଁ ହୋଇଛନ୍ତି । ଦେଖିବାମାତ୍ରେ,ଆପଣଙ୍କ ଧାରଣାହେଲା ଏଥିରେ କିଛିଲୋକ ହତାହତ ହୋଇଥିବେ । କାର୍ଯ୍ୟ ବ୍ୟସ୍ତତାରେ ଥିବାରୁ ଆପଣ ସେଠାରୁ ଚାଲିଗଲେ ସେ ବିଷୟରେ ଭୁଲିଗଲେ । ଆଜି ସକାଳୁ ଦୁର୍ଘଟଣାର ବିଷୟ ଆପଣଙ୍କ ମନେପଡିଲା । ଆପଣଙ୍କ ଉତ୍ସାହ ବଢିଗଲା ସେଇ ଦୁର୍ଘଟଣା ବିଷୟ ଜାଣିବାପାଇଁ । ଆପଣ ଜାଣିବାକୁ ଚାହୁଁଥିଲେ ଏଥିରେ କେତେଜଣଙ୍କର ମୃତ୍ୟୁ ହୋଇଛି କେତେଜଣ ଆହତ ହୋଇଛନ୍ତି ।

ଏ ବିବରଣୀ ଆପଣ କେଉଁଠୁ ପାଇବେ ? ଏହା ନିଶ୍ଚିତ ଯେ କୌଣସି ଖବରକାଗଜର ପୃଷ୍ଠାରୁ । ସୁତରାଂ ଆପଣ ଖବର କାଗଜ ଦେଖିବେ ଏବଂ ଘଟିଥିବା ଦୁର୍ଘଟଣା ବିଷୟରେ ସବୁକିଛି ପଢିବେ ।




(ଚିତ୍ର : 5.1ରେଳ ଦୁର୍ଘଟଣାର ଖବର)

ରାମୁ ଓ ରବି ଗୋଟିଏ ସିନେମା ଦେଖିବାର ଯୋଜନାରେ ଥିଲେ । ଦୁଇ ଜଣଙ୍କୁ ନିଜର ପିତାମାତାଙ୍କଠାରୁ କିଛି ପକେଟ ଖର୍ଚ୍ଚ ଏବଂ ଦେଖିବାର ଅନୁମତି ମିଳିଗଲା । ରାମୁ ରବିକୁ ପଚାରିଲା ସହରରେ ଥିବା ସିନେମାହଲରେ କେଉଁ କେଉଁ ସିନେମା ପ୍ରଦର୍ଶିତ ହେଉଛି ତା'ର କିଛି ସୂଚନା ତାପାଖରେ ଅଛି । ରବିକୁ ମଧ୍ୟ ଏ ସଂପର୍କରେ କୌଣସି ସୂଚନା ନଥିଲା । ଏବେ ସେମାନେ ଖବରକାଗଜ ଦେଖିଲେ । ଖବରକାଗଜରେ ସେମାନଙ୍କୁ ସହରର ବିଭିନ୍ନ ସିନେମାଗୃହରେ ପ୍ରଦର୍ଶିତ ସିନେମା ସଂପର୍କରେ ବିବରଣୀ ମିଳିଗଲା ।

ଟିପ୍ପଣୀ

# CINEMA IN CITY



BLOOD IN THE ROSE GARDEN
ROYAL- 3PM, 7PM, 9PM



GRANDFATHER
SCREEN- 2PM, 6PM, 9PM



MY SISTER
PALLAVI-2PM, 7PM, 9PM

ROYAL : BLOOD IN THE ROSE GARDEN
3-00 PM, 7-00 PM, 9.00 PM

KING : THE MAN
3.00 PM, 7.00 PM

SCREEN : GRANDFATHER
2.00 PM, 6.00 PM, 9.00 PM

CORNATION : MY HORIZON
3.00 PM, 7.00 PM

MEGADHOODH : BRAVE MOTHER
2.00 PM, 8.00 PM

VISION : SHIP OF DISERT
3.00 PM, 7.00 PM

PALLAVI : MY SISTER
2.00 PM, 7.00PM, 9.00 PM

MASTER : HINDUSTHAN
[illegible]00PM, 6PM, 9PM


AKKAS : TARGET & RESCUE
[illegible]00PM, 7.00PM, 9.00PM

(ଚିତ୍ର : 5.2 ସିନେମା ଥିଏଟର ସୂଚୀ)

ଆପଣ ଖବରକାଗଜରେ ଏଭଳି ସ୍ତମ୍ଭ ଦେଖିଥିବେ । ଏଠାରେ "ମନୋରଂଜନ"ଶୀର୍ଷକ ଅନ୍ତର୍ଗତ ପ୍ରକାଶିତ ହୁଏ ।

ରାଜୁ ଭୋପାଳରେ ଅବସ୍ଥାନ କରେ । ସେ ନିଜର କକେଇଙ୍କ ପାଖକୁ ଦିଲ୍ଲୀ ଯିବାକୁ ଚାହୁଁଥିଲା । ସେ ସପ୍ତାହସାରା କାର୍ଯ୍ୟବ୍ୟସ୍ତରେ ରହୁଥିଲା ଏବଂ ଶେଷରେ ତାକୁ ବିରତି ମିଳୁଥିଲା । ଟିକେଟ୍ କିଣିବା ପୂର୍ବରୁ ସେ ରେଳଗାଡିର ସମୟ ନିର୍ଘଣ୍ଟ ଜାଣିବାକୁ ଚାହିଁଲା । ସେ ଦେଖୁଥିଲା ସ୍ଥାନୀୟ ଖବରକାଗଜରେ ଏ ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ସ୍ତମ୍ଭକୁ । ସୁତରାଂ ସେ ଖବରକାଗଜ ଦେଖିଲା ଏବଂ ସ୍ଥିରକଲା କେଉଁ ଟ୍ରେନ ପାଇଁ ଟିକେଟ୍ ଆରକ୍ଷଣ କରିବ ।

ଟିପ୍ପଣୀ




(ଚିତ୍ର : 5.3ରେଳ ସମୟସାରଣୀ)

ଆପଣ ମଧ୍ୟ ଖବରକାଗଜରେ ଏପରି ସ୍ତମ୍ଭ ଦେଖିଥିବେ । ଏଥିରେ ଏପରି ସୂଚନା ଛପାଯାଇଥାଏ । ସୁତରାଂ ଖବରକାଗଜ ଆପଣ ସୂଚନା ପାଇବାପାଇଁ ପାଠକରନ୍ତି ।


ଏଭଳି ଭାବରେ ଖବରକାଗଜ ଆମର ଦୈନନ୍ଦିନ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ଆମେ ଖବରକାଗଜ ପାଠକରୁ:-

- ସମାଚାରପାଇଁ
- ମନୋରଂଜନ ପାଇଁ
- ସୂଚନାପାଇଁ

## 5.2 ମୁଦ୍ରଣର ଇତିହାସ

ଆପଣ ତାଳପତ୍ର ଦେଖିଛନ୍ତି କି ? ଗୋଟିଏ ସମୟଥିଲା ଯେତେବେଳେ ଲୋକମାନେ ତାଳପତ୍ର ଉପରେ ଲେଖୁଥିଲେ । ଏହା କାଗଜ ସନ୍ଧାନର ପୂର୍ବରୁ ଥିଲା । ଆମର ରାଷ୍ଟ୍ରୀୟ ପାଣ୍ଡୁଲିପି ପୁସ୍ତକାଳୟ, ତାଳପତ୍ର ଉପରେ ଲିଖିତ କିଛି ପୁରୁଣା ପାଣ୍ଡୁଲିପିକୁ ଅତି ଯତ୍ନର ସହ ସଂରକ୍ଷିତ କରି ଦିଲ୍ଲୀଠାରେ ରଖିଛନ୍ତି ।



ଟିପ୍ପଣୀ



(ଚିତ୍ର : 5.4 ତାଳପତ୍ର ଉପରେ ପ୍ରାଚୀନ ପାଣ୍ଡୁଲିପି)

ଚୀନର ଅଧିବାସୀ ସର୍ବପ୍ରଥମେ ମୁଦ୍ରଣର କଳା ଆବିଷ୍କାର କରିଥିଲେ । ଅକ୍ଷରକୁ ଛାପିବାପାଇଁ କାଠର ବ୍ଲକ ଏମାନେ ତିଆରି କରିଥିଲେ । ତାଙ୍କ ବଂଶର ଶାସନ କାଳରେ ଏହା 600 ଖ୍ରୀ.ଅରେ ଆରମ୍ଭ ହୋଇଥିଲା । ସର୍ବପୁରାତନ ଗ୍ରନ୍ଥଭାବରେ ୬୪୮ ଖ୍ରୀଅରେ ବୌଦ୍ଧଧର୍ମଗ୍ରନ୍ଥ ଏପର୍ଯ୍ୟନ୍ତ ସଂରକ୍ଷିତ ଥିବା କାଠର ବ୍ଲକ୍ ଉପରେ ମୁଦ୍ରିତ ପ୍ରଥମ ଗ୍ରନ୍ଥ ଅଟେ । ଏହା ବର୍ତ୍ତମାନ ଜାପାନର ରାଜଧାନୀ ଟୋକିଓର ଏକ ଚାରୁଲିଖନ ସଂଗ୍ରହାଳୟରେ ପ୍ରଦର୍ଶିତ ହେଉଅଛି ।

ଚୀନରେ ସବୁଠାରୁ ପ୍ରଥମ ମୁଦ୍ରଣ ପୁସ୍ତକ ଏକ ବୌଦ୍ଧ ଲେଖନୀ ପୁସ୍ତକ "ହୀରକସୂତ୍ର"ଥିଲା ୪୬୪ ଖ୍ରୀଅରେ ଓ୍ୱାଙ୍ଗଚିକ୍ ଏହାକୁ ଲେଖିଥିଲେ । 1377 ରେ ବୌଦ୍ଧଗ୍ରନ୍ଥର କିଛି ମୁଦ୍ରଣ ପ୍ରତିମା ଚୀନର ଏକ ସଂଗ୍ରହାଳୟରେ ସଂରକ୍ଷିତ ହୋଇରହିଛି ।

କାଗଜବିନା ଦୁନିଆର ଆପଣ କେବେ କଳ୍ପନା କରିପାରୁଛନ୍ତି ? କାଗଜ ଆଜି ଆମ ଜୀବନର ଏକ ଅଭିନ୍ନ ଅଂଗ ହୋଇଯାଇଛି ।ସକାଳେ ଆମେ ଖବରକାଗଜ ପଢୁ, କାଗଜର ନୋଟ୍‌ବୁକ୍‌ରେ ଆମେ ଲେଖୁ, କାଗଜରେ ଆମେ ଚିଠି ଲେଖିପଠାଉ, ସର୍ବୋପରି କୌଣସି ଜିନିଷ ଆଣିବାପାଇଁ ଆମେ କାଗଜର ଥଳି ବ୍ୟବହାର କରିଥାଉ । ପୂର୍ବ ଅଧ୍ୟାୟରେ ଆପଣ ଶିକ୍ଷାପାଇଛନ୍ତି କାଗଜ କିପରି ସୃଷ୍ଟିହୋଇଛି । ଯଦିବି ମିଶର ଦେଶର ଜଣେବ୍ୟକ୍ତି 3500 ଖ୍ରୀ.ପୂ ରେ କାଗଜ ତିଆରି କରିଥିଲେ ତଥାପି 11 ଶତାବ୍ଦୀରେ ଏହା କେବଳ ୟୁରୋପ ପହଞ୍ଚି ପାରିଥିଲା । 1120 ରେ ୟୁରୋପର ସ୍ପେନ୍‌ରେ ପ୍ରଥମ କାଗଜ କାରଖାନା ସ୍ଥାପିତ ହୋଇଥିଲା ।


ବ୍ଲକ୍ ସାହାଯ୍ୟରେ ଛପାକାର୍ଯ୍ୟ 1300 ରେ ୟୁରୋପ ପହଞ୍ଚିଥିଲା । 1439 ରେ ଜର୍ମାନୀର ଜୋହାନ୍‌ସ



(ଚିତ୍ର : 5.5 1377 ର ବୌଦ୍ଧ ଲେଖନୀ)

ଗୁଟେନ୍‌ବର୍ଗ ମୋଟାମୋଟି ମୁଦ୍ରଣ କୌଶଳ ବିକଶିତ କରିଥିଲେ ଏହା ସମସ୍ତେ ମାନୁଛନ୍ତି । ଗୁଟେନ୍‌ବର୍ଗ ଛପାକାର୍ଯ୍ୟପାଇଁ ତୈଳ ଆଧାରିତ ଏକ କାଳୀର ଆବିଷ୍କାର କରିଥିଲେ । 1450 ରେ ସେ ବାଇବେଲ୍ ଛାପିଥିଲେ । 1282 ପୃଷ୍ଠାର ଲାଟିନ୍ ଭାଷାରେ ଏହାଥିଲା । ଏଥିରେ ସେ ସ୍ଥାନାନ୍ତରିତ ହେଇପାରୁଥିବା ଛପାବ୍ଲକର ବ୍ୟବହାର କରିଥିଲେ । 1556 ରେ ଭାରତରେ ମୁଦ୍ରଣ କୌଶଳ ଆସିଥିଲା । ଆମଦେଶରେ ଏହି କୌଶଳ ଜଣେ ଇହୁଦୀ ପାଦ୍ରୀଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା । ଭାରତରେ ଛପାଯାଇଥିବା ପ୍ରଥମ ପୁସ୍ତକ ପୁରୁଣା ଗୋଆର ପର୍ତ୍ତୁଗାଲୀଭାଷାରେ ହୋଇଥିଲା । ଏହା ସନ୍ଥ ଫ୍ରାନସିସ୍ ଜେବିୟରଙ୍କ ଦ୍ୱାରା ଲିଖିତ "ଡକ୍ଟ୍ରୀନା ଖ୍ରୀଷ୍ଟା" ଥିଲା । ମୁଦ୍ରଣର ଆବିଷ୍କାର ଗଣସଂଚାର କ୍ଷେତ୍ରରେ ଏକ କ୍ରାନ୍ତି ସୃଷ୍ଟି କରିଥିଲା । ବହୁସଂଖ୍ୟାରେ ପୁସ୍ତକ ରଚନା ହୋଇଛି ଏବଂ ଅନେକ ଦେଶକୁ ଏହା ବିତରଣ କରାଯାଇଛି । ମାନବୀୟ ଇତିହାସରେ ଏପରି ଯୁଗାନ୍ତକାରୀ ଆବିଷ୍କାର ଆଉ ଦ୍ୱିତୀୟନାହିଁ ।

ଟିପ୍ପଣୀ


Fol. 1

DOCTRINA Christiana. PRANVI clisà.

TOdo fiel Christiano
es muy obligado
a tener deuocion
de todo coraçon
con la Santa Cruz,
de Christo nuestro Señor,
pues en ella
quiso morir
por nos redimir
de nuestro pecado,
y del enemigo malo,

Mi papo Sebodu,
con la Santa Cruz,

en el nombre del Padre,
y del Hijo,
y del Espiritu Santo,

y del Espiritu Santo,

EL PADRE NVESTRO DAYGVE, MITO.

Padre nuestro,
que estas en los Cielos,
sea el tu nombre,
venga a nos
el tu Reyno,
como en el Cielo,
el pan nuestro
danoslo oy Señor,

Dargue, mito,

(ଚିତ୍ର : 5.6 ଡୋକ୍ଟ୍ରିନା କ୍ରିଷ୍ଟା)

## ପାଠ୍ୟଗତ ପ୍ରଶ୍ନ : 5.1

1-କୌଣସି ତିନୋଟି ରାଷ୍ଟ୍ରିୟ ଦୈନିକର ନାମ ଲେଖନ୍ତୁ

(i)

(ii)

(iii)

2- ମୁଦ୍ରଣ କଳାର ଆବିଷ୍କାର କିଏ କରିଥିଲେ ? ଛାପାପାଇଁ କେଉଁ ବସ୍ତୁର ପ୍ରୟୋଗ କରୁଥିଲେ ?

3- କେବେ ଏବଂ କେଉଁଠି ପ୍ରଥମ କାଗଜ କାରଖାନା ସ୍ଥାପିତ ହୋଇଥିଲା ?

### 5.3 ପ୍ରଥମ ଖବରକାଗଜ

ବିଶ୍ୱରେ ସର୍ବପ୍ରଥମ ପ୍ରକାଶିତ ଖବରକାଗଜ କିଏ ? କୌଣସି ଗୋଟିଏ ଖବରକାଗଜକୁ ପ୍ରଥମ କହିବା ବଡ କଠିନ କାମ । ମୌର୍ଯ୍ୟ ସାମ୍ରାଜ୍ୟ ସମୟରେ ରାଜା ଏକ ଘୋଷଣା ଭାବରେ ଲୋକମାନଙ୍କ ମଧ୍ୟରେ ସମ୍ବାଦ ପ୍ରସାରିତ କରୁଥିଲେ । ପ୍ରାଚୀନ ରୋମରେ ଏକ୍ଟା ଡାଇଅର୍ନା ବା ସରକାରୀ ଘୋଷଣାନାମାକୁ ନିୟମିତ ରୂପରେ ପ୍ରକାଶିତ କରାଯାଉଥିଲା । ଏହାକୁ ଧାତୁ ବା ପ୍ରସ୍ତର ଉପରେ ଲେଖା ଯାଉଥିଲା । ଏହାକୁ ସମାଚାର ପତ୍ରର ସର୍ବପ୍ରଥମ ପ୍ରାରମ୍ଭିକ ରୂପ ଭାବରେ କୁହାଯାଇ ପାରିବ । ଚିନ୍‌ରେ ମଧ୍ୟ "ଟିପାଓ" ନାମକ ଏକ ସମ୍ବାଦପତ୍ର ଫର୍ଦ୍ଦକୁ ସରକାରୀ ଭାବରେ ଲୋକମାନଙ୍କୁ

ଟିପ୍ପଣୀ

ଦିଆଯାଉଥିଲା । ଅନେକ ଗବେଷକ ଚିନ୍‌ରେ ପ୍ରକାଶିତ "ପେକିଙ୍ଗ ଗେଜେଟ୍ "କୁ ପ୍ରଥମ ଖବରକାଗଜ ମାନିଥାନ୍ତି । ଏହା 618 ରେ ପ୍ରାରମ୍ଭ ହୋଇଥିଲା । ପ୍ରାରମ୍ଭିକ ଦୌଡରେ ଏହି ଖବରକାଗଜ ହାତରେ ଲେଖାଯାଇ ପାଠକଙ୍କ ମଧ୍ୟରେ ବଣ୍ଟନ କରାଯାଉଥିଲା । ପରେ ଏହା ଛପାଯାଇ ପ୍ରସାରଣ କରାଗଲା । 20 ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ "ପେକିଙ୍ଗ୍ ଗେଜେଟ୍" ର ଛପା ଚାଲିଥିଲା ।

ଶାସକ ବର୍ଗଙ୍କ ଦ୍ୱାରା ପ୍ରକାଶିତ ନିଉଜ୍‌ଲେଟର ସମାଚାର ପତ୍ରର ପ୍ରଥମ ରୂପ ଥିଲା । ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀ ଏହି ନିଉଜ୍‌ଲେଟର ପ୍ରକାଶିତ କରାଇଥିଲେ । ସମ୍ବାଦପତ୍ରର ୱାର୍ଲଡ୍ ଆସୋସିଏସନ୍ ମୁତାବକ ଆଧୁନିକ ଅର୍ଥରେ ପ୍ରଥମଥର ଖବରକାଗଜ 1605 ରେ ଜୋହାନ୍ କାରଲୋସ୍ ପ୍ରକାଶିତ କରିଥିଲେ । ସମ୍ବାଦପତ୍ରର ନାମ ବହୁତ ବଡଥିଲା ଯେପରି "ରିଲେସନ ଏଲର ଫର୍ନେମେନ ଏଣ୍ଡ ଜେଡେକ୍ୱାଡିଗେନ ହିସ୍‌ଟୋରିଏନ୍" । 1609 ରେ ଜର୍ମାନୀରେ ଏକ ଅନ୍ୟ ଖବରକାଗଜ ପ୍ରାରମ୍ଭ ହୋଇଥିଲା ଯାହାର ନାମ "ଫାଇଲ୍ "ଥିଲା । ଆଧୁନିକ ବେଶପାଟୀରେ ଆଉ ଏକ ଖବରକାଗଜ "ଦ ଗେଜେଟ୍ ଭେନିସ୍"ରେ ପ୍ରକାଶିତ ହୋଇଥିଲା ।

କିନ୍ତୁ ଏଭଳି ଅନେକ ପ୍ରାରମ୍ଭିକ ଖବରକାଗଜ ଦୀର୍ଘସମୟ ପର୍ଯ୍ୟନ୍ତ ପ୍ରକାଶିତ ହୋଇପାରିନଥିଲା ଅର୍ଥାତ୍ ଏହା ତିଷ୍ଠି ପାରିନଥିଲା । ଏଥିମଧ୍ୟରୁ କିଛି ସମ୍ବାଦପତ୍ର ଶାସକ ଦଳଙ୍କ ଶାସନକୁ ସମାଲୋଚନା କରିବା ଆରମ୍ଭ କରିଦେଇଥିଲେ ଫଳତଃ ଶାସକଦଳ ଏମାନଙ୍କ ପ୍ରକାଶନରେ ଖୁସିନଥିଲେ । ଅନେକ ସମ୍ବାଦପତ୍ରକୁ ବନ୍ଦକରିବାପାଇଁ ବାଧ କରାଗଲା । ଯୁକ୍ତରାଷ୍ଟ୍ର ଆମେରିକାର ଏକ ଖବରକାଗଜ "ଦ ପବ୍ଲିକ୍" କିଛିଦିନ ପର୍ଯ୍ୟନ୍ତ ଛପାଯାଇଥିଲା । ଅକରେନ୍‌ସେସ୍ ସେହିଭଳି ଭାବରେ ଜେମ୍‌ସ ଏସରଙ୍କଦ୍ୱାରା ୟୁକେରେ ପ୍ରକାଶିତ "ଡେଲି ପେପର"ର ମଧ୍ୟ ଅବସ୍ଥା ସେଇ ଭଳି ହୋଇଥିଲା । ଏହାର ଠିକ୍ ପରେପରେ ସମ୍ବାଦପତ୍ରମାନେ ନିଜର ରୂପ ଏବଂ ବିଷୟବସ୍ତୁରେ ବହୁ ପରିବର୍ତ୍ତନ କରିଥିଲେ । 1622 ରେ ଇଂଲଣ୍ଡରେ "ଦି ଉକ୍ଲି ନ୍ୟୁଜ"ଆରମ୍ଭ ହୋଇଥିଲା । 1655 ରେ ଅକ୍ସଫୋର୍ଡରେ ଆଧୁନିକ ପରିବେଷ୍ଟନୀର ପ୍ରଥମ ଖବରକାଗଜ ଆରମ୍ଭ ହେଲା । ଏହା "ଅକସ୍‌ଫୋର୍ଡ ଗେଜେଟ୍"ଥିଲା । ଲଣ୍ଡନରୁ ପ୍ରକାଶିତ ପ୍ରଥମ ଖବରକାଗଜ "ଡେଲି କୋଅରାଂଟ"ଥିଲା । ଇ.ମାଲେଟ୍ ଏହାର ସଂପାଦକ ଥିଲେ । 1784 ରେ ଜନ୍ ୱାଲଟର୍ ଲଣ୍ଡନରେ "ଦ ଡେଲି ୟୁନିଭରସାଲ୍" ର ଶୁଭାରମ୍ଭ କରିଥିଲେ । ପରେ ଏହା ଏକ ନୂଆ ନାମରେ ନାମିତ ହୋଇଥିଲା । "ଦ ଟାଇମ୍‌ସ"ଭାବରେ । ଏହା ଆଜି ପୃଥିବୀର ସବୁଠାରୁ ବଡ ଖବରକାଗଜ ଅଟେ । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ଖବରକାଗଜ "ପବ୍ଲିକ୍ ଅକ୍‌ରାନ୍‌ସେସ୍" 1690 ରେ ଆରମ୍ଭ ହୋଇଥିଲା ।



ଟିପ୍‌ପଣୀ

1704 ରେ ପୋଷ୍ଟମାଷ୍ଟର ଜନ୍ କ୍ୟାମବେଲ "ଦି ବୋଷ୍ଟନ ନିଉଜ୍ ଲେଟର"କାଗଜର ଆରମ୍ଭ କରିଥିଲେ । 1783 ରେ ଆମେରିକାରେ "ପେନ୍‌ସିଲ୍‌ଭାନିଆ ଇଭିନିଙ୍ଗ୍ ପୋଷ୍ଟ"ର ଆରମ୍ଭ ହୋଇଥିଲା ଯେଉଁଥିରେ ଆଧୁନିକ ସମ୍ବାଦପତ୍ରର ସମସ୍ତ ଲକ୍ଷଣ ତଥା ବିଷୟ ସମ୍ମିଳୀତ ଥିଲା । କାଳକ୍ରମେ 1851 ରେ "ନିଉୟର୍କ ଟାଇମ୍ସ"ର ଆରମ୍ଭ ହୋଇଥିଲା ।

କ'ଣ ଆପଣ ଜାଣିଛନ୍ତି ବିଶ୍ୱରେ ସବୁଠାରୁ ଅଧିକ ପ୍ରସାରିତ ସମ୍ବାଦପତ୍ର କିଏ ଅଟେ ? ଏହା କେଉଁ ଦେଶରେ ପ୍ରକାଶିତ ହେଉଛି ? ସର୍ବାଧିକ ପ୍ରସାରିତ ହେଉଥିବା ଖବରକାଗଜର ନାମ "ୟୋମି ୟୁରି ସିସ୍‌ବୁନ୍" । ଯାହା ଜାପାନରେ ପ୍ରକାଶିତ ହେଉଛି । ଏହାର ପ୍ରସାରଣ ସଂଖ୍ୟା ପ୍ରତିଦିନ 1,45,57.000 ଅଟେ । ଦୁନିଆର ଦ୍ୱିତୀୟ ତଥା ତୃତୀୟ ସର୍ବାଧିକ ପ୍ରସାର ସଂଖ୍ୟା ଥିବା ଖବରକାଗଜ ମଧ୍ୟ ଜାପାନରେ ହିଁ ପ୍ରକାଶିତ ହେଉଛି ।

## କାର୍ଯ୍ୟକଳାପ : 5.1

ବିଶ୍ୱର ଦ୍ୱିତୀୟ ତଥା ତୃତୀୟ ସର୍ବାଧିକ ପ୍ରସାର ଖବରକାଗଜ ନାମକୁ ଖୋଜନ୍ତୁ । ଏହା ମଧ୍ୟ ଦେଖନ୍ତୁ ଏହା କେତେ ପରିମାଣରେ ପ୍ରତିଦିନ ପ୍ରସାରଣ ହୋଇଥାଏ ।

## 5.4 ଭାରତରେ ସମାଚାର ପତ୍ରର ମୁଦ୍ରଣ

ଆପଣ କୋଲକାତା ସହରର ପୁରୁଣାନାମ ଜାଣିଛନ୍ତି କି ? ଏହା କାଲକାଟା ଥିଲା । ଆପଣ ଜାଣିଛନ୍ତି କି କେବେ କାଲକାଟା ଭାରତର ରାଜଧାନୀ ଥିଲା । ଏହା 1774 ରୁ 1922 ପର୍ଯ୍ୟନ୍ତ ଭାରତର ରାଜଧାନୀ ଥିଲା । ଭାରତର ଇତିହାସରେ ଅନ୍ୟାନ୍ୟ କେତେକ କ୍ଷେତ୍ରରେ ପ୍ରଥମ ସ୍ଥାନର ଶ୍ରେୟ କାଲକାଟାକୁ ମିଳିଥାଏ । ପ୍ରଥମ ରେଳ କମ୍ପାନୀ ଏଠାରେ ଆରମ୍ଭ ହୋଇଛି । ଏଇ ସହରରେ ଭାରତର ପ୍ରଥମ ଭୂତଳ(ମେଟ୍ରୋ)ରେଳ ଚାଲିଛି । ପ୍ରଥମ ଡାକ ବା ତାର କାର୍ଯ୍ୟାଳୟ ତଥା ପ୍ରଥମ ପଶ୍ଚିମ ଶୈଳୀର ବ୍ୟାଙ୍କ ଏଠାରେ ହିଁ ଖୋଲିଛି । ଏହି ସହରାରେ ସବୁଠାରୁ ପ୍ରଥମ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍ କୋର୍ଟର କାର୍ଯ୍ୟ ଆରମ୍ଭ ହୋଇଛି । ଆପଣମାନେ ସମସ୍ତେ ନୋବେଲ ପୁରସ୍କାର ସଂବନ୍ଧରେ ଶୁଣିଥିବେ । କାଲକାଟା ସହର ଭାରତ ଦେଶକୁ 5 ଟି ନୋବେଲ ପୁରସ୍କାର ବିଜେତା ଯଥା ରବିନ୍ଦ୍ରନାଥ ଟାଗୋର, ସାର୍ ସି.ଭି ରମଣ, ମଦର ଟେରେସା, ରୋନାଲଡ୍ ରୋଜ ତଥା ଅମର୍ତ୍ତ୍ୟ ସେନ୍ ପ୍ରଦାନ କରିଛି ।

ଆପଣଙ୍କୁ ଏହା ଜାଣିକରି ଆଶ୍ଚର୍ଯ୍ୟ ଲାଗିବ କଲିକତା ଆଉ ଗୋଟିଏ କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ଅଛି । ଏହା କଲିକତା ହିଁ ଥିଲା ଯେଉଁଠାରୁ ଭାରତର ପ୍ରଥମ ସମାଚାରପତ୍ର ପ୍ରକାଶତ ହୋଇଥିଲା ।



ଟିପ୍ପଣୀ




ଜଣେ ଇଂରେଜ ଆମ ଦେଶରେ ପ୍ରଥମ ଖବରକାଗଜ ଆରମ୍ଭ କରିଥିଲେ । 29 ଜାନୁୟାରୀ 1780 ରେ ଜେମ୍ସ୍ ଅଗଷ୍ଟସ୍ ହିକି "ବଙ୍ଗାଳ ଗେଜେଟ୍"ର ଆରମ୍ଭ କରିଥିଲେ । ଏହାର ଅନ୍ୟନାମ ଥିଲା "କାଲକାଟା ଆଡଭଟାଇଜର୍" ଏହାକୁ ଲୋକେ "ହିକୀଙ୍କ ଗେଜେଟ୍"ଭାବରେ ଜାଣିଥିଲେ । ଏହାର ପ୍ରଥମ ସଂସ୍କରଣ 2 ପୃଷ୍ଠାର ଥିଲା ପରେ ଏହା ବୃଦ୍ଧିପାଇ 4 ପୃଷ୍ଠାହେଲା । ଏହାର ଆକାର 35 c.mx 24c.m ର ଥିଲା ।

ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ସମାଜରେ ପ୍ରେସର ସ୍ୱାଧୀନତାକୁ ଉଚିତ୍ ଭାବୁନଥିଲେ । ସେମାନେ ସମ୍ବାଦ ପତ୍ରର ପ୍ରକାଶନକୁ ବନ୍ଦକରିବାର ଚେଷ୍ଟାକଲେ । ହିକୀ ଜଣେ କଠୋର ସଂପାଦକ ଥିଲେ । ସେ ବ୍ରିଟିଶ ଅଧିକାରୀଙ୍କ ସହିତ ଆଲୋଚନା ଆରମ୍ଭ କଲେ । ସେ ଇଷ୍ଟଇଣ୍ଡିଆ କମ୍ପାନୀର ଅଧିକାରୀଙ୍କ ଉପରେ ଆକ୍ରମଣାତ୍ମକ ଲେଖାପ୍ରକାଶ କଲେ । ବ୍ରିଟିଶ ଅଧିକାରୀ ହିକିଙ୍କୁ ବହୁବାର ଗିରଫକଲେ । ଶେଷରେ 1782 ରେ ସେମାନେ ତାଙ୍କର ବହୁପତ୍ର ତଥା ପ୍ରେସ୍ ବନ୍ଦ କରିଦେଲେ ଏବଂ ଏହାର ପ୍ରକାଶନ ମଧ୍ୟ ବନ୍ଦ କରିଦେଲେ । ହିକିଙ୍କୁ ଦେଶଛାଡି ଚାଲିଯିବାପାଇଁ କୁହାଗଲା । ତାଙ୍କୁ ପୁନର୍ବାର ଇଂଲଣ୍ଡ ପଠାଇଦିଆଗଲା । କଲିକତାର ରାଷ୍ଟ୍ରିୟ ସଂଗ୍ରହାଳୟ ତଥା ଲଣ୍ଡନର ବ୍ରିଟିଶ ମ୍ୟୁଜିୟମ୍‌ରେ ଆଜି ମଧ୍ୟ "ବଙ୍ଗାଲ ଗେଜେଟ" ର ପ୍ରତିଛବି ସୁରକ୍ଷିତ ଅଛି ।

*ସମ୍ବାଦପତ୍ରର ଜବତହେବା କାର୍ଯ୍ୟ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଏକ ବିରଳ ଦଣ୍ଡାଦେଶ ଅଟେ । ଏହି କାର୍ଯ୍ୟାନୁଷ୍ଠାନ ସେହି ସମୟରେ କରାଯାଏ ଯେତେବେଳେ କୌଣସି ସମ୍ବାଦପତ୍ର ତଥା ଏଥିରେ ପ୍ରକାଶିତ ଲେଖା ଅଧିକ ଆପତ୍ତିଜନକ ଜଣାପଡେ । ଜବତର ମାଧ୍ୟମରେ ସରକାରଙ୍କ ଦ୍ୱାରା ସେହି ପ୍ରେସ୍ ତଥା ପ୍ରକାଶନର ଅନ୍ୟାନ୍ୟ ସାମଗ୍ରୀ ତଥା ସରଞ୍ଜାମ ଟ୍ରେଜେରୀରେ ଜମାକରି ଦିଆଯାଏ । ଏହାପରେ ପତ୍ରର କାର୍ଯ୍ୟାଳୟକୁ ମୋହରବନ୍ଦ ସିଲ୍ କରି ସେହି ପ୍ରକାଶନକୁ ବନ୍ଦ କରିଦିଆଯାଏ ।*

ଏହିପ୍ରକାର ଭାରତର ସମ୍ବାଦପତ୍ର ପ୍ରକାଶନ ଇତିହାସରେ କଲିକତା ଏକ ବିରଳ ସ୍ଥାନ ଗ୍ରହଣ କରିଥିବା ଆମେ ଦେଖିଲୁ । କିନ୍ତୁ ଏହାଠାରୁ ଆହୁରି ଅଧିକ ଉତ୍ସାହିତ ସୂଚନା ଏହି ଯେ ଦେଶର ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ଖବରକାଗଜ ମଧ୍ୟ କଲିକତା ସହରରୁ ଆରମ୍ଭ ହୋଇଥିଲା । 1780 ରେ ହିକିଙ୍କ ପଦାଙ୍କ ଅନୁସରଣକରି କଲିକତାରେ ଦ୍ୱିତୀୟ ଖବରକାଗଜ "ଦି ଇଣ୍ଡିଆନ୍ ଗେଜେଟ୍"ପ୍ରକାଶିତ ହେଲା । ଏହାପରେ 1784 ରେ କେଲକଟା ଗେଜେଟ୍, 1784 ରେ ବେଙ୍ଗଲ ଜର୍ନାଲ ଆରମ୍ଭ ହେଲା ଯାହାକି କଲିକତାରୁ ବାହାରୁଥିବା ତୃତୀୟ ତଥା ଚତୁର୍ଥ ଖବର କାଗଜ ଅଟେ ।

ଟିପ୍ପଣୀ




(ଚିତ୍ର : 5.7 )

ଏହି ସମସ୍ତ ପ୍ରାରମ୍ଭିକ ପତ୍ର ଇଂରାଜୀ ଭାଷାରେ ପ୍ରକାଶିତ ହୋଇଥିଲା । ଧିରେ ଧିରେ ଦେଶର ଅନ୍ୟାନ୍ୟ ଭାଗରେ ମଧ୍ୟ ସମାଚାର ପତ୍ରର ପ୍ରକାଶନ ଆରମ୍ଭ ହେଲା । ମାଡ୍ରାସ୍‌ରୁ "ମଦ୍ରାସ କେରିଅର"(୧୭୮୫) ତଥା ମଦ୍ରାସ ଗେଜେଟ୍(୧୭୯୫)ଆରମ୍ଭ ହେଲା । ମୁମ୍ବାଇରୁ ମୁମ୍ବାଇ ହେରଡ(୧୭୮୫) ବାହାରିଲା । ଭାରତରେ ଇଂରେଜମାନଙ୍କ ଦ୍ୱାରା ଲଦି ଦିଆଯାଇଥିବା ପ୍ରେସ୍ ରେଗୁଲେସନ୍ ଏବଂ ସେନ୍‌ସରସିପ୍ ଆଉ ଅଧିକ ସମ୍ବାଦପତ୍ରର ପ୍ରକାଶନରେ ବାଧା ସୃଷ୍ଟିକଲା । କାଳକ୍ରମେ ଯେତେବେଳେ ଲଡ୍ ହେଷ୍ଟିଙ୍ଗସ୍ ୧୮୧୮ରେ ଏହି କଠୋର ସେନ୍‌ସରସିପ୍‌କୁ ହଟାଇ ଏକ ସରଳ ନିତିର ଉପସ୍ଥାପନା କଲେ ସେତେବେଳେ ପୁନର୍ବାର ଅନେକ ଭାରତୀୟ ଭାଷାର ପତ୍ର ସହିତ ନୂଆ ନୂଆ ଖବର କାଗଜ ନିଜର ଅସ୍ତିତ୍ୱକୁ ଫେରିପାଇଲେ । ପ୍ରେସର ସ୍ୱତନ୍ତ୍ରତାପାଇଁ ସଂଘର୍ଷ କରିବାପାଇଁ ବିଖ୍ୟାତ ରାଜା ରାମ ମୋହନ ରାୟ ନିଜେ ଏକ ପାର୍ଶି ଭାଷାର ପତ୍ର ମିରାତ୍ -ଉଲ୍- ଅଖବାରର ସମ୍ପାଦନ କଲେ ।

ଭାରତରେ ପ୍ରଥମ ଭାଷାଗତ ଖବରକାଗଜ କନ୍ନଡ ଭାଷାରେ ବାହାରିଥିଲା । ଯାହାର ନାମ "କନ୍ନଡ ସାମଚାର ଥିଲା" । ଏହାର ପ୍ରକାଶକ ଭାରତୀୟ ନୁହେଁ କିନ୍ତୁ ଜଣେ ବିଦେଶୀ ଧର୍ମ ପ୍ରଚାରକ ଥିଲେ । ଜଣେ ଭାରତୀୟଙ୍କ ଦ୍ୱାରା ପ୍ରକାଶିତ ପ୍ରଥମ ଭାଷାର ସମାଚାର ପତ୍ରମଧ୍ୟ କଲିକତାରେ ୧୮୧୬ରେ ଆରମ୍ଭ ହୋଇଥିଲା ଏହା ଗଙ୍ଗାଧର ଭଟ୍ଟାଚାର୍ଯ୍ୟଙ୍କର 'ଦ ବେଙ୍ଗଲ ଗେଜେଟ' ଥିଲା ।




(ଚିତ୍ର : 5.4 ମୁମ୍ବାଇ ସମାଚାର)

ମୁମ୍ବାଇରୁ ଆଜିବି ପ୍ରକାଶିତ ଗୁଜୁରାତି ଦୈନିକ ମୁମ୍ବାଇ ସମାଚାର କେବଳ ଭାରତରେ ନୁହେଁ ଏସିଆର ସବୁଠାରୁ ପୁରୁଣା ଖବରକାଗଜ ଅଟେ । ଏହାର ସ୍ଥାପନା ୧୮୨୨ରେ କରାଯାଇଥିଲା ।

**କାର୍ଯ୍ୟକଳାପ : 5.2**

ନିଜ ରାଜ୍ୟର ପାଞ୍ଚଟି ପ୍ରାରମ୍ଭିକ ସମାଚାର ପତ୍ରର ନାମ, ପ୍ରକାଶନ ଆରମ୍ଭ ହୋଇଥିବା ବର୍ଷର ସହିତ ଏକତ୍ର କରନ୍ତୁ ।



ଟିପ୍ପଣୀ

## ପାଠଗତ ପ୍ରଶ୍ନ : 5.2

1- ସଂଯୁକ୍ତ ରାଷ୍ଟ୍ର ଆମେରିକା ତଥା ୟୁକ୍ରେନ୍‌ର ପ୍ରାରମ୍ଭିକ ଖବର କାଗଜ କିଏ ଥିଲା ?

2- ଭାରତୀୟ ସମ୍ବାଦ ପତ୍ରର ଇତିହାସରେ କୋଲକତା ସହରର ମହତ୍ୱ କ'ଣ ଅଟେ ?

3- ବେଙ୍ଗଲ୍ ଗଜଟ୍ କେବେ ଆରମ୍ଭ ହୋଇଥିଲା ? ଏହାକୁ ଅନ୍ୟ କେଉଁ ନାମରେ ଜଣାଯାଉଥିଲା ?

## 5.5 ସାଂସ୍କୃତିକ ପୁର୍ନଜାଗରଣ ଏବଂ ସ୍ୱାଧୀନତା ଆନ୍ଦୋଳନ

୧୯ଶତାବ୍ଦୀର ଅନେକ ସମାଜ ସଂସ୍କାରକ ସକ୍ରିୟ ରୂପରେ ଭାରତୀୟ ସମାଜରେ ମୂଳତ୍ୱ ପରିବର୍ତ୍ତନ ଆଣିବାପାଇଁ ଅଭିଯାନ ଆରମ୍ଭ କରିଥିଲେ । ହିନ୍ଦୁତ୍ୱରେ ପରିବର୍ତ୍ତନ, ସତୀପ୍ରଥା ବିଲୋପ ପାଇଁ ଉଠାଯାଇଥିବା ପଦକ୍ଷେପ ତଥା ବିଧବା ପୁର୍ନବିବାହ ପାଇଁ ପ୍ରୋତ୍ସାହନ ଦେବାର ଚେଷ୍ଟା ଏ ମଧ୍ୟରୁ କିଛି ପ୍ରମୁଖ ସଂସ୍କାର ଥିଲା । ଏହି ନେତାମାନଙ୍କ ଦ୍ୱାରା ପ୍ରେରିତ ହୋଇ ଦେଶର ଅନେକ ଭାଗରେ ଅନେକ ଗୁଡିଏ ସମାଚାର ପତ୍ର ଆରମ୍ଭ ହୋଇଥିଲା । ଏହିସବୁ କାରଣରୁ ଭାରତରେ ସମାଚାର ପତ୍ରର ବ୍ୟବସାୟ ବହୁ ଉର୍ଦ୍ଧ୍ୱକୁ ଉଠିଥିଲା ।

ଏହି ସମୟରେ ଇଂରାଜୀର ମଧ୍ୟ କିଛି ଅଗ୍ରଣୀ ସମାଚାର ପତ୍ର ଆରମ୍ଭ ହୋଇଥିଲା । ଦ ଟାଇମ୍‌ସ ଅଫ୍ ଇଣ୍ଡିଆ (୧୮୬୧)ଇଂରେଜୀ ଶାସନର ସମର୍ଥନରେ ଆରମ୍ଭ ହୋଇଥିଲା । ଆପଣମାନଙ୍କ ମଧ୍ୟରୁ ଅନେକ ଲୋକ "ଜଙ୍ଗଲ ବୁକ୍" ବିଷୟରେ ଶୁଣିଥିବେ । ଜଙ୍ଗଲ ବୁକ୍‌ର ଲେଖକ ରୁଡ୍ ୟାଡ୍ କିପଲିଙ୍ଗ୍ ଏହ୍ଲାବାଦରୁ ୧୮୬୬ରେ 'ଦ ପାୟୋନିୟର' ଖବର କାଗଜ ଆରମ୍ଭ କରିଥିଲେ । ଏହି ସମୟରେ 'ଦ ଅମୃତ ବଜାର'ପତ୍ରିକା (୧୮୬୮) 'ଦି ଷ୍ଟେଟସ୍‌ମ୍ୟାନ୍'(୧୮୭୫), 'ଦ ହିନ୍ଦୁ'(୧୮୮୭) 'ଦ ଟ୍ରିବ୍ୟୁନ୍'(୧୮୮୦)ମଧ୍ୟ ଆରମ୍ଭ ହୋଇଥିଲା । ପରେ ୧୯୨୩ରେ 'ଦ ହିନ୍ଦୁସ୍ଥାନ ଟାଇମସ୍' ଆରମ୍ଭ କରାଗଲା । ମଲେୟାର ମନୋରମା(୧୮୮୮) ଭଳି କ୍ଷତ୍ରିୟ ଭାଷାରେ ପ୍ରକାଶିତ କିଛି ସମ୍ବାଦପତ୍ର ଏହି ସମୟ ମଧ୍ୟରେ ଆରମ୍ଭ ହୋଇଥିଲା । ଯାହାକି ଆଜି ପର୍ଯ୍ୟନ୍ତ ଅଗ୍ରଣୀ ମାନ୍ୟତା ପାଇ ଆସୁଅଛି ।

ଯେତେବେଳେ ମହାତ୍ମାଗାନ୍ଧୀ ଭାରତ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ଏହି ସ୍ୱତନ୍ତ୍ରତା ଆନ୍ଦୋଳନକୁ ଏକ ନୂଆ ଆବେଗତା ପ୍ରଦାନକଲେ । ସେ ମଧ୍ୟ ଜଣେ ମହାନ୍ ସମ୍ପାଦକ ଥିଲେ । ୧୯୧୮ରେ ହୋମରୁଲ ପାର୍ଟିଦ୍ୱାରା ପ୍ରାରମ୍ଭ ହୋଇଥିବା ସାପ୍ତାହିକ ୟଙ୍ଗ ଇଣ୍ଡିଆର ନିୟନ୍ତ୍ରଣ ସେ ନିଜର ହାତମୁଠାକୁ ଆଣିଥିଲେ । ଗାନ୍ଧିଜୀ 'ନବ ଜୀବନ' ନାମକ ଅନ୍ୟ ଏକ ଗୁଜୁରାତି ସାପ୍ତାହିକ ଆରମ୍ଭ କଲେ । ପରେ ସେ ମହାଦେବ ଦେଶାଇଙ୍କ ସମ୍ପାଦନାରେ 'ହରିଜନ'ଆରମ୍ଭ କଲେ । ଗାନ୍ଧିଜୀ ନିଜର ସମାଚାର ପତ୍ରରେ କୌଣସି ବିଜ୍ଞାପନ ପ୍ରକାଶିତ ନକରିବାପାଇଁ ସବୁବେଳେ ଜୋର ଦେଉଥିଲେ । ତଥାପି ତାଙ୍କର ସବୁ ପ୍ରକାଶନର ପ୍ରସାର ସଂଖ୍ୟା ପାଠକଙ୍କ ମଧ୍ୟରେ ବିସ୍ତୃତ ଲାଭ କରିଥିଲା ।


ଆପଣ ଅନୁମାନ କରିପାରୁଛନ୍ତି ଭାରତରେ କେତେଜଣ ସମ୍ବାଦପତ୍ର 100 ବର୍ଷ ଅତିକ୍ରମ କରିସାରିଛନ୍ତି




(ଚିତ୍ର : 5.9




ଚିତ୍ର : 5.10




**ଚିତ୍ର : 5.11 ନବଜୀବନ**

ଏବଂ ଆଜି ମଧ୍ୟ ପ୍ରକାଶନ କରୁଛନ୍ତି ? ଦେଶରେ ଏପରି 41ଟି ସମାଚାର ପତ୍ର ଅଛନ୍ତି ଯେଉଁମାନେ ଶତାବ୍ଦୀ ସମାଚାର ପତ୍ରରେ ନାମିତ ହେଉଛନ୍ତି । ଇଂରାଜୀ ସମ୍ବାଦପତ୍ରର ସମୁଦାୟ ୪ଟି ଖବରକାଗଜ ଏହି ରେଖା ପାର କରିଛନ୍ତି । ସେମାନେ ହେଲେ "ଦ ଟାଇମ୍ସ ଅଫ୍ ଇଣ୍ଡିଆ", "ଦ ହିନ୍ଦୁ", "ଦ ଟ୍ରିବ୍ୟୁନ" ଏବଂ ଦ ଷ୍ଟେଟସ୍‌ମେନ୍ । ଭାଷାୟି ସମ୍ବାଦପତ୍ର ମାନଙ୍କ ମଧ୍ୟରେ ମୁମ୍ବାଇ ସମାଚାର, ମଲୟାଲା ମନୋରମା ଏବଂ ଦିପିକା ଶତାବ୍ଦୀ ସମ୍ବାଦପତ୍ର ଅଟନ୍ତି । ଅଧ୍ୟାୟ ପରେ ଆପଣ ଭାଷାୟି ସମ୍ବାଦପତ୍ର ବିଷୟରେ ବିସ୍ତୃତଭାବରେ ଅଧ୍ୟୟନ କରିବେ ।

## 5.6 ଆଧୁନିକ କୌଶଳର ଆଗମନ

ଆପଣ କେବେ ଚିନ୍ତାକରିଛନ୍ତି ସମ୍ବାଦପତ୍ରର ପୃଷ୍ଠା କିପରି ଛପାଯାଏ ? କାଠ ବ୍ଲକ୍ ଦ୍ୱାରା ଛପାଦିନଠାରୁ ଆଜିପର୍ଯ୍ୟନ୍ତ ସମାଚାର ପତ୍ର ଏକ ଲମ୍ବା ଯାତ୍ରା ଅତିକ୍ରମ କରିସାରିଲାଣି । କଳାକୌଶଳର କ୍ରାନ୍ତି ମୁଦ୍ରିତ ମାଧ୍ୟମରେ କ୍ରାନ୍ତି ଆଣିପାରିଛି । ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାର ଅକ୍ଷରକୁ ସଜାଇବା କାର୍ଯ୍ୟ ହାତରେ ହୋଇଆସୁଥିଲା । କାଳକ୍ରମେ ଏହାର ଭାର 'ମୋନୋଟାଇପ୍ 'ବା 'ଲିନୋଟାଇପ୍' ହାତକୁ ଚାଲିଗଲା । ଏହି ପ୍ରକ୍ରିୟାରେ ଗୋଟିଏ କିବୋର୍ଡ ଦ୍ୱାରା ପରିଚାଳିତ ଯନ୍ତ୍ରର ସହାୟତାରେ ଅକ୍ଷରମାନଙ୍କୁ ସଜା

ଯାଉଥିଲା । ଆଜି ଏହି ଯନ୍ତ୍ର ମଧ୍ୟ ଅପ୍ରଚଳିତ ହୋଇଗଲାଣି । ଏହାର ସ୍ଥାନ କମ୍ପ୍ୟୁଟର ଟାଇପ୍ ସେଟିଙ୍ଗ୍, ଅଫ୍‌ସେଟ୍ ମୁଦ୍ରଣ ନେଇଯାଇଛି । ଡେସ୍କଟପ୍ ପବ୍ଲିସିଙ୍ଗ୍(ଡିଟିପି) ଆଜି ଏକ ଅତି ସାଧାରଣ ମୁଦ୍ରଣ ପ୍ରକ୍ରିୟା ହୋଇଯାଇଛି ।

ପ୍ରାରମ୍ଭିକ ଦିନ ମାନଙ୍କରେ ସମାଚାର ପତ୍ର ଧଳା-କଳାରେ ଛପାଯାଉଥିଲା । ସେହି ସମୟରେ

**LINOTYPE**

ABCDEabcde12345$€@&ABCDEabcde12345$€@&ABCDEabcde12345$€

**MONOTYPE**

ABCDEabcde12345$€@&ABCDEabcde12345$€@&ABCDEabcde12345$€@&A

**Fig 5.12: Monotype, Linotype**

ରଂଗୀନ ଛପା ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଆଜିକାଲି ସମସ୍ତ ସମ୍ବାଦପତ୍ର ରଂଗୀନ ପୃଷ୍ଠା ଛାପୁଛନ୍ତି । କିଛି ସମାଚାରପତ୍ର କେବଳ ପରିଶିଷ୍ଟ ତଥା ବିଶେଷ ପୃଷ୍ଠାକୁ ରଂଗୀନ ଭାବରେ ଛାପୁଛନ୍ତି । ରଂଗୀନ ମୁଦ୍ରଣର ପ୍ରଭାବରେ ପୃଷ୍ଠାମାନଙ୍କରେ ଅଧିକ ଆକର୍ଷଣ ତଥା ଝଲକ ଆସିଯାଇଛି ।

## ପାଠଗତ ପ୍ରଶ୍ନ : 5.3

1- 19 ଶତାବ୍ଦୀର ଶେଷ ଭାଗରେ ଭାରତରେ ଆରମ୍ଭ ହୋଇଥିବା ତିନୋଟି ଇଂରାଜୀ ସମ୍ବାଦପତ୍ରର ନାମ ଉଲ୍ଲେଖ କରନ୍ତୁ ?

2- ଭାରତର ସର୍ବାଧିକ ପୁରୁଣା ସମ୍ବାଦପତ୍ର କିଏ ଯାହା ଆଜିମଧ୍ୟ ପ୍ରକାଶିତ ହେଉଅଛି ?

3- ଗାନ୍ଧିଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଦୁଇଟି ପ୍ରକାଶନିର ନାମ ଉଲ୍ଲେଖ କରନ୍ତୁ ।

## 5.7 ସମ୍ବାଦପତ୍ରର ଆୟତନ:-

ଆପଣ ଦେଖିଥିବେ ସବୁ ସମ୍ବାଦପତ୍ରର ଆୟତନ ସମାନ ନୁହେଁ, ସେଥିମଧ୍ୟରୁ କିଛି ବଡ, କିଛି ଛୋଟ ତଥା କିଛି ବହୁତ ଛୋଟ ଅଟେ । ଆୟତନର ପରିଧି ହିସାବରେ ସମ୍ବାଦପତ୍ରକୁ ୩ଟି ଶ୍ରେଣୀରେ ବିଭାଜିତ ବା ଶ୍ରେଣୀଭୁକ୍ତ କରାଯାଇଛି: ସେଗୁଡିକ ବ୍ରଡ୍‌ସିଟ୍, ଟାବଲ୍‌ଏଡ୍ ତଥା ବର୍ଲିନ୍‌ର ବା ମିଡିଜ୍ ଅଟେ । ସକାଳର ସମ୍ବାଦପତ୍ର ସାଧାରଣ ଭାବରେ ବ୍ରଡସିଟ୍ ଅଟେ । ଏହା ଆୟତନରେ ବଡ ଅଟେ । ଭାରତରେ ସମସ୍ତ ପ୍ରମୁଖ ସମ୍ବାଦପତ୍ର ବ୍ରଡ୍‌ସିଟ୍ ଅଟେ । ଉଦାହରଣ ସ୍ୱରୂପ 'ଦ ଟାଇମ୍‌ସ ଅଫ୍ ଇଣ୍ଡିଆ' ତଥା 'ଦ ହିନ୍ଦୁସ୍ଥାନ ଟାଇମ୍‌ସ' । ଟେବ୍‌ଲୟଡ୍ ସମାଚାର ପତ୍ର ବ୍ରଡ୍‌ସିଟ୍‌ର ଅଧା ଆୟତନର ହୋଇଥାଏ । ଭାରତରେ ଅଧିକାଂଶ ସାନ୍ଧ୍ୟକାଳୀନ ସମାଚାରପତ୍ର ଟାବୁଲ୍‌ୟଡ୍ ଅଟେ । ଉଦାହରଣ ମିଡ୍ ଡେ ତଥା "ମେଟ୍ରୋନାଁଓ," ବର୍ତ୍ତମାନ କିଛି ନୂଆ ସକାଳର ଖବର କାଗଜ ଟାବ୍‌ଲୟଡ୍ ଆକାରରେ ପ୍ରକାଶିତ ହେଉଅଛି ।


ବର୍ଲିନ୍‌ର ବାମିଡି ବହୁ ଛୋଟ ଆୟତନର ସମାଚାରପତ୍ର ଅଟେ । କିଛି ୟୁରୋପୀୟ ଖବରକାଗଜ ଯେପରି "ଲାମୋଣ୍ଡେ" ତଥା ଲାଷ୍ଟାମ୍ପା ଏହ ମିଡିର ଅନ୍ତର୍ଗତ ଅଟେ । "ମିଟ୍"




ଚିତ୍ର : 5.13 ବ୍ରଡ୍‌ସିଟ୍

ଭାରତରେ ପ୍ରକାଶିତ ଏକ ବର୍ଲିନ୍‌ର ନାମରେ ନାମିତ ସମାଚାରପତ୍ର ଅଟେ । ଭାରତରେ ଏହି ପଦ୍ଧତିରେ ଅନେକ ପତ୍ରପତ୍ରିକା ଛପାଯାଉଅଛି ।

ଏବେ ଆପଣ କହିପାରିବେ କି ଆପଣ ଯେଉଁ ସମ୍ବାଦପତ୍ର ପଢୁଛନ୍ତି ତାହା କେଉଁ ଆୟତନର ଅନ୍ତର୍ଗତ ? ଯାହା ଆପଣ ପ୍ରତିଦିନ ପଢୁଛନ୍ତି ତାହା "ବ୍ରଡ୍ ସିଟ୍" ନା ଟାବ୍‌ଲଏଡ୍ ଅଟେ ।




(ଚିତ୍ର : 5.14 ଟେବ୍‌ଲୟଡ୍

## 5.୪ ଇଣ୍ଟରନେଟ୍ ସମ୍ବାଦପତ୍ର ତଥା ସଂସ୍କରଣ

ଆପଣ ଇଣ୍ଟରନେଟ୍ କାଫେ ଦେଖିଛନ୍ତି କି ? ଆଜିକାଲି ଇଣ୍ଟରନେଟ୍ କାଫେ ସେତିକି ସାଧାରଣ ହୋଇଗଲାଣି ଯେପରି ଆଇଏସ୍‌ଡି/ଏସ୍.ଟି.ଡି ବୁଥ୍ । ଯଦି ଅଦ୍ୟାବଧି ଆପଣ ଇଣ୍ଟରନେଟ୍ କାଫେ

ଯାଇନାହାନ୍ତି ତେବେ ସେଠାକୁ ଯାଇ ନିରିକ୍ଷଣ କରନ୍ତୁ କି କି କାର୍ଯ୍ୟସାଧନ ହେଉଛି ।

ଇଣ୍ଟରନେଟ୍ ଗୋଟିଏ ବିଶ୍ୱବ୍ୟାପି କମ୍ପ୍ୟୁଟର ଆଧାରିତ ଜଣେ ଜଣଙ୍କୁ ଯୋଡି ପାରୁଥିବା ଏକ ସଂଯୋଗ ବା ନେଟ୍‌ୱାର୍କ । ଏଥିରେ ଦେଶର କୌଣସି ସିମାରେଖା ନଥାଏ । ସୁତରାଂ କମ୍ପ୍ୟୁଟର ସଂଯୋଗି କରଣ ମାଧ୍ୟମରେ ଭାରତରେ ବସିଥିବା ବ୍ୟକ୍ତି ସଂଯୁକ୍ତ ଆମେରିକାର ଇଣ୍ଟରନେଟ୍ ସ୍ଥାନରେ ପହଞ୍ଚିପାରିବ । ଫଳସ୍ୱରୂପ ଏହାର ପ୍ରସାର ଯୋଗାଯୋଗ କ୍ଷେତ୍ରରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିପାରିଛି ।

ଏ ପର୍ଯ୍ୟନ୍ତ ସମସ୍ତ ସମ୍ବାଦପତ୍ରରେ ଇଣ୍ଟରନେଟ୍‌ର ସଂସ୍କରଣ ବା ମୁଦ୍ରଣଶୈଳୀ ଆସିଯାଇଛି । ଉଦାହରଣ ସ୍ୱରୂପ ଦ ହିନ୍ଦୁସ୍ଥାନ ଟାଇମସ୍ ତଥା ଇଣ୍ଡିୟାନ୍ ଏକ୍ସପ୍ରେସ୍ ବା ଟାଇମ୍‌ସ ଅଫ୍ ଇଣ୍ଡିଆ ଇତ୍ୟାଦିକୁ ଇଣ୍ଟରନେଟ୍ ମାଧ୍ୟମରେ ପଢାଯାଇପାରିବ ସେମାନଙ୍କର ନେଟ୍ ସଂସ୍କରଣ ମାଧ୍ୟମରେ । ପ୍ରତ୍ୟେକ ସମାଚାର ପତ୍ରର ନିଜର ସ୍ଥାନପାଇଁ ଗୋଟିଏ ଡଟ୍‌କାମ ନାମ ଥାଏ ଯେପରି www. times of india.com, ଆପଣ ସମ୍ବାଦପତ୍ର କିଣିବାପାଇଁ ପଇସା ଜମାଦେଇଥାନ୍ତି, କିନ୍ତୁ ସମ୍ବାଦପତ୍ରର ଇଣ୍ଟରନେଟ୍ ସଂସ୍କରଣ ନିଃଶୁଳ୍କ ଅଟେ ତଥା ଯଦି ଆପଣଙ୍କ ପାଖରେ କମ୍ପ୍ୟୁଟର ତଥା ଇଣ୍ଟରନେଟ୍ ସଂଯୋଗୀକରଣର ବ୍ୟବସ୍ଥା ଥାଏ ତେବେ ସେ ପର୍ଯ୍ୟନ୍ତ ଆପଣ ପହଞ୍ଚିଯାଇପାରିବେ ।

### କାର୍ଯ୍ୟକଳାପ : 5.3

ସମ୍ବାଦପତ୍ରର ୫ଟି ଇଣ୍ଟରନେଟ୍ ସଂସ୍କରଣର ନାମିତକୁ ଏକାଠି କରନ୍ତୁ ।

କିଛି ସମ୍ବାଦପତ୍ର କେବଳ ଇଣ୍ଟରନେଟ୍‌ରେ ହିଁ ପ୍ରକାଶିତ ହୋଇଥାଏ । ଏହାକୁ ୱେବ୍ ସମ୍ବାଦପତ୍ର କୁହାଯାଏ । ଇଣ୍ଟରନେଟ୍ ସମ୍ବାଦପତ୍ରର ଆଉ ଗୋଟିଏ ଲାଭ ବା ସୁବିଧା ଏହା ସାରା ବିଶ୍ୱରେ ଉପଲବ୍ଧ ହୋଇଥାଏ ।

## 5.9 ମୁଦ୍ରିତ ମାଧ୍ୟମର ଅନ୍ୟାନ୍ୟ ପ୍ରକାରଭେଦ

ଫିଲ୍ମ ଫେୟାର, ଚମ୍ପକ, ଗୃହଶୋଭା, ଚନ୍ଦାମାମା, ଇଣ୍ଡିଆଟୁଡେ, ଦ ୱିକ, ଆଉଟ୍ ଲୁକ୍ । କ'ଣ ଆପଣ ଏହି ନାମ ସହିତ ପରିଚିତ ଅଛନ୍ତି କି ?

ଏହା ମୁଦ୍ରିତ ମାଧ୍ୟମର ଅଂଗ ଅଟନ୍ତି । କିନ୍ତୁ ଏମାନେ ସମ୍ବାଦପତ୍ର ନୁହନ୍ତି । ଏମାନଙ୍କୁ ପତ୍ରିକା କୁହାଯାଏ । କହିପାରିବେ ସମ୍ବାଦପତ୍ର ଏବଂ ପତ୍ରପତ୍ରିକା ମଧ୍ୟରେ ବିଭେଦ କ'ଣ ? ୨

ସମ୍ବାଦପତ୍ର ଭଳି ପତ୍ରିକା ମଧ୍ୟ ସାପ୍ତାହିକ ମୁଦ୍ରଣ ମାଧମର ଅନ୍ୟ ଏକ ପ୍ରକାର ଅଟେ । ଏହା ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପ୍ରକାଶିତ ହୋଇଥାଏ । ଆପଣ ଏହା ମଧ୍ୟରେ ପ୍ରଭେଦ କିପରି କରିବେ ? ଏକ ସାପ୍ତାହିକୀ ସପ୍ତାହରେ ଗୋଟିଏ ଦିନ ତଥା ମାସିକ ମାସକରେ ଗୋଟିଏ ଦିନ ପ୍ରକାଶିତ ହୋଇଥାଏ । ଗୋଟିଏ ଦ୍ୱିସାପ୍ତାହିକୀ ସପ୍ତାହରେ ଦୁଇଥର ପ୍ରକାଶିତ ହୋଇଥାଏ । ଗୋଟିଏ ତ୍ରୈମାସିକ

ପ୍ରତ୍ୟେକ ତିନିମାସରେ ଥରେ ପ୍ରକାଶିତ ହୋଇଥାଏ । ଏହାକୁ କ୍ୱାର୍ଟର୍ଲି ମଧ୍ୟ କୁହାଯାଏ । ଏହାସହିତ ଆଉ କେତେକ ପ୍ରକାଶନ ବର୍ଷକରେ ଥରେ ପ୍ରକାଶିତ ହୁଏ ତାକୁ ବାର୍ଷିକି ପ୍ରକାଶନ କୁହାଯାଏ । "ଇଣ୍ଡିଆ ଟୁଡେ" ଏକ ସାପ୍ତାହିକୀ ଅଟେ "ଚମ୍ପକ"ଯେପରି ପାକ୍ଷିକ ଅଟେ । "ଗୃହଶୋଭା" ତଥା "ବନିତା" ମାସିକ ଅଟେ ।




**(ଚିତ୍ର : 5.15 ପତ୍ରପତ୍ରିକା)**

### 5.10 ମୁଦ୍ରିତ ମାଧ୍ୟମ ତଥା ବୈଦୁତିକ ମାଧ୍ୟମ ମଧ୍ୟରେ ପାର୍ଥକ୍ୟ:-

ମୁଦ୍ରଣର ଆବିଷ୍କାର ପରେ ଅନ୍ତତଃ 6 ଶତାବ୍ଦୀ ପୂର୍ବରୁ ମୁଦ୍ରିତ ମାଧ୍ୟମ ଗଣଯୋଗାଯୋଗର ଏକମାତ୍ର ରୂପ ଥିଲା । ଏହାପରେ ବୈଦୁତିକ ମାଧ୍ୟମର ଆଗମନ ହୋଇଥିଲା । ଯେହେତୁ ଏ ଦୁଇ ମାଧ୍ୟମ ଗଣ ଯୋଗାଯୋଗ ସହିତ ସଂବନ୍ଧ ରଖିଥାଏ ତଥାପି ଏ ଦୁଇଙ୍କ ମଧ୍ୟରେ କିଛି ଆଧାରିତ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ ।

| **ମୁଦ୍ରିତ ମାଧ୍ୟମ** | **ବୈଦୁତିକ ମାଧ୍ୟମ** |
|---|---|
| 1. ସାକ୍ଷରତା ମୁଦ୍ରଣ ମାଧ୍ୟମର ଆଧାରିତ ଆବଶ୍ୟକତା ଅଟେ କେବଳ ସାକ୍ଷର ବ୍ୟକ୍ତିହିଁ ଏହାକୁ ପଢିପାରିବେ । | ନିରକ୍ଷର ବ୍ୟକ୍ତି ମଧ୍ୟ ଏକ ସମାଚାର ସମ୍ବାଦକୁ ଦେଖିପାରିବ ଏବଂ ଏହାର ବିଷୟ ବସ୍ତୁକୁ ବୁଝିଗ୍ରହଣ କରିପାରିବ କିନ୍ତୁ ପରଦାରେ ଥିବା ଲେଖାକୁ ପଢିପାରିବ ନାହିଁ । |
| 2. ଏହି ମାଧ୍ୟମ ଏକ ଡେଡ୍ ଲାଇନ୍ ମୁତାବକ କାମ କରିଥାଏ । ସାଧାରଣତଃ ଗୋଟିଏ ପ୍ରାତଃକାଳୀନ ସମ୍ବାଦପତ୍ର ଛାପିବା ପୂର୍ବଦିନ ମଧ୍ୟରାତ୍ରି ପର୍ଯ୍ୟନ୍ତ ସମ୍ବାଦ ଗ୍ରହଣ | ଏଥିରେ କୌଣସି ଡେଡ୍‌ଲାଇନ୍ ନଥାଏ । ସମାଚାରକୁ କୌଣସି ସମୟରେ ନୂତନତ୍ୱରେ ପ୍ରକାଶିତ କରାଯାଏ । |

| | |
|---|---|
| କରିଥାଏ । | |
| 3. ମୁଦ୍ରିତ ମାଧ୍ୟମରେ ପାଠକ ପଛକୁ ଯାଇ ଏହାର ଯାଞ୍ଚ କରିପାରନ୍ତି । ଯାହାକୁ ଏମାନେ ପୂର୍ବରୁ ପଢ଼ିସାରିଥାନ୍ତି । | ଦର୍ଶକ ପଛକୁ ଯାଇ ଏହାର ପୁନଃ ଯାଞ୍ଚକରି ପାରିବେ ନାହିଁ ଯାହା ଏମାନଙ୍କୁ ପରଦାରେ ଦେଖାଯାଇଛି । |
| 4. ମୁଦ୍ରିତ ମାଧ୍ୟମ ଘଟଣାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପ୍ରସ୍ତୁତ କରିଥାଏ । | ଲମ୍ବା ବିଶ୍ଳେଷଣର ସୁବିଧା ଏଥିରେ ସମ୍ଭବ ନୁହେଁ । |
| 5. ସିଧା, ଜୀବନ୍ତ ପ୍ରସାରଣର ଏଥିରେ ବ୍ୟବସ୍ଥା ନଥାଏ । | ସିଧା ସଜୀବ ଚର୍ଚ୍ଚା ସମ୍ଭବ ହୋଇଥାଏ । |
| 6. ଏଥିରେ ଭାଷା ଅଧିକ ସାହିତ୍ୟକ ଆଲଙ୍କାରିକ ତଥା ପାଠକଙ୍କ ରୁଚି ମୁତାବକ ହୋଇଥାଏ । | କୁହାଯାଉଥିବା ଭାଷା ଦର୍ଶକଙ୍କ ପାଇଁ ଉପଯୁକ୍ତ ହୋଇଥାଏ । |
| 7. ସମାଚାରକୁ ବାରମ୍ବାର ଅପଡେଟ୍ କରିବା ସମ୍ଭବପର ହୋଇନଥାଏ । | ମିନିଟ୍ ମିନିଟ୍ ମଧ୍ୟରେ ଅପ୍‌ଡେଟ୍ ସମ୍ଭବ ଅଟେ । |

## 5.11 ସର୍ବାଧିକ ପ୍ରସାରିତ ଦୈନିକ:-

ଭାରତରେ ସଜୀବ ତଥା ସକ୍ରିୟ ମୁଦ୍ରଣ ମାଧ୍ୟମର ଅସ୍ତିତ୍ୱ ଅଛି । ଭାରତର ବିସ୍ତୃତ କ୍ଷେତ୍ର, ସାଂସ୍କୃତିକ ବିଭିନ୍ନତା ତଥା ଭାଷା ବହୁଳତା ପାଇଁ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି ଯାହା ଲେଖା ତଥା କୁହାଯାଇଥାଏ । ଭାରତରେ 28 ଟି ରାଜ୍ୟ ତଥା 7 ଟି କେନ୍ଦ୍ରଶାସିତ ରାଜ୍ୟ ଅଛି । ଯେତେବେଳେ ଭାରତ 1947 ରେ ସ୍ୱାଧିନତା ଲାଭ କଲା ସେତେବେଳେ ମାତ୍ର 3533 ଟି ସମାଚାର ପତ୍ର ତଥା ସେଥିମଧ୍ୟରୁ 330 ଟି ସମାଚାର ପତ୍ର ତଥା 3203 ଅନ୍ୟାନ୍ୟ ପ୍ରକାଶକ ଥିଲେ । 50 ବର୍ଷ ପରେ 1997 ରେ ଏ ସଂଖ୍ୟା 12 ଗୁଣ ବୃଦ୍ଧି ପାଇଥିଲା । ପ୍ରତିବର୍ଷ ମୋଟାମୋଟି ସବୁ ଭାଷାରେ ପ୍ରକାଶନ ଆରମ୍ଭ ହେଉଛି ପରିଣାମ ସ୍ୱରୂପ ସମାଚାର ପତ୍ର, ପତ୍ରପତ୍ରିକା ତଥା ସାପ୍ତାହିକର ଦେଶ ସାରା ସମସ୍ତ ଭାଷାରେ ପ୍ରକାଶନ ବୃଦ୍ଧିପାଉଛି । 31 ମାର୍ଚ୍ଚ 2006 ପର୍ଯ୍ୟନ୍ତ ଭାରତରେ 62550 ପ୍ରକାଶକ ଥିଲେ । ଏଥିରେ 2130 ସମାଚାର ପତ୍ର, 2428 ସାପ୍ତାହିକୀ ତଥା 1471 ମାସିକ ତଥା ଶେଷ ଅନ୍ୟ ପ୍ରକାରର ପ୍ରକାଶକ ଥିଲେ । ତଥାପି ସମାଚାର ପତ୍ରର ପ୍ରସାର ସଂଖ୍ୟା ବର୍ଷପରେ ବର୍ଷ ବଦଳୁଅଛି । ଯଦିବି କିଛି ଭାଷାର ସମାଚାର ପତ୍ର ବର୍ଷ ପର୍ଯ୍ୟନ୍ତ ସର୍ବାଧିକ ପ୍ରସାର ସଂଖ୍ୟାର ସ୍ଥାନ ରଖିପାରିଛି ତଥାପି ଏହା ସବୁ ରାଜ୍ୟ ତଥା ସେମାନଙ୍କ ଭାଷାପାଇଁ ସମ୍ଭବ ନୁହେଁ । ତେଣୁ ଯଦି କୌଣସି ବିଶେଷ ପ୍ରସାରଣର ସୁବିଧା ଦିଆଯାଇଥାଏ ତେବେ ଆସନ୍ତାବର୍ଷ ଏହା ପରିବର୍ତ୍ତନ ମଧ୍ୟ ହୋଇପାରେ ।

ଆପଣଙ୍କୁ ତାଜା ପ୍ରସାର ସଂଖ୍ୟା ଜାଣିବା ପାଇଁ ଉତ୍ସୁକତା ହେଉଥିବ । ଏଥିପାଇଁ ଆପଣ ନିମ୍ନଲିଖିତ ୱେବ୍‌ସାଇଟ୍ ଦ୍ୱାରା ଯାଇପାରିବେ-ଭାରତୀୟ ସମ୍ବାଦପତ୍ର ରେଜିଷ୍ଟ୍ରାର(ଆର୍‌ଏନ୍‌ଆଇ)http[//rni.nic.in ଅଡିଟ୍ ବ୍ୟୁରୋ ଅଫ ସର୍କ୍ୟୁଲେଶନ(ଏ.ବି.ସି)www.abc.org ଆପଣ ୪ମ ଅଧ୍ୟାୟରେ ସମାଚାର



ଟିପ୍ପଣୀ

ପତ୍ରର ପ୍ରସାରଣ ତଥା ଏ ବିଷୟରେ ଅଧିକ ସୂଚନା ପାଇପାରିବେ ।

## ପାଠଗତ ପ୍ରଶ୍ନ : 5.5

1- ନିଜ ଦେଶରେ ପ୍ରକାଶିତ 5 ଟି ସାପ୍ତାହିକୀର ନାମ ଦିଅନ୍ତୁ ।

2- ନିଜ ଦେଶରେ ପ୍ରକାଶିତ 2 ଟି ମାସିକର ନାମ ଦିଅନ୍ତୁ ।

3- ନିଜ ଦେଶରେ ପ୍ରକାଶିତ 2 ଟି ପାକ୍ଷିକର ନାମ ଦିଅନ୍ତୁ ।

## 5.12 ଆପଣ କ'ଣ ଶିକ୍ଷାକଲେ ?

ସମାଚାର ପତ୍ର → ସମାଚାର | ମନୋରଂଜନ | ସୂଚନା

ପତ୍ରିକା → ସାପ୍ତାହିକ | ଦ୍ୱିସାପ୍ତାହିକ | ମାସିକ | ବାର୍ଷିକ

- ମୁଦ୍ରଣର ଇତିହାସ
- ଭାରତରେ ସମ୍ବାଦପତ୍ରର ମୁଦ୍ରଣ
- ସମ୍ବାଦପତ୍ରର ଆୟତନ — ବ୍ରଡ୍‌ସିଟ୍, ଟାବଲଏଡ୍, ବର୍ଲ୍ଲିନର
- ସାଂସ୍କୃତିକ ପୁନର୍ଜାଗରଣ ତଥା ସ୍ୱାଧିନତା ଆନ୍ଦୋଳନ
- ଆଧୁନିକ କୌଶଳ — ଡେସ୍କଟପ୍ ପ୍ରକାଶନ, ରଂଗୀନ ମୁଦ୍ରଣ
- ଇଣ୍ଟରନେଟ୍ ପତ୍ର ତଥା ସଂସ୍କରଣ
- ଭାରତରେ ସର୍ବାଧିକ ପ୍ରସାର ହେଉଥିବା ଦୈନିକ
- ଛାପା ତଥା ବୈଦୁତିକ ମାଧ୍ୟମ ମଧ୍ୟରେ ବିଭିନ୍ନତା

## 5.13 ପାଠାନ୍ତ ପ୍ରଶ୍ନ:-

1- ବିଶ୍ୱରେ ପ୍ରାରମ୍ଭିକ ସମ୍ବାଦପତ୍ର ଉପରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରନ୍ତୁ ।

2- ଭାରତରେ ସମ୍ବାଦପତ୍ର ମୁଦ୍ରଣର ପ୍ରାରମ୍ଭିକ ଇତିହାସର ବର୍ଣ୍ଣନା କରନ୍ତୁ ।

3- ସ୍ୱାଧୀନତା ଆନ୍ଦୋଳନ ସମୟରେ ତଥା ଏହାପରେ ଭାରତରେ ମୁଦ୍ରିତ ମାଧ୍ୟମର ବିକାଶ ଉପରେ ଏକ ବିବରଣୀ ପ୍ରଦାନ କରନ୍ତୁ ।

4- ଇଣ୍ଟରନେଟ୍ ସମ୍ବାଦପତ୍ର ସଂପର୍କରେ ବିବରଣୀ ପ୍ରଦାନ କରନ୍ତୁ ତଥା ଏହାର ଲାଭ ଉପରେ ବୁଝାନ୍ତୁ ।

5- ମୁଦ୍ରଣ ମାଧ୍ୟମ ତଥା ବୈଦୁତିକ ମାଧ୍ୟମ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି ?

## 5.14 ପାଠଗତ ପ୍ରଶ୍ନର ଉତ୍ତର:-

**5.1** 1.(i) ଟାଇମ୍ସ ଅଫ୍ ଇଣ୍ଡିଆ (ii) ହିନ୍ଦୁସ୍ଥାନ ଟାଇମ୍ସ (iii) ଇଣ୍ଡିଆନ୍ ଏକ୍ସପ୍ରେସ୍ (iv) କୌଣସି ଅନ୍ୟାନ୍ୟ ସମ୍ବାଦପତ୍ର ଯାହାକୁ ଆପଣ ଭାବୁଛନ୍ତି ।

2- ମୁଦ୍ରଣ କଳାର ଆବିଷ୍କାର କରିଥିବା ପ୍ରଥମ ଚିନି ଥିଲେ । ଏମାନେ ଅକ୍ଷର ଛାପିବାରେ କାଠର ବ୍ଲକର ବ୍ୟବହାର କରୁଥିଲେ ।

3-ୟୁରୋପରେ 1120 ରେ ପ୍ରଥମ କାଗଜ କାରଖାନା ସ୍ଥାପିତ ହୋଇଥିଲା ।

**5.2** 1. ୟୁ.ଏସ୍.ଏରେ "ଦ ପବ୍ଲିକ୍ ଅକ୍‌ରାନ୍‌ସେସ୍" ତଥା ୟୁକେରେ "ଦ ୱିକ୍ଲି ନ୍ୟୁଜ୍" ।

2. ଭାଗ 5.5 ଦେଖନ୍ତୁ ।

3. ଏହା 29 ଜାନୁୟାରୀ 1780 କୁ କଲକାତାରେ ଆରମ୍ଭ ହୋଇଥିଲା । ଏହାକୁ ଲୋକେ "ହିକିଜ୍ ଗେଜେଟ୍" ନାମରେ ଜାଣିଥିଲେ ।

**5.3** 1.(i) ଦ ଟାଇମ୍ସ ଅଫ୍ ଇଣ୍ଡିଆ

(ii) ଦ ପାୟୋନିୟର

(iii) ଦ ଷ୍ଟେଟସମେନ

(iv) କିଛି ଅନ୍ୟ ଖବର ଯାହା ଆପଣ ଜାଣିଥିବେ ।

2. ମୁମ୍ବାଇରେ ପ୍ରକାଶିତ ଗୁଜରାତି ଦୈନିକ "ମୁମ୍ବାଇ ସମାଚାର"

3. "ନବଜୀବନ" ଏବଂ "ହରିଜନ"

**5.4** 1.(i) ଦ ଟାଇମ୍ସ ଅଫ୍ ଇଣ୍ଡିଆ (ii) ହିନ୍ଦୁସ୍ଥାନ ଟାଇମ୍ସ

(iii) ଇଣ୍ଡିଆନ୍ ଏକ୍ସପ୍ରେସ୍ (iv) ଦ ହିନ୍ଦୁ, (v) ଦ ପାୟୋନିୟର, (vi) କିଛି ଅନ୍ୟ ଖବର କାଗଜ

2. (i) ଦ ମେଲ୍ ଟୁଡେ,(ii) ଦ ମିଣ୍ଟ, (iii) ଦ ସନ୍, (iv) କିଛି ଅନ୍ୟ

3. (i) www.times of india.com

(ii) www.the hindu.com

(iii) www.hindustantimes.com

(iv) କିଛି ଅନ୍ୟାନ୍ୟ



ଟିପ୍‌ପଣୀ

**5.5** 1.(i) ଇଣ୍ଡିଆ ଟୁଡେ (ii) ଦ ଓ୍ୱିକ୍ (iii) ଆଉଟ୍ ଲୁକ୍, (iv) ଟାଇମ୍ସ, (v) ନ୍ୟୁଜ୍ ଓ୍ୱିକ୍, (vi) କିଛି ଅନ୍ୟାନ୍ୟ

2. (i) ରିଡର୍ସ ଡାଇଜେଷ୍ଟ,(ii) ଫିଲ୍ମ ଫେୟାର, (iii) ଅନ୍ୟାନ୍ୟ

3. (i) ଫ୍ରଣ୍ଟ ଲାଇନ୍,(ii) ବିଜନେସ୍ ଟୁଡେ, (iii) ଅନ୍ୟାନ୍ୟ



ଟିପ୍ପଣୀ



# ୬

# ସମ୍ବାଦ

ଆପଣମାନେ ଖବରକାଗଜ ନିଶ୍ଚୟ ପଢୁଥିବେ । ଆପଣ କେବେ ଭାବିଛନ୍ତି ଏହାକୁ ଖବରକାଗଜ କାହିଁକି କୁହାଯାଏ ? କାରଣ ଏଥିରେ ସମ୍ବାଦ ପରିବେଷଣ ହୋଇଥାଏ । ଆପଣ ଚିନ୍ତା କରିଛନ୍ତି ଏଥିରେ ସମ୍ବାଦ କେଉଁଠାରୁ ପ୍ରାପ୍ତ ହୋଇଥାଏ । ସମ୍ବାଦ ଆମକୁ ଅନେକ ସୂତ୍ରରୁ ମିଳିଥାଏ । ଆପଣ ରେଡିଓରେ ସମାଚାର ଶୁଣନ୍ତି, ଦୂରଦର୍ଶନ ଚାନେଲରେ ଏହା ଦେଖାଯାଏ, ଖବରକାଗଜରେ ଏହା ପଢାଯାଏ ତଥା କମ୍ପ୍ୟୁଟର ଇଣ୍ଟରନେଟ୍ ମାଧ୍ୟମରେ ଏହା ଆମେ ପାଇଥାଉ । ସମାଚାର ଆମର ଜୀବନରେ ଦୈନନ୍ଦିନ ମିଳିଥାଏ ।

ସମ୍ବାଦ କିପରି ପ୍ରସ୍ତୁତ ହୁଏ ? ଏହି ସନ୍ଦର୍ଭରେ ଜୋନ୍ ବୋଗାର୍ଡଙ୍କ ଉକ୍ତି ମହତ୍ତ୍ୱପୂର୍ଣ୍ଣ ଅଟେ । ସେ କହନ୍ତି କୁକୁର ଯଦି ମଣିଷକୁ କାମୁଡେ ଏହା ସମ୍ବାଦ ନୁହେଁ, କାରଣ ଏହା ଏକ ସାଧାରଣ ଘଟଣା । କିନ୍ତୁ ମଣିଷ ଯଦି କୁକୁରକୁ କାମୁଡେ ଏହା ସମ୍ବାଦ ହୋଇଯିବ କାରଣ, ଏହା ଏକ ଅସାଧାରଣ ଘଟଣା ଅଟେ । ସାମାନ୍ୟ ସ୍ଥିତିରେ ଉପରୋକ୍ତ ଉକ୍ତି ସତ୍ୟ ଅଟେ । କିନ୍ତୁ କେବେ କେବେ ସାଧାରଣ ଯଥା କୁକୁର ଦ୍ୱାରା ମଣିଷ କାମୁଡାଯିବା ଏହା ସମ୍ବାଦ ହୋଇଯାଏ । ଯେପରି କୌଣସି ଏକ ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତାଙ୍କୁ କୁକୁର କାମୁଡି ଦେଲା ନିଶ୍ଚିତ ଭାବରେ ଏହା ସମ୍ବାଦ ହୋଇଯିବ କାରଣ ଏଥିରେ ଲୋକଙ୍କର ଉତ୍ସୁକତା ବଢିଯାଏ ।

ଏହା କୁହାଯାଏ ସମ୍ବାଦ ଶବ୍ଦ (NEWS) ଚାରିଅକ୍ଷର ଚାରିଦିଗର ପ୍ରତିନିଧିତ୍ୱ କରିଥାଏ ।

ନର୍ଥ(ଉତ୍ତର) ୱେଷ୍ଟ(ପଶ୍ଚିମ)

ଇଷ୍ଟ(ପୂର୍ବ) ସାଉଥ୍(ଦକ୍ଷିଣ)

N orth) (ଉତ୍ତର)



ଟିପ୍ପଣୀ

E ast) (ପୂର୍ବ)

W est) (ପଶ୍ଚିମ)

S outh) (ଦକ୍ଷିଣ)

## ଉଦ୍ଦେଶ୍ୟ

ଏହି ପାଠକ୍ରମକୁ ପଢିଲାପରେ ଆମେ ନିମ୍ନଲିଖିତ ବିଷୟ କରିପାରିବା

- ସମ୍ବାଦର ସଂଜ୍ଞାକୁ ଜାଣିବା
- ସୂଚନା ଏବଂ ସମ୍ବାଦ ମଧ୍ୟରେ ପାର୍ଥକ୍ୟ
- ସମ୍ବାଦ ତଥା ଏହାର ମୂଲ୍ୟକୁ ବ୍ୟାଖ୍ୟା
- ସମାଚାରର ବିଭିନ୍ନ ପ୍ରକାରକୁ ସ୍ପଷ୍ଟ କରିବା
- ସମ୍ବାଦର ବିଶ୍ୱାସନୀୟତା ମହତ୍ୱ ସମ୍ପର୍କରେ ଚର୍ଚ୍ଚା ।
- ସମ୍ବାଦର ବିଭିନ୍ନ ଉଛକୁ ପ୍ରସ୍ତୁତି କରିବା ।

## 6.1 ସମ୍ବାଦର ସଂଜ୍ଞା:-

ସମ୍ବାଦ କୌଣସି ସମସାମୟିକ ଘଟଣା କ୍ରମର ବିବରଣୀ ଅଟେ । ଏହା ତୁରନ୍ତ ଘଟିଥିବା ଅଥବା ଶୀଘ୍ର ଘଟିବାର ତଥ୍ୟ ତଥା ଘଟଣା ଆଦିର ସୂଚନା ଅଟେ ।

ସମ୍ବାଦପତ୍ର, ରେଡିଓ, ଦୂରଦର୍ଶନ ବା ଇଣ୍ଟରନେଟ୍ ଯାହା ସମସାମୟିକ ଘଟଣାର ବିବରଣୀ ଦେଇଥାଏ ତାହା ସମ୍ବାଦ ଅଟେ । ସମ୍ବାଦ ଯାହା ପୂର୍ବରୁ ଏ ସମ୍ପର୍କରେ କୌଣସି ଜ୍ଞାନ ନଥାଏ ତାକୁ ହିଁ ବୁଝାଏ । ଉପରୋକ୍ତ ଘଟଣାର ଆଧାରରେ ଆମେ ଏହା କହିପାରିବା ସମ୍ବାଦ ପୂର୍ବ ଚବିଶ ଘଣ୍ଟାରେ ଘଟିଥିବା ଘଟଣାର ବିକାଶକ୍ରମ ଅଟେ । ଯାହା ବିଷୟରେ ଲୋକଙ୍କୁ କୌଣସି ଖବର ନଥାଏ, ଯେଉଁଥିରେ ଅନେକ ଲୋକଙ୍କର ଆଗ୍ରହ ଥାଏ ଅଥବା ଅନେକ ଲୋକଙ୍କ ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଆସନ୍ତୁ ଆମେ କିଛି ଉଦାହରଣ ସହ ଏ ବିଷୟକୁ ବୁଝିବା ।

ଆପଣ ରେଡିଓରେ ଗୋଟିଏ ସମ୍ବାଦ ଶୁଣିଲେ ରେଳ ଦୁର୍ଘଟଣାରେ କୋଡିଏ ଜଣ ଲୋକଙ୍କର

ଟିପ୍‌ପଣୀ

ମୃତ୍ୟୁହୋଇ ଗଲା । ଆପଣ ଏହାକୁ ଏଭଳି ସୂଚନାର ରୂପରେ ନିଅନ୍ତି ଯାହାକି ଆପଣଙ୍କ ପାଇଁ ବିଶେଷ ମହତ୍ୱ ନାହିଁ । ଏଭଳି ବହୁ ଦୁର୍ଘଟଣା ପ୍ରତ୍ୟେକ ଜାଗାରେ ହେଉଅଛି । କିନ୍ତୁ କିଛି ସମୟପରେ ଆପଣଙ୍କୁ ଯେତେବେଳେ ଜଣାପଡିଲା ଯେଉଁ କମ୍ପାଟମେଣ୍ଟର ଯାତ୍ରୀମାନେ ଦୁର୍ଘଟଣାର ଶିକାର ହୋଇଥିଲେ ସେମାନେ ସମସ୍ତେ ଆପଣଙ୍କ ଗ୍ରାମରୁ ଥିଲେ । ଏବେ ଆପଣ ଅଧିକ ବ୍ୟତିବ୍ୟସ୍ତ ହୋଇଯାଆନ୍ତି ଏହି ସମ୍ବାଦ ଆପଣଙ୍କ ପାଇଁ ମହତ୍ୱପୂର୍ଣ୍ଣ ହୋଇଯାଇଛି । ଆପଣ ଯାତ୍ରୀମାନଙ୍କର ଖବର ଜାଣିବାପାଇଁ ବ୍ୟତିବ୍ୟସ୍ତ ହୋଇପଡନ୍ତି । କ'ଣ ସେମାନେ ସୁରକ୍ଷିତ ଅଛନ୍ତି ? କେଉଁମାନଙ୍କୁ ଆଘାତ ଲାଗିଛି ? କେଉଁମାନଙ୍କୁ ଡାକ୍ତରଖାନାକୁ ନିଆଯାଇଅଛି ଆଦି ବିଷୟରେ ଜାଣିବାପାଇଁ ଆପଣ ଉତ୍କଣ୍ଠିତ ହୋଇପଡନ୍ତି ।

**ପଞ୍ଜାବରେ ରେଳ ଦୁର୍ଘଟଣାରେ ୩୪ଜଣଙ୍କ ମୃତ୍ୟୁ**


*୧୪ ଡିସେମ୍ବର ୨୦୦୪*

ପଞ୍ଜାବର ହୁସିଆରପୁର ଜିଲ୍ଲାରେ ଦୁଇଟି ଯାତ୍ରୀବାହୀ ଟ୍ରେନ୍ ମୁହାଁମୁହିଁ ଫଳରେ ୩୪ଜଣଙ୍କର ମୃତ୍ୟୁ ହୋଇଯାଇଛି । ଦୁର୍ଘଟଣାରେ ୫୦ଜଣ ଲୋକ ଆହତ ହୋଇଥିବା ଖବର ମିଳିଛି । ଦୁର୍ଘଟଣା ଜଳନ୍ଧରରୁ ସମ୍ଭବତଃ ୪୦କିଲୋମିଟର ଦୂର ମାନସର ନାମକ ସ୍ଥାନରେ ମଙ୍ଗଳବାର ଦ୍ୱିପହରରେ ଜମ୍ମୁତାଇ-ଅହମ୍ମଦା ଏକ୍ସପ୍ରେସ ତଥା ପଠାଣକୋଟ୍ ମଲ୍‌ଟିପୁଲ୍ ୟୁନିଟ୍ ଡିଜେଲ୍ ପାସେଞ୍ଜର ମଧ୍ୟରେ ମୁହାଁମୁହିଁ ହୋଇଛି ।

ସୂତ୍ର ଅନୁସାରେ ଉତ୍ତର ରେଲୱେର ଜଳନ୍ଧର ପଠାଣକୋଟ୍ ରେଳଖଣ୍ଡର ଇକହରି ଲାଇନ୍ ଉପରେ ଦୁଇଟି ଟ୍ରେନ୍‌କୁ ସବୁଜ ସଂକେତ ଦିଆଯାଇଥିଲା । ପଠାଣକୋଟ୍ ପାସେଞ୍ଜରକୁ ବଙ୍ଗାରା ତଥା ଅହମ୍ମଦା ଏକ୍ସପ୍ରେସ୍‌କୁ ଚାଖକଳା ରେ ଲାଇନ ସଫା ହେବାର ସଂକେତ ଦିଆଯାଇଥିଲା ।

ଉତ୍ତର ରେଲୱେର ଜେନେରାଲ ମ୍ୟାନେଜର ସତୀଶ ମୋହନ ବଇଶଙ୍କ ଅନୁସାରେ ଏହା ନିଶ୍ଚିତ ଅଟେ, ଦୁଇଟି ଷ୍ଟେସନ୍ ମଧ୍ୟରୁ ଗୋଟିଏ ଏଥିପାଇଁ ଦାୟୀ ଅଟେ । ଜଳନ୍ଧର ରେଞ୍ଜର ଡିଆଇଜି ପରମଜିତ୍ ସିଂ ସରାହୋ ଏନ୍‌ଡି ଟି.ଭି ଇଣ୍ଡିଆକୁ ଘଟଣାସ୍ଥଳରୁ କହିଛନ୍ତି, ଏହିଠାରେ ୨୮ଟି ଶବକୁ ଉଦ୍ଧାର କରାଯାଇଛି । ସେ ବର୍ଣ୍ଣନା କରିଛନ୍ତି ଆହତମାନଙ୍କୁ ମୁକେରିଅର ସାଧାରଣ ହସ୍ପିଟାଲ ତଥା ପଠାଣକୋଟ୍‌ର ଆର୍ମି ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ରାଜ୍ୟର ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ ରାଜ୍ୟ ବିଧାନସଭାରେ ଦେଇଥିବା ବିବୃତିରେ ମୃତକଙ୍କ ସଂଖ୍ୟା ୫୦ କହିଛନ୍ତି ।

**6.1 ଦୁର୍ଘଟଣା ସମାଚାର**



ଟିପ୍ପଣୀ

ସଂସଦରେ ପ୍ରସ୍ତୁତ ହେବାକୁ ଥିବା ସଂସଦୀୟ ବଜେଟ୍‌ରେ ଆପଣଙ୍କର କୌଣସି ବିଶେଷ ଭାବରେ ସମ୍ପର୍କ ନାହିଁ । କିନ୍ତୁ ବଜେଟ୍ ପ୍ରସ୍ତୁତ ସମୟରେ ଯେତେବେଳେ ଅର୍ଥମନ୍ତ୍ରୀ ପେଟ୍ରୋଲିୟମ୍ ଜାତ ପଦାର୍ଥ ମୂଲ୍ୟରେ ବଢାଇବାର ଘୋଷଣା କରନ୍ତି, ସେତେବେଳେ ହଠାତ୍ ଆପଣଙ୍କ ଆଗ୍ରହ ସମ୍ବାଦରେ ବଢିଯାଇଥାଏ । ଆପଣ ଜାଣିବାକୁ ଚାହାନ୍ତି କେତେ ପରିମାଣର ମୂଲ୍ୟ ବୃଦ୍ଧି ହେଲା । ଏହା କ'ଣ ଆପଣଙ୍କ ପକେଟ୍‌କୁ ପ୍ରଭାବିତ କରିବ ?ରୋଷେଇ ଗ୍ୟାସର ମୂଲ୍ୟରେ କେତେ ବୃଦ୍ଧିହେଲା ? ହଠାତ୍ ଏସବୁ ସମ୍ବାଦ ଆପଣଙ୍କ ପାଇଁ ଅତି ମହତ୍ୱପୂର୍ଣ୍ଣ ହୋଇଯାଏ ।

## ବଜେଟ୍ ୨୦୦୮-ମୁଖ୍ୟାଂଶ

**୫ ଡିସେମ୍ବର ୨୦୦୭**

ସଂକ୍ଷେପରେ ବଜେଟ୍

ବର୍ଷ 2008 ଅର୍ଥବ୍ୟବସ୍ଥା 3% ର ମଧ୍ୟମ ଦରରେ ବଢିବାର ସମ୍ଭାବନା ଅଛି । ଅର୍ଥମନ୍ତ୍ରୀ କହିଛନ୍ତି ଏହି ବଜେଟ୍ ଏପରି ଏକ ସମୟରେ ପ୍ରସ୍ତୁତ କରାଯାଉଛି ଯେତେବେଳେ ସମଗ୍ର ବିଶ୍ୱରେ ଅର୍ଥବ୍ୟବସ୍ଥା ଏକ ଅନିଶ୍ଚିତତାର ପରିସ୍ଥିତି ଅଛି । ଏହା ସଂଗେ ସଂଗେ ବିତ୍ତିୟ ବଜାରରେ ଅସ୍ଥିରତା ତଥା ଘରୋଇ ନିର୍ମାଣ କ୍ଷେତ୍ରରେ ଅର୍ଦ୍ଧପତନର ପରିସ୍ଥିତିରେ ଅଛି । ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ଆର୍ଥିକ ବ୍ୟବସ୍ଥାର ମୌଳିକତା ମଜବୁତ ଅଛି ତଥା ସେ ଉତ୍ସମାନଙ୍କର ପରିଚାଳନା ଯାହାଅଛି କରିପାରିବେ ସୁତରାଂ ଭବିଷ୍ୟତରେ ଏହା ବୃଦ୍ଧିପାଇବ । ସେ ଏହା ମଧ୍ୟ କହିଛନ୍ତି ଭବିଷ୍ୟତରେ ଏକ ସନ୍ତୁଳିତ ବିକାଶପାଇଁ ପୁଞ୍ଜିନିବେଶ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ ।

### ବଜେଟ୍‌ରେ ଉଲ୍ଲେଖିତ ପ୍ରମୁଖ ସରକାରୀ ଲକ୍ଷ୍ୟ:-

- ସାର୍ବଜନୀକ ବର୍ତ୍ତମାନ ବ୍ୟୟ 53 ବିଲିୟନ-1.7 ବିଲିୟନ ବୃଦ୍ଧି
- ସମ୍ପୂର୍ଣ୍ଣ ଖର୍ଚ୍ଚ ବୃଦ୍ଧି 8.6%
- ସମସ୍ତ ଘରୋଇ ଖର୍ଚ୍ଚରେ 8.2% ର ବୃଦ୍ଧି ।
- ପୂର୍ଣ୍ଣଖର୍ଚ୍ଚରେ 12% ର ବୃଦ୍ଧି 2008 ରେ ପୁଞ୍ଜିନିବେଶରେ 8.6 ବିଲିୟନ ଅଧିକ ଖର୍ଚ୍ଚ ।
- 2008 ବର୍ଷରେ ସରକାରଙ୍କର ସାମାନ୍ୟ ବଳକା/ ଘାଟା 0.9% ରହିବାର ସମ୍ଭାବନା ।
- ସମସ୍ତ ଘରୋଇ ଉତ୍ପାଦନର ଅନୁପାତରେ ମୋଟ ବଳକା 26% ରହିବାର ସମ୍ଭାବନା ଅଛି ଯାହା ବିକଶିତ ଦେଶର କମ୍‌ରୁ ଗୋଟିଏ ଅଟେ ।
- 2008 ବର୍ଷରେ ସରକାରଙ୍କର 24000 ନୂଆ ରୋଜଗାର ସୃଷ୍ଟିହେବ ତଥା ରୋଜଗାରର ମୋଟ ସଂଖ୍ୟା 1% ବୃଦ୍ଧିର ସମ୍ଭାବନା ଅଛି ।

**6.2 ସମ୍ବାଦର ପ୍ରକାର: ବଜେଟ୍ ପ୍ରସ୍ତାବ**







ଆପଣଙ୍କ ନିର୍ବାଚନ କ୍ଷେତ୍ରରେ ଭୋଟର ଗଣତି ଚାଲିଛି । ରାଜ୍ୟ ବିଧାନସଭାପାଇଁ ନିର୍ବାଚନ ହେଉଅଛି । ଭୋଟର ଗଣତିର ସାଙ୍ଗେ ସାଙ୍ଗେ କିଏ ଆଗରେ ଅଛି । ଏହାର ସୂଚନାପାଇଁ ଆପଣ କୌତୂହଳି ହୋଇଯାଆନ୍ତି । ଭୋଟର ଗଣତି ପରେ ଆପଣ ଏହା ଜାଣିବାପାଇଁ ଉତ୍ସୁକ ହୋଇଯାଆନ୍ତି କିଏ ବିଜୟ ଲାଭ କଲା । ଏହା ସମ୍ବାଦ ଅଟେ ଯେଉଁ ଖବର ଜାଣିବାପାଇଁ ଆପଣ ସାମାନ୍ୟ ବିଳମ୍ବକୁ ସ୍ୱିକାର କରନ୍ତିନାହିଁ ।

### ପାଠଗତ ପ୍ରଶ୍ନ : 6.1

1- ସମ୍ବାଦର କୌଣସି ଚାରୋଟି ଉତ୍ସର ଉଲ୍ଲେଖ କରନ୍ତୁ ।

2- NEWS ଶବ୍ଦର ପ୍ରତ୍ୟେକ ଅକ୍ଷର କ'ଣ ସ୍ପଷ୍ଟ କରିଥାଏ ?

3- ସମ୍ବାଦର ସଂଜ୍ଞା ନିରୂପଣ କରନ୍ତୁ ।

## 6.2 ସମ୍ବାଦ ଏବଂ ସୂଚନା ମଧ୍ୟରେ ଥିବା ପାର୍ଥକ୍ୟ

ଆପଣ ରେଳଷ୍ଟେସନରେ ଟ୍ରେନର ଯିବାଆସିବା ସଂବନ୍ଧୀୟ ସମୟ ଦେଖାଉଥିବା ସୂଚନାପଟ୍ଟ ବା ବୋର୍ଡକୁ ନିଶ୍ଚୟ ଧ୍ୟାନ ଦେଉଥିବେ । ଏହା ସୂଚନା ଅଟେ ସମ୍ବାଦ ନୁହେଁ । କିନ୍ତୁ ଏହି ସୂଚନା ସମ୍ବାଦ ହୋଇପାରିବ । ଯଦି ଦିଆଯାଇଥିବା ଟ୍ରେନର ସମୟରେ କୌଣସି ପରିବର୍ତ୍ତନ ହୁଏ ତେବେ ଏହା ସମ୍ବାଦ ହୋଇଯିବ ।

ସେହିପରି ଆୟକରର ବିଭିନ୍ନ ସ୍ତର ବା ସ୍ଲାବ ସମ୍ବାଦ ନୁହେଁ । କିନ୍ତୁ ଏହି ସ୍ତରରେ କୌଣସି ବଢିବା ବା କମିବା ସରକାରୀ ସ୍ତରରେ ଘୋଷଣାହେଲେ ଏହା ସମ୍ବାଦ ହୋଇଯାଏ ।

ମୌସୁମୀ ସମ୍ବନ୍ଧିତ ଖବର ଆପଣ ନିଶ୍ଚୟ ଦେଖିଥିବେ । ଏହା ଦିନର ବିଶେଷ ତାପମାତ୍ରା ବର୍ଷା ଇତ୍ୟାଦି ସଂପର୍କରେ ସୂଚିତ କରିଥାଏ । ଏହା ସମ୍ବାଦ ନୁହେଁ । ଯଦି ହଠାତ୍ ମୌସୁମୀରେ ପରିବର୍ତ୍ତନ ଆସେ ତେବେ ଏହା ସମ୍ବାଦ ଅଟେ । ପ୍ରବଳ ବର୍ଷାରେ ନଦୀବଢିର ପରିସ୍ଥିତି ତଥା ବର୍ଷାନହୋଇ ମରୁଡିର ସମ୍ଭାବନା ସମ୍ବାଦ ଅଟେ ।

ସୁତରାଂ ଆମେ କହିପାରିବା ସୂଚନା ସମ୍ବାଦଠାରୁ ଭିନ୍ନ ଅଟେ । ସମ୍ବାଦ ପାଠକ, ଶ୍ରୋତା ତଥା ଦର୍ଶକମାନଙ୍କୁ କିଛି ନୂତନ ତଥ୍ୟ ଉପରେ ପରିଚିତ କରିଥାଏ ।

## 6.3 ସମ୍ବାଦର ଆଧାର:-

ସାଧାରଣ ଭାବରେ ଏହା ଗ୍ରହଣ କରାଯାଏ କି ଯଦି ସମ୍ବାଦର ବିବରଣୀ କୌଣସି ୬ଟି ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରେ ତେବେ ଏହା ଗୋଟିଏ ନିର୍ଭୁଲ ସମ୍ବାଦ ହୋଇଥାଏ । ଏହି ୬ଟି ପ୍ରଶ୍ନ ୬ଟି "କ"ର କାରକ ଅଟେ ଯଥା କେବେ ? କେଉଁଠି ? କ'ଣ ? କାହିଁକି ? କିଏ ତଥା କିପରି ?

ଧରି ନିଅନ୍ତୁ ଆପଣ ଗୋଟିଏ ସମ୍ବାଦ ଶୁଣିଲେ ସ୍କୁଲରୁ ଫେରୁଥିବା ସମୟରେ ଶିଶୁଟି ଅପହରଣ କରାଯାଇଛି । ନିଶ୍ଚିତଭାବରେ ଆପଣଙ୍କ ମନରେ ପ୍ରଶ୍ନ ଉଠିବ କେତେବେଳେ କେଉଁଠି ଏହି ଘଟଣା

ଘଟିଛି । ଏହାପରେ ଆପଣ ପୂରା ଘଟଣା ଜାଣିବା ପାଇଁ ବ୍ୟଗ୍ରହେବେ । ପୁଣି ଆପଣ ଚିନ୍ତା କରିବେ ଏପରି କାହିଁକି ହେଲା ? ଆପଣ ଅପହରଣ କର୍ତ୍ତାଙ୍କ ବିଷୟରେ ଜାଣିବାପାଇଁ ଚାହିଁବେ । ତ ସେମାନେ କିଏଥିଲେ ?ପରିଶେଷରେ ଯେତେବେଳେ ପୂରା ଅପହରଣର ସମ୍ବାଦ ଆପଣ ଜାଣିପାରିବେ ସେତେବେଳେ ଆପଣଙ୍କ ଜାଣିବାର ଇଚ୍ଛା ପୂରାହେବ । ଯେ ପର୍ଯ୍ୟନ୍ତ ଉକ୍ତ ଛଅ କ କାରର ଉତ୍ତର ପ୍ରସ୍ତୁତ ନହୋଇଛି ସମ୍ବାଦ ପୂର୍ଣ୍ଣ ହୋଇପାରିବ ନାହିଁ ।

**ଅପହୃତ ବ୍ୟବସାୟୀଙ୍କ ପୁତ୍ର ଉଦ୍ଧାର, ଅପହର୍ତ୍ତା ଗିରଫ:-**

ଗାଜିଆବାଦ

ସହରର ପ୍ରମୁଖ ବ୍ୟବସାୟୀଙ୍କ ପୁତ୍ର ରାହୁଲ(୭ବର୍ଷ)ସ୍କୁଲରୁ ଫେରୁଥିବା ସମୟରେ ଅପହରଣ କରାଗଲା । କୁହାଯାଉଛି ରାହୁଲ ସବୁଦିନ ଭଳି କାରରେ ଘରକୁ ଫେରୁଥିଲା । ନଏଡା ରୋଡ ଉପରେ ବଦମାସମାନେ କାରକୁ ଅତିକ୍ରମ କରି ଅଟକାଇଦେଲେ ଏବଂ ଡ୍ରାଇଭରକୁ ମାରଣାସ୍ତ୍ର ଜରିଆରେ ଧମକ ଦେଇ ପିଲାଟିକୁ ନେଇ ପଳାଇଗଲେ ।ଡ୍ରାଇଭର କହିବା ଅନୁସାରେ ଅପହରଣ କର୍ତ୍ତା ଚାରିଜଣ ଥିଲେ ଏବଂ କମ୍ ବୟସର ଥିଲେ । ସେ ଯଥାଶୀଘ୍ର ବ୍ୟବସାୟୀଙ୍କୁ ସୂଚନାଦେଲେ ସିଏ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଖବର ଦେଇଥିଲେ । ପୋଲିସ ସମଗ୍ର ସହରକୁ ଘେରାବନ୍ଧକରି ତୁରନ୍ତ ଖୋଜିବାର ଅଭିଯାନ ଆରମ୍ଭ କରିଦେଲେ ।

ଦ୍ୱିପ୍ରହର ସମ୍ଭବତଃ ଦୁଇଟାବେଳେ ଗାଜିଆବାଦର ବଙ୍କା ରାସ୍ତାରେ ପୋଲିସକୁ ଗୋଟିଏ ଅଜ୍ଞାତ ଭ୍ୟାନ ଦେଖାଦେଲା ଯେଉଁଥିରେ ବସିଥିବା ଲୋକ ଏହି ଘେରାବନ୍ଧକୁ ଦେଖି ପଳାଇଯିବାକୁ ଆରମ୍ଭ କରିଥିଲେ । ପୋଲିସ୍ କିଛିବାଟ ଅନୁସରଣ କରିବାପରେ ପିଲାଟିକୁ ଉଦ୍ଧାର କରିଥିଲେ ଏବଂ ସେହି ବଦମାସମାନଙ୍କୁ ନିଜ କବ୍‌ଜାକୁ ଆଣିଥିଲେ ।

**6.3 ସମାଚାରରେ ଛଅଟି "କ"କାରକ**

## ପାଠଗତ ପ୍ରଶ୍ନ : 6.2

1- ସେଇ ଛ ପ୍ରଶ୍ନର ଉଲ୍ଲେଖ କରନ୍ତୁ ଯେଉଁଥିରେ ସମ୍ବାଦ ପୂରା ହୋଇଥାଏ ।

2- ଉପଭୋକ୍ତାଙ୍କ ମୂଲ୍ୟ ସୂଚକାଙ୍କ__________(ସୂଚନା ଅଟେ, ସମ୍ବାଦ ଅଟେ)

**6.4 ସମ୍ବାଦର ମୂଲ୍ୟ :-**

ସମ୍ବାଦ କ'ଣ ଏବଂ କ'ଣ ନୁହେଁ ସାମ୍ବାଦିକ ଏହାର ସର୍ବଶ୍ରେଷ୍ଠ ନିର୍ଦ୍ଧାରକ ଅଟନ୍ତି । ନିମ୍ନରେ ଦିଆଯାଇଥିବା ବ୍ୟାଖ୍ୟା ଏହାର ଆଧାର ଅଟେ ।

**ସମୟାନୁବର୍ତ୍ତିତା:-**

କିଛି ନୂଆ ସମ୍ବାଦ ଅଛି । ସୁତରାଂ ସମୟାନୁବର୍ତ୍ତିତା ସମ୍ବାଦ ନିର୍ଦ୍ଧାରଣର ପ୍ରମୁଖ ଆଧାର ଅଟେ । ମାସେ ପୂର୍ବରୁ ଘଟିଥିବା ଘଟଣା ଆଜିର ଖବରକାଗଜ ପାଇଁ ସମ୍ବାଦ ଅଟେନାହିଁ । ସଂସ୍କରଣରେ



ଟିପ୍‌ପଣୀ

ବର୍ଣ୍ଣନା କରାଯାଇଥିବା ଆଧାରକୁ ନେଇ ସମୟାନୁବର୍ତ୍ତିତା ନିର୍ଦ୍ଧାରଣ କରାଯାଏ । ଦୈନିକ ଖବରକାଗଜ ପାଇଁ ୨୪ଘଣ୍ଟା ମଧ୍ୟରେ ଘଟିଥିବା ଘଟଣା ସମ୍ବାଦ ଅବା ଖବର ଅଟେ । କିନ୍ତୁ ସାପ୍ତାହିକିରେ ସପ୍ତାହ ଭିତରେ ଘଟିଥିବା ଖବର ଅଟେ । ଗୋଟିଏ ୨୪ଘଣ୍ଟିଆ ପ୍ରସାରିତ ଖବର ଚାନେଲ ପାଇଁ ପ୍ରତିସେକେଣ୍ଡ୍ ଡେଡ୍ ଲାଇନ୍ ଅଟେ । କୌଣସି ସମୟରେ ଖବର ଆସିପାରେ । ସୁତରାଂ ସେମାନଙ୍କ ପାଇଁ ସମୟାନୁବର୍ତ୍ତିତା ଖବରକାଗଜଠାରୁ ଅଲଗା ।

**ପ୍ରଭାବ:-**

ଘଟଣାର ପ୍ରଭାବ ମଧ୍ୟ ସେଇ ସମ୍ବାଦର ମୂଲ୍ୟ ନିର୍ଦ୍ଧାରଣ କରିଥାଏ । ଯେତେବେଳେ ସୁନାମୀର କରାଳ ଛାୟାରେ ସମଗ୍ର ବିଶ୍ୱ ପ୍ରଭାବିତ ହେଲେ, ଲକ୍ଷ୍ୟାଧିକ ଲୋକଙ୍କ ଉପରେ ଏହାର ପ୍ରଭାବ ପଡିଥିଲା, ଏହା ସମଗ୍ର ଦୁନିଆପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ହୋଇଯାଇଥିଲା । କିନ୍ତୁ ଯଦି ଘୂର୍ଣ୍ଣିବାତ୍ୟାର ପ୍ରଭାବରେ ବଙ୍ଗଳାଦେଶରେ ୨୦ଜଣ ମରିଥାନ୍ତି ତା'ର କୌଣସି ପ୍ରଭାବ ପଡେନାହିଁ । ଯେତେବେଳେ ଡେଙ୍ଗୁରେ ୧୦୦ଲୋକ ଦିଲ୍ଲୀରେ ପ୍ରଭାବିତ ହୁଅନ୍ତି ଦିଲ୍ଲୀ କାହିଁକି ଅନ୍ୟାନ୍ୟ ରାଜ୍ୟରେ ମଧ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଖବର ହୋଇଥାଏ । ଏହାର ପ୍ରଭାବ ବ୍ୟାପକ ଅଟେ ଏବଂ ଅନ୍ୟାନ୍ୟ ରାଜ୍ୟର ଲୋକମାନେ ଏଥିରେ ସତର୍କ ହୋଇଯାଆନ୍ତି ।

**ଦକ୍ଷିଣ ଭାରତରେ କଂପନ ତଥା ଜୁଆର ଲହରୀର ଆତଙ୍କ:-**

**କଂପନ ତଥା ଜୁଆରିଆ ଲହରୀର ପ୍ରଭାବରେ ଦକ୍ଷିଣ ଭାରତରେ ବହୁ କ୍ଷୟକ୍ଷତିର ଖବର ଆସିଛି । ସୁନାମିର ପ୍ରଭାବରେ ପୂର୍ବ ତଥା ଦକ୍ଷିଣ ଉପକୂଳବର୍ତ୍ତୀ ଅଞ୍ଚଳରେ ୧୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଆଶଙ୍କା ହୋଇଛି । ଜୁଆରୀଆ ଲହରୀର ପ୍ରଭାବରେ ଗୁଣ୍ଟୁର, ତାମିଲନାଡୁରେ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି । ତାମିଲନାଡୁ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ସମ୍ଭବତଃ ୮୦୦ରୁ ଅଧିକଙ୍କର ଏଥିରେ ମୃତ୍ୟୁ ଘଟିଛି ।**

**ତାମିଲନାଡୁରେ ୩୫୦ଲୋକଙ୍କ ମୃତ୍ୟୁର ସ୍ପଷ୍ଟ ହୋଇଛି । ଯେଉଁଥିରେ କେବଳ ଏକୁଟିଆ ଚେନ୍ନାଇରେ ୧୦୦ରୁ ଅଧିକ ଲୋକ ମରିଛନ୍ତି । ପ୍ରଦେଶର କୁଡାଲୋରରେ ୨୩୯ଲୋକଙ୍କ ମୃତ୍ୟୁ ଘଟିଛି । ଯାହାକି ୨୭୩ ଲୋକଙ୍କର ନାଗପଟ୍ଟନମ୍‌ରେ ମୃତ୍ୟୁର ସ୍ପଷ୍ଟିକରଣ କରାଯାଇଛି ।**

**କଳ୍ପକମ୍‌ସ୍ଥିତ ପରମାଣୁ ଶକ୍ତି କେନ୍ଦ୍ରରେ ପାଣି ପଶିଯିବାରୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ବନ୍ଦକରି ଦିଆଯାଇଛି । ମାଛ ଧରାଳୀଙ୍କ କେତେକ ଗ୍ରାମ ଜଳମଗ୍ନ ହୋଇଯାଇଛି ଫଳରେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧିପାଇବାର ସମ୍ଭାବନା ଅଛି । କନ୍ୟାକୁମାରୀର ବିବେକାନନ୍ଦ ସ୍ମାରକୀରେ ୫୦୦ଲୋକ ଜଳବନ୍ଦୀରେ ଅଟକି ଥିବାର ଆଶଙ୍କା କରାଯାଉଛି ।**

### 6.4 ସୁନାମିର ପ୍ରଭାବ

- **ସାନ୍ନିଧ:-**ବାର୍ଡ ଫ୍ଲୁ ବ୍ୟାପୁଛି ଏବଂ ବ୍ରିଟେନରେ ଶତାଧିକ କୁକୁଡା ମରୁଛନ୍ତି । କ'ଣ ଏହା ଆପଣଙ୍କ ପାଇଁ ସମ୍ବାଦଅଟେ ? ଆପଣ ଏହାକୁ ପଢିବେ କିନ୍ତୁ ସେତେଟା ବ୍ୟଥିତ ହେବେନାହିଁ ।



ଟିପ୍ପଣୀ

କିନ୍ତୁ ବାର୍ଡ ଫ୍ଲୁ ପଶ୍ଚିମ ବଙ୍ଗଳାରେ କାୟା ବିସ୍ତାର କରୁଛି ଏହି ଖବରରେ ଆପଣ ସତର୍କ ହୋଇଯିବେ । ଏହା ଏଥିପାଇଁ କାରଣ ଦ୍ୱିତୀୟ ଖବରଟି ଆପଣଙ୍କର ପାଖରେ ଅଛି । ଯଦି ପେରୁ(ଦକ୍ଷିଣ ଆମେରିକା)ରେ ବିମାନ ଦୁର୍ଘଟଣା ହୁଏ ଭାରତ ପାଇଁ ଏହା ଏକ ବଡ ଖବର ନହୋଇପାରେ କିନ୍ତୁ ଯଦି ଭାରତରେ କୌଣସି ବିମାନ ଦୁର୍ଘଟଣା ହୁଏ ସବୁ ସ୍ଥାନରେ ଏହା ଚର୍ଚ୍ଚାର ବିଷୟ ହୋଇଯିବ । ସୁତରାଂ ସାନ୍ନିଧ ବା ସମୀପବର୍ତ୍ତୀ ଦ୍ୱାରା ଖବର ନିର୍ଦ୍ଧାରଣ ହୋଇଥାଏ ।

**ଅଧାରୁ ଅଧିକ ବଙ୍ଗଳା ବାର୍ଡ ଫ୍ଲୁରେ ପ୍ରଭାବିତ**

23 ଜାନୁଆରୀ 2008

କୋଲକାତା 23 ଜାନୁଆରୀ । ବୁଧବାରଦିନ କୁଚବିହାର ତଥା ହୁଗ୍ଲୀକୁ ମଧ୍ୟ ବାର୍ଡ ଫ୍ଲୁ ପ୍ରଭାବିତ ଘୋଷଣା କରିଦିଆଗଲା । ରାଜ୍ୟରେ ଏହି ମହାମାରୀରେ ପ୍ରଭାବିତ ଜିଲ୍ଲାର ସଂଖ୍ୟା ବୃଦ୍ଧିପାଇ ନଅ ହୋଇଯାଇଛି । ଅଧିକାରୀ ମାନଙ୍କ ଦ୍ୱାରା ତିନିଲକ୍ଷ କୁକୁଡାଙ୍କୁ ପ୍ରତିଦିନ ମାରିବା ସତ୍ତ୍ୱେ ମଧ୍ୟ ଏହି ମହାମାରୀ ବ୍ୟାପିବାରେ ଲାଗିଛି ।

ପଶୁପାଳନ ବିକାଶମନ୍ତ୍ରୀ ଅନସୁର ରେହମନ କହିଛନ୍ତି କୁଚବିହାର ତଥା ହୁଗୁଳି ଜିଲ୍ଲାରୁ ଭୋପାଳସ୍ଥିତ ହାଇରିସ୍କ ସିକ୍ୟୁରିଟି ଡିଜିର ଲାବୋରଟୋରି(ଏଚଏସ୍‌ଡିଏଲ୍)କୁ ପରୀକ୍ଷା ପାଇଁ ଯାଇଥିବା ନମୁନାକୁ କାଲି ଫ୍ଲୁଥିବା ସ୍ୱଷ୍ଟ କରିଦିଆଯାଇଛି । ସେ କହିଛନ୍ତି କେନ୍ଦ୍ରରୁ ଆମକୁ ସୂଚନା ମିଳିଛି ତଥା ସେହି ଅନୁସାରେ ରକ୍ଷାକରାଯିବାର ଉପାୟ ଚିନ୍ତା କରାଯିବ । ରେହମନ କହିଛନ୍ତି ସଂକ୍ରମିତ ନମୁନା କୁଚବିହାରର ଦେହାରା ତଥା ହୁଗୁଳିର ବାଳାଗଡରୁ ଆସିଅଛି । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଏଥିରେ ମଣିଷଙ୍କର ପ୍ରଭାବିତ ହେବାର କୌଣସି ସୂଚନାନାହିଁ । ସେ ଆହୁରି କହିଛନ୍ତି ଯେ ପୂର୍ବରୁ ପ୍ରସ୍ଥାବିତ ୨୦ଲକ୍ଷ ଛୁଆ କୁକୁଡାଙ୍କୁ ମାରିବାର ଲକ୍ଷ୍ୟକୁ ଆହୁରି ବୃଦ୍ଧି କରାଯିବ । ଏବେ ପ୍ରତ୍ୟେକ ଦିନ ୩ ଲକ୍ଷ କୁକୁଡା ମାରିବାର ଯୋଜନା ଅଛି । ୬୦୦ଟି ଦଳ ଏହିକାମରେ ନିୟୋଜିତ ହୋଇଛନ୍ତି । ଆଠଟି ରାଜ୍ୟରୁ 150 ଟି କୌଶଳି ଦଳ ଏହ ନିର୍ମୂଳନ ପ୍ରକ୍ରିୟାକୁ ତଦାରଖ କରିବାପାଇଁ ଖୁବ୍ ଶୀଘ୍ର ଆସୁଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ହରୟାଣା, ଆସାମ, ମହାରାଷ୍ଟ୍ର, ଓଡିଶା ତଥା ଝାଡଖଣ୍ଡର ପ୍ରତିନିଧି ।

**(ଚିତ୍ର : 6.5 ସମ୍ବାଦ ବିଷୟ, ବାର୍ଡ ଫ୍ଲୁ)**

- **ବିବାଦ:-**ଲୋକଙ୍କର ବିବାଦରେ ରୁଚିଥାଏ । ସଂଘର୍ଷ, ବାଦ-ବିବାଦ, ଆରୋପ-ପ୍ରତ୍ୟାରୋପ, ଲଢେଇ-ଝଗଡା ତଥା ଚିନ୍ତାଗ୍ରସ୍ତ ଇତ୍ୟାଦିରୁ ସମ୍ବାଦ ବା ଖବରର ସୃଷ୍ଟି । କାରଗିଲ ବିଷୟରେ ଆପଣମାନେ ସମସ୍ତେ ଶୁଣିଥିବେ । ଏହା ଭାରତ ପାକିସ୍ଥାନ ମଧ୍ୟରେ ସଂଘର୍ଷ ଅଟେ । ଏହା ସମଗ୍ର ଦୁନିଆରେ ଏକ ମହତ୍ୱପୂର୍ଣ୍ଣ ଖବର ଥିଲା । ଆପଣ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ବିବାଦ ସୃଷ୍ଟିର ମନେଥିବ । ଏ ସମସ୍ତ ଗଣମାଧ୍ୟମ ପାଇଁ ଖବରଅଟେ । ଯେତେବେଳେ ନ୍ୟୁୟର୍କର ଓ୍ୱାର୍ଲ୍ଡଟ୍ରେଡ ଟାୱାରରେ ଆତଙ୍କବାଦୀମାନେ ଆକାଶମାର୍ଗରେ ମାଡ କରି ଧ୍ୱଂସ କରିଥିଲେ ପୃଥିବୀସାରା ଏହା ଏକ ବଡ ଖବର ହୋଇଯାଇଥିଲା ।

ଟିପ୍ପଣୀ

**ମହତ୍ତ୍ୱ:-**ଯଦି କୌଣସି ଘଟଣା ସହିତ ଏକ ମହତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କର ଜଡିତ ରହିଥାଏ ଏହା ଏକ ସମ୍ବାଦ ବା ଖବର ହୋଇଯାଏ । ଯଦି କୌଣସି ବ୍ୟକ୍ତିଙ୍କର ରାସ୍ତାରେ ଗାଡି ଖରାପ ହୋଇଯାଏ ଏବଂ ରାସ୍ତାରେ ତାଙ୍କୁ ଦଶମିନିଟ୍ ଠିଆ ହେବାକୁ ପଡେ ଏହା ଖବର ହୁଏନାହିଁ । କିନ୍ତୁ ଯଦି ପ୍ରଧାନମନ୍ତ୍ରୀଙ୍କର କାର ହୋଇଥାଏ ଏବଂ ତାଙ୍କ କାର ପଟୁଆରକୁ ୫ମିନିଟ୍ ଅପେକ୍ଷା କରିବାକୁ ପଡେ ଏହା ଏକ ବିରାଟ ଖବର ହୋଇଯାଏ । ଯଦି କୌଣସି ସାଧାରଣ ବ୍ୟକ୍ତି ରାଜଘାଟ ଯାଇ ମହାତ୍ମାଗାନ୍ଧୀଙ୍କ ସମାଧିସ୍ଥଳରେ ପୁଷ୍ପ ଅର୍ପଣକରେ ତାହା ସମ୍ବାଦ ହୁଏନାହିଁ । ଅଥଚ ଆମେରିକାର ରାଷ୍ଟ୍ରପତି ଏହି ପୁଷ୍ପସୁମନ ଅର୍ପଣକଲେ ଏହା ଏକ ସମ୍ବାଦ ହୋଇଯାଏ ।

**ପୋପ୍‌ଙ୍କର ତୁର୍କି ଗସ୍ତ-ପ୍ରଥମ ମୁସଲମାନ ଦେଶ ଗସ୍ତ**

ଆନକାରା, ତୁର୍କି-ପୋପ୍ ବେନେଡିକ୍ଟ 16 ମଙ୍ଗଳବାର ନିଜ ନିଜ ମଧ୍ୟରେ ଧାର୍ମିକ ଭାବନାକୁ ବିଶ୍ୱାସ ସ୍ଥାପନ ପୂର୍ବକ ଭ୍ରାତୃତ୍ୱ ବିଶ୍ୱାସର ବାର୍ତ୍ତା ବହନ କରି ନିଜର ପ୍ରଥମ ମୁସଲମାନ ରାଜ୍ୟ ଗସ୍ତକ୍ରମରେ ପ୍ରଥମଥର ଭାବରେ ଏ ଗସ୍ତ ଆରମ୍ଭ କରିଛନ୍ତି । ତୁର୍କିର ଇସଲାମିକ ଧର୍ମର ମୁଖ୍ୟ ଏକ ମିଳିତ ବକ୍ତବ୍ୟରେ ଇସ୍‌ଲାମୀୟମାନଙ୍କୁ ସମସ୍ତଙ୍କର ଭୟ ଏହା ସମସ୍ତ ମୁସଲମାନମାନଙ୍କ ପାଇଁ ଦୁଃଖର ବିଷୟ କହିଛନ୍ତି ।

ପୋପ୍ କହିଛନ୍ତି ଧାର୍ମିକ ସ୍ୱତନ୍ତ୍ରତା ଆଜିର ସମାଜ ପାଇଁ ଏକାନ୍ତ ଆବଶ୍ୟକ । ଧାର୍ମିକ ନେତାମାନଙ୍କୁ ଧର୍ମ ନାମରେ ହିଂସା ସୃଷ୍ଟିକୁ କଠୋର ଭାବରେ ବିରୋଧ କରିବାକୁ ସେ କହିଛନ୍ତି । ସେ ସିଧାସଳଖ ଭାବରେ ମୁସଲମାନମାନଙ୍କ ନାମକୁ ନେବାରେ ସତର୍କତା ହୋଇଯାଇଥିଲେ । କିନ୍ତୁ ମଧ୍ୟପୂର୍ବ ଦେଶମାନଙ୍କରେ ଅରାଜକତା, ହିଂସା ତଥା ରକ୍ତାକ୍ତ ଖୁନ୍, ଖରାବ ପାଇଁ ଆତଙ୍କବାଦୀ ମାନଙ୍କ ଆଡକୁ ଦେଖି ଚିନ୍ତା ବ୍ୟକ୍ତ କରିଥିଲେ ।

ପୋପ୍‌ଙ୍କର ଏହି ଧାର୍ମିକ ସ୍ୱାଧୀନତା ସମ୍ବନ୍ଧୀୟ ବକ୍ତବ୍ୟ ଭାଟିକାନ ସହରକୁ ବିବାଦର ଘେରରେ ଆଣିପାରେ । କାରଣ ଦୁନିଆରେ କିଛି ରାଷ୍ଟ୍ର କେବଳ ମୁସଲମାନ ମାନଙ୍କୁ ସାର୍ବଜନୀକ ଭାବେ ଧାର୍ମିକ କ୍ରିୟାକଳାପ ପାଇଁ ଅନୁମତି ଦିଆଯାଇଛି ତଥା ଏହି ଧାର୍ମିକ ଅଳ୍ପସଂଖ୍ୟକଙ୍କପାଇଁ ଅନେକ ଗୁଡିଏ ନିଷେଧାଦେଶ ରହିଛି । ଆସନ୍ତା ଚାରିଦିନର ଗସ୍ତ ସମୟରେ ଏହି ଦୃଷ୍ଟିକୋଣ ଆହୁରି ବିବାଦର କାରଣ ହୋଇପାରେ କାରଣ ଯେହେତୁ ପୋପ୍‌ଙ୍କର ସାକ୍ଷାତ୍‌କାର ଜଣେ ଖ୍ରୀଷ୍ଟିୟାନ୍ ଧର୍ମଭୀରୁ ଇକୁମେନିକାଲ ପାଟ୍ରିଆନ୍ ବାର୍ଥୋଲୋମିୟଙ୍କ ସହିତ ଇସ୍ତାମବୁଲ୍‌ରେ ହେବାର ଅଛି ।

**6.6 ପୋପ୍‌ଙ୍କ ଗସ୍ତ**

**ସମସାମୟିକ କ'ଣ:-**ସମ୍ବାଦ ସମସାମୟିକ ଘଟଣା କ୍ରମର ବିବରଣୀ ଅଟେ । ଧରନ୍ତୁ ଭାରତରେ ଅଲମ୍ପିକ ଖେଳ ହେଉଛି । ଏହା ଖବରରେ ଆସିବ କାରଣ ଏଥିରେ ସମସ୍ତଙ୍କର ଆଗ୍ରହ ଅଛି । ଠିକ୍ ସେହିପରି ନୂଆଦିଲ୍ଲୀରେ ଦକ୍ଷିଣକେନ୍ଦ୍ର ରାଷ୍ଟ୍ରସମୂହ କାର୍ଯ୍ୟ ଯୋଜନାକୁ ରୂପରେଖ ଦେବାପାଇଁ ସମ୍ମିଳୀତ ହେଲେ ଏହା ଖବର ହୋଇଥାଏ । ଏହିପରି ସପ୍ତାହକ ଭିତରର ଭୀଷଣ ଥଣ୍ଡା ତଥା କୁହୁଡିର ଘେରରେ ରେଳ, ବିମାନ, ତଥା ସଡକ ପରିବହନ ଅଚଳ ହୋଇଗଲେ ଏହା ମଧ୍ୟ ଖବର ହୋଇଥାଏ ।



ଟିପ୍ପଣୀ

**ଅସାମାନ୍ୟତା:-**ଅସାମାନ୍ୟ ତଥ୍ୟରେ ମଧ୍ୟ ଖବର ହୋଇଥାଏ । ବିଶିଷ୍ଟ ତଥା ଅପ୍ରତ୍ୟାଶିତ ଘଟଣା ପାଇଁ ଲୋକଙ୍କର ଆଗ୍ରହ ଅଧିକ ଥାଏ । ଆପଣମାନେ ଖବରକାଗଜରେ ଏହିପରି ଘଟଣା ବକ୍ସଭିତରେ ଛପାଯାଇଥିବା ଦେଖିପାରୁଥିବେ । ଜଣେ ବ୍ୟକ୍ତି ନିଜର କେଶରେ କାରକୁ ଟାଣିବା, ଜଣେ ମହିଳା ଏକକାଳୀନ ୬ଟି ପିଲାଙ୍କୁ ଜନ୍ମଦେବା, ଜଣେ ଗାୟକ ଏକକାଳୀନ ୪୮ଘଣ୍ଟା ସଂଗୀତ ଗାନକରି ଗିନିଜ୍ ବୁକ୍‌ରେ ନିଜର ନାମ ସାମିଲ କରିବା, କୌଣସି ଚିତ୍ରକାରଙ୍କର କଳାକୃତି ଅଧିକ ମୂଲ୍ୟରେ ବିକ୍ରିହେବା ଏ ସମସ୍ତ ଅସାମାନ୍ୟ ଖବର ଅଟେ । ଅସାମାନ୍ୟତା ଖବରରେ ଲୋକଙ୍କର ଆଗ୍ରହ ଅଧିକ ଥାଏ ।



# A tamarind grove as bio-heritage site

M. Raghuram

DEVANAHALLI: Nallur, a village in Devanahalli taluk in Bangalore Rural district which once hosted vast tamarind groves, is now left with a patriarch of a tree, estimated to be 900 years old, still bearing fruit. The grove is now a bio-heritage site and the Karnataka Forest Department has been taking care of it for the last few years.

The tree was among thousands planted during Rajendra Chola's time at the beginning of the 12th century. Adjacent to the King Tamarind there is Chennakeshava temple built during the Chola period.

The tree stands majestically by the side of the ruins on the road from Devanahalli to Sulibele, 40 km from Bangalore.

... ter to be studied by biotechnologists."

Dr. Bhaskar added: "Some trees here have shown extraordinary growth. They have developed prop roots and root suckers that are uncharacteristic of tamarind trees. I reported this phenomenon in *My Forest* journal in June 2004. Even though the mother trunk was dead, a series of root suckers have arisen from the trunk roots, which were not only unusual but also unknown."

According to Dr. Bhaskar, prop roots are characteristic of banyan trees and are meant to support lateral extension. But in these tamarind trees prop roots have unusually arisen from within the hollow stems and struck the ground as if the trees were trying to support themselves.

Says horticulture ...

**(ଚିତ୍ର : 6.7 ତେନ୍ତୁଳି ବୃକ୍ଷ, ଏକ ଜୈବିକ ଧରୋହର ଅସାମାନ୍ୟତା ଖବର)**

**ଭାବପ୍ରବଣତା:-**ମାନବୀୟ ଅତି ଆଗ୍ରହ ବିଷୟରୁ ବହୁତ ଭଲ ଖବର ହୋଇଥାଏ । ଉଦାହରଣ- କୌଣସି ଗୋଟିଏ ଛୋଟପିଲାକୁ ଦୁଇ ସପ୍ତାହର ଖୋଜାଖୋଜି ପରେ ପୋଲିସର ଉଦ୍ଧାର । ପିଲାର ବ୍ୟଥିତ ପିତାମାତା ପିଲାକୁ ଦେଖି ତିନିଜଣଙ୍କ ଆଖିରୁ ଅଶ୍ରୁର ଧାର ବୋହିବା । ମା-ବାପା ତଥା ପିଲାର ଫଟୋକୁ ନେଇ ଏକ ସୁନ୍ଦର ଭାବପ୍ରବଣ ସମ୍ବାଦ ହୋଇପାରେ । ପାକିସ୍ଥାନର କୌଣସି ପିଲାକୁ ଡାକ୍ତର ତୁରନ୍ତ ହୃଦୟର ଅପରେସନ ପାଇଁ କହିବା । ପିଲାର ଗରିବ ବାପାମାଙ୍କ ପାଖରେ ଚିକିତ୍ସାର ଖର୍ଚ୍ଚ ଉଠାଇବା ପାଇଁ ସମ୍ବଳ ନଥିବା । ଏପରି ସ୍ଥଳରେ ପୂର୍ବ ଦିଲ୍ଲୀ ରୋଟାରୀ କ୍ଲବ "ଜୀବନ ଉପହାର" ଯୋଜନାରେ ପିଲାଟିର ଚିକିତ୍ସା ଖର୍ଚ୍ଚ ବହନ କରିଥାଏ । ପିଲାଟି ଭାରତ ଆସେ ଏବଂ ତା'ର ଅପରେସନ୍ ସଫଳ ହୁଏ । ଘର ବାହୁଡା ସମୟରେ ପିଲାଟିର ବାପାମା ଭାରତ ତଥା ଭାରତୀୟଙ୍କ ପ୍ରତି ନିଜ



ଟିପ୍‌ପଣୀ

ହୃଦୟର କୃତଜ୍ଞତା ପ୍ରଦାନ କରନ୍ତି । ଏଥିରେ ଗୋଟିଏ ଭଲ ମାନବୀୟ ଆଗ୍ରହ ସମ୍ପୂର୍ଣ୍ଣ ସମ୍ବାଦର ସୃଷ୍ଟି କରାଯାଇଥାଏ ।

**ଉପଯୋଗୀତା:-**କେତେକ ସମୟରେ ସମ୍ବାଦ ଲୋକମାନଙ୍କର ଅନେକ ସାହାଯ୍ୟ କରିଥାଏ । ଆପଣ ଧ୍ୟାନ ଦେଇଥିବେ ମୌସୁମୀରେ ଖରାପ ଆଶଙ୍କା କରୁଥିବା ସମୟରେ ମୌସୁମୀ ବିଶେଷଜ୍ଞମାନେ ମାଛଧରାଳୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ବାରଣ କରନ୍ତି । ସମ୍ବାଦପତ୍ର ଲୋକମାନଙ୍କର ସାହାଯ୍ୟପାଇଁ ପୋଲିସ୍‌ଷ୍ଟେସନ, ଡାକ୍ତରଖାନା, ଆମ୍ବୁଲାନ୍ସ, ସରକାରୀ କର୍ମଚାରୀଙ୍କ ଫୋନ୍ ନମ୍ବର ଏହି କାଗଜରେ ପ୍ରକାଶିତ କରିଥାନ୍ତି । ସମ୍ବାଦପତ୍ରରେ ଆପଣ ଏହା ମଧ ଦେଖିଥିବେ ଗମ୍ଭିର ଅବସ୍ଥାରେ ଭର୍ତ୍ତି ହୋଇଥିବା ରୋଗିର ନିକଟ ସମ୍ପର୍କୀୟ ରକ୍ତଦାନ ପାଇଁ ଏଥିରେ ଅନୁରୋଧ କରିଥାନ୍ତି । ସମ୍ବାଦପତ୍ର ଜାତୀୟ ଆପଦକାଳୀନ ପରିସ୍ଥିତି ଯେପରି ଭୂମିକମ୍ପ, ସୁନାମୀ ଆଦିପାଇଁ ପାଣ୍ଠି ସଂଗ୍ରହ ନେତାଙ୍କଠାରୁ ମଧ କରିଥାଏ ।

**ଶୈକ୍ଷିକ ମହତ୍ତ୍ୱ:-**ସମ୍ବାଦର ଶିକ୍ଷଣୀୟ ମହତ୍ତ୍ୱ ମଧ ଅଛି । ଶିକ୍ଷଣୀୟ ତଥା ରୋଜଗାର ସମ୍ବନ୍ଧୀୟ ସୂଚନା ନିଶ୍ଚୟ ମିଳିବ । ଏଥିରେ ଆପଣମାନଙ୍କୁ ବିବିଧ ପାଠ୍ୟକ୍ରମ , ରୋଜଗାରର ସୁଯୋଗ, ଛାତ୍ରବୃତ୍ତି, ଶିକ୍ଷଣୀୟ ଅର୍ଥ, ଉଚ୍ଚଶିକ୍ଷା ଇତ୍ୟାଦିପାଇଁ ମହତ୍ତ୍ୱପୂର୍ଣ୍ଣ ଖବର ମିଳିଥାଏ । ସୂଚନା ପାଇବାପାଇଁ ଏ ସମ୍ବାଦପତ୍ରର ସ୍ତର ଆପଣଙ୍କ ପାଇଁ ଲାଭଦାୟକ ହୋଇଥାଏ ।

## ପାଠଗତ ପ୍ରଶ୍ନ : 6.3

1- ସମ୍ବାଦରେ ସମସାମୟିକତା କହିଲେ ଆପଣ କ'ଣ ବୁଝନ୍ତି ?

2- ସେଇ ପାଞ୍ଚଟି ବିନ୍ଦୁକୁ ଉଲ୍ଲେଖ କରନ୍ତୁ ଯାହା ଉପରେ ସାମ୍ବାଦିକ ସମ୍ବାଦର ମହତ୍ତ୍ୱ ନିର୍ଦ୍ଧାରିତ କରିଥାଏ ।

3- ଯେକୌଣସି ଦୁଇଟି ବିବାଦାସ୍ପଦ ସମ୍ବାଦ ପ୍ରସ୍ତୁତ କରନ୍ତୁ ।

## 6.5 ସମ୍ବାଦର ପ୍ରକାର ଭେଦ

ନିମ୍ନରେ ସମ୍ବାଦପତ୍ରରେ ଉଲ୍ଲେଖଥିବା କିଛି ମୁଖ୍ୟ ଶୀର୍ଷକ ଦିଆଗଲା ।

କ) ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଆରମ୍ଭ ।

ଖ) ମନମୋହନ ସିଂ ପ୍ରଧାନମନ୍ତ୍ରୀ ଭାବରେ ଶପଥନେଲେ ।

ଗ) ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ୨୦୦ ଅଧିକାରୀଙ୍କୁ ବରଖାସ୍ତକଲେ ।

ଘ) କରୋଲବାଗ୍‌ରେ ବ୍ୟବସାୟୀଙ୍କଠାରୁ ଲୁଟ୍ ।

ଉପରେ ଲିଖିତ ଚାରୋଟି ସମ୍ବାଦ ଅଟେ । କିନ୍ତୁ ସମସ୍ତ କ'ଣ ଏକା ପ୍ରକାରର ଅଟନ୍ତି ? ଆପଣ ଏମାନଙ୍କର ଭିତରୁ କିଛି ପ୍ରଭେଦ ବାହାର କରିପାରିବେ କି ? ଆମେ ଏହାକୁ ଚାରି ପ୍ରକାରରେ ଭାଗ କରିପାରିବା:-



ଟିପ୍ପଣୀ

କ)ଅର୍ନ୍ତରାଷ୍ଟ୍ରୀୟ ସମାଚାର

ଖ) ରାଷ୍ଟ୍ରୀୟ ସମାଚାର

ଗ) କ୍ଷେତ୍ରିୟ ସମାଚାର

ଘ)ସ୍ଥାନୀୟ ସମାଚାର

**କାର୍ଯ୍ୟକଳାପ : 6.1**

କୌଣସି ଖବରକାଗଜ ନିଅନ୍ତୁ ସେଥିରୁ ଉକ୍ତ ଚାରିପ୍ରକାରରେ ସୂଚିତ କରାନ୍ତୁ । ଏହା ଆପଣଙ୍କ ପାଇଁ ରୂଚିପୂର୍ଣ୍ଣ ଅନୁଭବ ରହିବ ।

ଉପର ବର୍ଣ୍ଣିତ ପ୍ରକାରର ବ୍ୟତିତ ସମ୍ବାଦପତ୍ରରେ ମଧ୍ୟ ଆପଣ ଆର୍ଥିକ ବ୍ୟବସ୍ଥା, ରାଜନୀତି, ଖେଳ, ଅପରାଧ ଆଦିରେ ଥିବା ସମାଚାର ନିଶ୍ଚୟ ଦେଖିଥିବେ । ଏହା ଏପର ବିଷୟ ଅଟେ ଯାହାର ଆଧାରରେ ସମ୍ବାଦର ପ୍ରକାର ତିଆରି ହୋଇଥାଏ । ଯେପରି ରାଜନୈତିକ, ଆର୍ଥିକ, ଖେଳ, ଅପରାଧ ଖବର । ସମାଚାରକୁ ମଧ ଆମେ କଠିନ ଏବଂ ସରଳ ରୂପରେ ବିଭକ୍ତ କରିପାରିବା । ଭାରତ ତଥା ପାକିସ୍ଥାନ କାଶ୍ମିର ପ୍ରସଙ୍ଗ ଉପରେ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହା କଠିନ ସମ୍ବାଦ ଅଟେ । ସେହିଭଳି ଭାବରେ ସଂଯୁକ୍ତ ରାଷ୍ଟ୍ରରେ ପରମାଣୁ ସନ୍ଧି ଉପରେ ପ୍ରଧାନମନ୍ତ୍ରୀଙ୍କ ସଂସଦରେ ଭାଷଣ ମଧ କଠିନ ସମ୍ବାଦର ଉଦାହରଣ ଅଟେ ।

ଏହାସାଥିରେ ମଧ ସରଳ ବା (ସଫ୍ଟ)ସମ୍ବାଦ ମଧ ଅଛି । କୌଣସି ସିନେ ତାରକାଙ୍କ ବିବାହର ପ୍ରସଙ୍ଗ ସରଳ ସମ୍ବାଦ ଅଟେ । କୌଣସି କ୍ରିକେଟ ତାରକାଙ୍କ ଅନାଥାଳୟକୁ ଯାଇ ପିଲାଙ୍କ ସହିତ ଭୋଜନ କରିବା ମଧ୍ୟ ହୃଦୟକୁ ଛୁଇଁଲାଭଳି ସରଳ(ସଫ୍ଟ)ସମ୍ବାଦ ଅଟେ ।

**6.6 ବିଶ୍ୱାସନିୟତା, ବାସ୍ତବିକତା ତଥା ନିରପେକ୍ଷତା**

ସାମ୍ବାଦିକ କେବଳ ସୂଚନାକୁ ଏକାଠି କରି ନଥାନ୍ତି ତା ସଂଗେ ପ୍ରକାଶନ ପୂର୍ବରୁ ଏହାର ଟିକି ନିଖି ପରୀକ୍ଷା କରିଥାନ୍ତି । ଏହାକୁ ଆମେ ତଥ୍ୟ ବା ବିବରଣୀ ପରୀକ୍ଷା କହିଥାଉ । ସାମ୍ବାଦିକ ଏଇଥିପାଇଁ ଏହା କରିଥାଏ କାରଣ ସେ ଗୋଟିଏ ନିରପେକ୍ଷ, ବାସ୍ତବବାଦୀ ତଥା ବିଶ୍ୱାସନୀୟ ସମ୍ବାଦ ପରିବେଷଣର ଲକ୍ଷ୍ୟ ରଖିଥାଏ ।

ବାସ୍ତବିକତାରେ ଆମର ଅଭିପ୍ରାୟ ବିନା କୌଣସି ଭେଦଭାବକୁ କୁହାଯାଏ । ସାମ୍ବାଦିକ କୌଣସି ସମ୍ବାଦ ସଂକଳନ କଲାବେଳେ ଅନେକ ଚାପରେ ଥାଏ । ବ୍ୟକ୍ତିଗତ, ବିଚାରଗତ, ରାଜନୈତକ ତଥା ଆର୍ଥିକ ବିପଦ ହୋଇପାରେ ଯେଉଁଥିରେ ପ୍ରଭାବିତ ହେବାର ସମ୍ଭାବନା ଥାଏ । ଯେଉଁ ପରିସ୍ଥିତିରେ ସାମ୍ବାଦିକ ଏ ସମସ୍ତଠାରୁ ନିଜର ରୁଚିକୁ ଦୂରେଇଦେଇ ନିଜେ ଏକନିଷ୍ଠ ଭାବରେ ସମ୍ବାଦ ପରିବେଷଣ କରେ ଏହା ବାସ୍ତବିକତାକୁ ବୁଝାଇଥାଏ ।

ନିରପେକ୍ଷତା ଅନ୍ୟ ଏକ ଗୁଣ ଅଟେ ଯାହା ସାମ୍ବାଦିକଙ୍କ ପାଇଁ ଆବଶ୍ୟକ ଅଟେ । ପ୍ରତ୍ୟେକ ସମ୍ବାଦର

ଦୁଇଟି ପକ୍ଷ ଥାଏ । ସମ୍ବାଦ ପ୍ରସ୍ତୁତ ସମୟରେ ସାମ୍ବାଦିକଙ୍କୁ କୌଣସି ଗୋଟିଏ ପକ୍ଷ ରଖିବା ଉଚିତ୍ ନୁହେଁ । ସେ ଯଦି କୌଣସି ବ୍ୟକ୍ତି, ସଂଗଠନ ତଥା ସଂସ୍ଥାର ବିପକ୍ଷରେ କିଛି ଲେଖୁଥାଆନ୍ତି ତେବେ ତାଙ୍କୁ ସେମାନଙ୍କର ମତାମତ ମଧ୍ୟ ନେବା ଉଚିତ୍ । ଏଥିରେ ଖବରଟିର ସନ୍ତୁଳନ ରକ୍ଷାହୋଇ ପାରିବ ।

ବିଶ୍ୱସନିୟତା ଯେକୌଣସି ସମ୍ବାଦପତ୍ର ସମ୍ବାଦ ଚ୍ୟାନେଲ୍ ତଥା ବେତାର ସେବାପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଟେ । ଜଣେ ପାଠକ ବିଶ୍ୱସନିୟତା ଉପରେ ଠିଆହୋଇ କୌଣସି ସମ୍ବାଦପତ୍ର ଉପରେ ବିଶ୍ୱାସ ପ୍ରକଟ କରିଥାଏ । ଯଦି କୌଣସି ସମ୍ବାଦପତ୍ର ଅବିଶ୍ୱସନୀୟ, ଅମାନବିକତା, ପକ୍ଷପାତୀ ତଥା ଭେଦଭାବ ପୂର୍ଣ୍ଣ ସମ୍ବାଦ ପ୍ରକାଶ କରେ ପାଠକ ସେ ସମ୍ବାଦପତ୍ରକୁ ପଢିବା ଛାଡିଦିଏ । ଏକ ସମ୍ବାଦପତ୍ର ଶହ ଶହ-ହଜାର ହଜାର ଲୋକ ପାଠକରନ୍ତି । ଯଦି କୌଣସି ଭୁଲ ସମ୍ବାଦ ଛପା ଯାଇଥାଏ ପୂର୍ବଦିନ ଭୁଲକୁ ସ୍ୱୀକାର କରି ଏହାକୁ ଠିକ୍ ଭାବରେ ପରିବେଷଣ କରିବା ଉଚିତ୍ । ଅନେକ ପାଠକ ଏହି ତ୍ରୁଟି ସଂଶୋଧନ ଦେଖିପାରନ୍ତି ନାହିଁ । ଯଦି ସମ୍ବାଦର ବିଶ୍ୱସନୀୟତା କ୍ଷୀଣ ହୋଇଯାଏ ତେବେ ଲୋକଙ୍କ ନଜରରେ ଏହାର ମହତ୍ତ୍ୱ କମିଯାଏ ।

## ପାଠଗତ ପ୍ରଶ୍ନ : 6.4

1- ଅନ୍ତରାଷ୍ଟ୍ରୀୟ ତଥା ରାଷ୍ଟ୍ରୀୟ ସମ୍ବାଦପତ୍ରର ଦୁଇଟି ଉଦାହରଣ ଦିଅନ୍ତୁ ।

2- କ୍ଷେତ୍ରିୟ ତଥା ସ୍ଥାନୀୟ ସମ୍ବାଦପତ୍ରର ଦୁଇଟି ଉଦାହରଣ ଦିଅନ୍ତୁ ।

3- ସମ୍ବାଦରେ ବିଶ୍ୱସନୀୟତା କହିଲେ ଆପଣ କ'ଣ ବୁଝନ୍ତି ?

## 6.7 ସମ୍ବାଦ ଏକ ଅସ୍ତ୍ରର ରୂପରେ:

ସକାରାତ୍ମକ ତଥା ନକାରାତ୍ମକ

ସମ୍ବାଦ ଏକ ମହତ୍ତ୍ୱପୂର୍ଣ୍ଣ ଅସ୍ତ୍ର ଅଟେ । ଏହା ସକରାତ୍ମକ ତଥା ନକରାତ୍ମକ ମଧ୍ୟ ହୋଇପାରେ । ଆପଣ ପଢିଥିବେ ଗୁରଗାଓଁରେ ଜଣେ ଅଷ୍ଟମଶ୍ରେଣୀର ଛାତ୍ର ତା'ର ସହପାଠିକୁ ଗୁଳିରେ ମାରି ହତ୍ୟାକରିବା । ଏହି ଖବର ହତବାକ୍ କରିଦେଇଛି । ଏହା ମଧ୍ୟ ଏକ ନକରାତ୍ମକ ସମାଚାର ଅଟେ ।

ଆପଣ ଏହା ମଧ୍ୟ ପଢିଥିବେ ସହରରେ ସାଂପ୍ରଦାୟିକ ହିଂସାରେ ଦୁଇଜଣ ଲୋକଙ୍କ ମୃତ୍ୟୁ । ଏହା ମଧ୍ୟ ନକରାତ୍ମକ ସମ୍ବାଦ ଅଟେ । ଏହି ସମ୍ବାଦରେ ଦେଶର ଅନ୍ୟଭାଗରେ ମଧ୍ୟ ସାଂପ୍ରଦାୟିକ ଦଙ୍ଗାର ଆଶଙ୍କା ଦେଖାଦେଇଥାଏ । ନକରାତ୍ମକ ସମ୍ବାଦର ପ୍ରଭାବ ନକରାତ୍ମକ ହୋଇଥାଏ ।

କିନ୍ତୁ ଆପଣ ଯଦି ଭଲଭାବରେ ଏହି ସମ୍ବାଦପତ୍ରକୁ ଧ୍ୟାନ ଦେବେ ଏଥିରେ ନକରାତ୍ମକ ସହିତ ସକାରାତ୍ମକ ଦୁଇପ୍ରକାର ସମ୍ବାଦ ଥାଏ । ଯଦି କୌଣସି ସ୍କୁଲର ଛାତ୍ର ପାଖ ଗାଁକୁ ଯାଇ ସଡକ ନିର୍ମାଣପାଇଁ ଶ୍ରମଦାନ କରେ ଏହା ସକାରାତ୍ମକ ସମ୍ବାଦ ହୋଇଯାଏ । ସେହିପରି ସଡକ କଡ ଫୁଟ୍‌ପାଥରେ ରହୁଥିବା ପିଲାଙ୍କ ପାଇଁ ଯଦି କୌଣସି ଅନୁଷ୍ଠାନ କିଛି ଭଲ କାମ କରେ ଏହାର ସମ୍ବାଦ ପ୍ରସାରଣ ସକାରାତ୍ମକ ହୋଇଥାଏ ।

ଟିପ୍ପଣୀ

ସମ୍ବାଦ ବିକାଶର ଉପକରଣ ଅଟେ । ଏଥିରେ ଅନେକ ସମୟରେ ଲୋକଙ୍କ ପାଇଁ ବାର୍ତ୍ତା ପ୍ରେରଣ ହୋଇଥାଏ । ଉଦାହରଣ ସ୍ୱରୂପ ସରକାରଙ୍କ ଦ୍ୱାରା ସ୍ନାତକ ଶ୍ରେଣୀ ପାଠପଢ଼ା ପର୍ଯ୍ୟନ୍ତ ସ୍କୁଲ/କଲେଜ ଦରମା ଛାଡ । ଏହା ବିକାଶ ସମ୍ବନ୍ଧୀୟ ସମ୍ବାଦ ଅଟେ । ଏହା ସ୍ପଷ୍ଟ କରିଥାଏ କି ଲକ୍ଷ ଲକ୍ଷ ପିଲା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉଚ୍ଚଶିକ୍ଷା ଲାଭ କରିଥାନ୍ତି ଏବଂ ଆର୍ଥିକ କାରଣରୁ ସେମାନେ ସମ୍ଭବତଃ ଏଥିରୁ ବଞ୍ଚିତ ହେବାର ସମ୍ଭାବନା ଥାଏ ।

**କାର୍ଯ୍ୟକଳାପ : 6.2**

ଗୋଟିଏ ସପ୍ତାହର ସମ୍ବାଦପତ୍ର ନିଅନ୍ତୁ ଏଥିରୁ ସକରାତ୍ମକ ଏବଂ ନକରାତ୍ମକ ସମ୍ବାଦ ବାଛନ୍ତୁ ।

**6.4 ଖବରର ପ୍ରଭାବ**

→ ସମ୍ବାଦର ସଂଜ୍ଞା

→ ସମ୍ବାଦ ତଥା ସୂଚନା ମଧ୍ୟରେ ପାର୍ଥକ୍ୟ

→ ସମ୍ବାଦର ନିର୍ଦ୍ଧାରକ କାରକ

- କେବେ ?
- କେଉଁଠି ?
- କ'ଣ ?
- କାହିଁକି ?
- କିଏ ?
- କିପରି ?

→ ସମ୍ବାଦର ମୂଲ୍ୟ

- ସମୟାନୁବର୍ତ୍ତିତା
- ପ୍ରଭାବ
- ନିକଟତର
- ବିବାଦ
- ମହତ୍ତ୍ୱ
- ସମସାମୟିକତା
- ଅସାମାନ୍ୟତା



ଟିପ୍ପଣୀ

- ଉପଯୋଗୀତା
- ଶୈକ୍ଷିକ ମୂଲ୍ୟ

→ ସମ୍ବାଦର ପ୍ରକାର

- ରାଷ୍ଟ୍ରିୟ
- ଅନ୍ତରାଷ୍ଟ୍ରିୟ
- କ୍ଷେତ୍ରିୟ
- ସ୍ଥାନୀୟ
- ହାର୍ଡ(କଠିନ)
- ସଫ୍ଟ(ସରଳ)

→ ବାସ୍ତବିକତା, ନିରପେକ୍ଷତା ତଥା ବିଶ୍ୱସନୀୟତା

→ ଅସ୍ତ୍ର ରୂପରେ ସମ୍ବାଦ-ସକରାତ୍ମକ ତଥା ନକରାତ୍ମକ